

‘ନୋ ଏଣ୍ଟ୍ରି ୨’ ଛାଡ଼ିଲେ ବରୁଣ

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-111 ◆FRIDAY ◆17 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୧୧ ◆ଶୁକ୍ରବାର ◆୧୭ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





THIS DHANTERAS & DIWALI GET THE ULTIMATE
GOLD RATE PROTECTION PLAN
PAY JUST 15% AND LOCK YOUR GOLD RATE NOW*

KHIMJI®
JEWELLERS SINCE 1936

BHUBANESWAR: SHAHEED NAGAR, CHANDRASHEKHARPUR, SOUBHAGYANAGAR, SAMANTARAPUR | ANGUL BERHAMPUR CUTTACK JHARSUGUDA PURI ROURKELA


## ମହଙ୍ଗା ଭତ୍ତା ୩ % ବଢ଼ିଲା

**ପିଛିଲା ଭାବେ ଜୁଲାଇ ମାସରୁ ଲାଗୁ**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୀପାବଳି ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟିଆଇରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ। ଏହାଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

### ଜନସମ୍ପର୍କ ପଦଯାତ୍ରାରେ ନବୀନ

# ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା’ର ସେବା ଜାରି ରଖିବି



**ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ**

**ଶଙ୍ଖ ହୁଳହୁଳିରେ ସ୍ୱାଗତ କଲେ ମହିଳା**

**ନବୀନ ଜିନ୍ଦାବାଦ ସ୍ଲୋଗାନରେ କମ୍ପିଲା ଅଞ୍ଚଳ**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ବିଜୁ ଜନତା ଦଳ ଆପଣମାନଙ୍କର ଦଳ। ସମଗ୍ର ଓଡ଼ିଶାବାସୀଙ୍କ ଦଳ। ମୁଁ ସବୁବେଳେ ଆପଣଙ୍କ ସହ ରହିଛି ଆଉ ରହିଥିବି। ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା’ର ସେବା ଜାରି ରଖିବି ବୋଲି କହିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଜର ୭୯ତମ ଜନ୍ମଦିନ ତଥା ବିଜେଡି ପକ୍ଷରୁ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ।।ରେ ଯୋଗଦେଇ ଦଳୀୟ କର୍ମୀଙ୍କୁ ସାଧାରଣ ଲୋକଙ୍କ ସହ ଯୋଡ଼ିହୋଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ସେବା ହିଁ ବିଜୁ ଜନତା ଦଳର ମୂଳମନ୍ତ୍ର, ମୂଳ ଆଦର୍ଶ। ତେଣୁ ଏହାକୁ ବ୍ରତ ବାବେ ଗ୍ରହଣ କରି ସାଧାରଣ ଜନତାଙ୍କ ସେବା ଜାରି ରଖିବାକୁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ନବୀନ କର୍ମୀମାନଙ୍କ ଗହଣରେ କିଛି ବାଟ ପଦଯାତ୍ରା କରିଥିଲେ। ନବୀନଙ୍କୁ ପାଖରେ ପାଇ ଦଳୀୟ ନେତା ଓ କର୍ମୀମାନେ ବେଶ୍ ଉତ୍ସାହିତ ହୋଇ ପଡୁଥିବା ବେଳେ ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ସାଧାରଣ ଲୋକେ ମଧ୍ୟ ଅସମ୍ଭବ ଭିଡ଼ ଜମାଇଥିଲେ। ମହିଳାମାନଙ୍କ ହୁଳହୁଳି, ଶଙ୍ଖ ବାଦନ ସ୍ୱର ସହ ▶ପୃଷ୍ଠା-୭

## ଶିଶୁ ଗ୍ରାମରେ ପାଳିଲେ ଜନ୍ମଦିନ



**ପିଲାଙ୍କୁ ବାଣ୍ଟିଲେ କେକ୍ ଓ ଚକୋଲେଟ**

**ଫୋନ୍ କରି ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

**ଶୁଭକାମନା କଲେ ଧର୍ମେନ୍ଦ୍ର, ଜୁଏଲ୍, ଶିବରାଜ ଓ ବହୁ ବିଶିଷ୍ଟ ବ୍ୟକ୍ତି**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ନିଜର ୭୯ତମ ଜନ୍ମଦିନକୁ ଛୋଟଛୋଟ ପିଲାମାନଙ୍କ ଗହଣରେ ନିଆରା ଢଙ୍ଗରେ ପାଳନ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିରାଡମ୍ବର ଜୀବନଶୈଳୀରେ ବିଶ୍ୱାସ ରଖୁଥିବା ନବୀନ ଛୋଟଛୋଟ ପିଲାଙ୍କ ଗହଣରେ ଜନ୍ମଦିନ ପାଳନ କରିବାକୁ ପସନ୍ଦ କରିବା ସହ ସେମାନଙ୍କ ଗହଣରେ ▶ପୃଷ୍ଠା-୭

## ବିଦାୟ ନେଲା ମୌସୁମୀ

**୨୪ରେ ଲଘୁଚାପ, ଓଡ଼ିଶାରେ ଆଂଶିକ ପ୍ରଭାବ**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ସାରା ରାଜ୍ୟରୁ ବିଦାୟ ନେଇଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଗତ ୧୩ ତାରିଖରେ ମୌସୁମୀ ଉତ୍ତର ଓଡ଼ିଶାରୁ ଅପସାରଣ ଆରମ୍ଭ ହୋଇଥିଲା। ୩ ଦିନ ମଧ୍ୟରେ ଏହା ଓଡ଼ିଶା ସମେତ ସାରା ଦେଶରୁ ବିଦାୟ ନେଇଛି। ମୌସୁମୀ ବିଦାୟ ପରେ ପରେ ରାଜ୍ୟରେ ତାପମାତ୍ରା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏବେ ରାତିରେ କାକର ମାତ୍ରା ବୃଦ୍ଧି ପାଇଥିବା ବେଳେ କିଛି ମାତ୍ରାରେ ଥଣ୍ଡା ମଧ୍ୟ ବଢ଼ିଛି।

ଅନ୍ୟପଟେ ଆସନ୍ତା ୨୪ ତାରିଖ ବେଳକୁ ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରାଥମିକ ଆକଳନ ଅନୁଯାୟୀ, ଏହା ଅଧିକ ଘନୀଭୂତ ହୋଇପାରେ। ମାତ୍ର କେତେ ଘନୀଭୂତ ହେବ ତାହା ସ୍ପଷ୍ଟ ହୋଇନାହିଁ। ସମ୍ଭବତଃ ଏହା ଆନ୍ଧ୍ର କିମ୍ବା ତାମିଲନାଡୁ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ଯଦି ଏହା ଆନ୍ଧ୍ର ଉପକୂଳ ମୁହାଁ ହୁଏ, ତେବେ ଓଡ଼ିଶାର ଦକ୍ଷିଣ ଭାଗ ଓ ଏହାର ସଂଲଗ୍ନ କିଛି ଜିଲ୍ଲା ସମେତ ପ୍ରାୟ ଜଗତସିଂହପୁର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ବିଶେଷକରି ଉପକୂଳବର୍ତ୍ତୀ କିଛି ଜିଲ୍ଲାରେ ବର୍ଷା ହେବା ସହ ବାକି କିଛି କିଛି ସ୍ଥାନରେ ମେଘୁଆ ପାଗ ସୃଷ୍ଟି ହୋଇପାରେ ବୋଲି ସୂଚନା ମିଳିଛି।





TANISHQ

ଭାରତର ସବୁଠାରୁ ଭରସାଯୋଗ୍ୟ ଜୁଏଲର୍

ବୃହତ୍ତର ତଥା ଉତ୍ତମ କିଣାକିଣି ଅନୁଭୂତି ପାଇଁ ଏବେ
ଉଦିତ୍ ନଗର, ମେନ୍ ରୋଡ୍, ରାଉରକେଲାକୁ
ସ୍ଥାନାନ୍ତରିତ ହୋଇଛି

₹450 ପର୍ଯ୍ୟନ୍ତ ଛାଡ଼* — ପ୍ରତି ଗ୍ରାମ ସୁନା ଅଳଙ୍କାର ଉପରେ
20% ପର୍ଯ୍ୟନ୍ତ ଛାଡ଼* — ଡାଇମଣ୍ଡ ମୂଲ୍ୟ ଉପରେ

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply, For T&C visit our website.

ସୋରୁମ୍: ଇଣ୍ଡିଆ ଜୁଏଲ୍ସ ପ୍ରାଇଭେଟ୍ ଲିମିଟେଡ୍, ପ୍ଲଟ୍ ନମ୍ବର-362/2000 ଏବଂ 358/2001, ଉଦିନ୍ ନଗର,କଚେରୀ ରୋଡ୍, ମେନ୍ ରୋଡ୍, ରାଉରକେଲା-769012

ସକାଳ
THE SAKALA



# ମହିଳା ସଶକ୍ତୀକରଣର ଧ୍ୱଜାଧର ନବୀନ

## ଗତ ୧୦ ଉପନିର୍ବାଚନରେ ୭ ମହିଳା ପ୍ରାର୍ଥୀ

ଭୁବନେଶ୍ୱର,୧୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଗତ ନିର୍ବାଚନରେ ତୃତୀୟ ସ୍ଥାନରେ ରହିଥିବା ବିଜେପି ଏଥର ନିଜର ପ୍ରାର୍ଥୀ ପରିବର୍ତ୍ତନ କରି ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ନିଜର ପ୍ରତାଡିତ ପୁରୁଣା ନେତାଙ୍କୁ ଘାସିରାମଙ୍କୁ ଏଥର ହାତ ଚିହ୍ନରେ ଲଢ଼ିବାକୁ ସୁଯୋଗ ଦେଇଛି। ଏସବୁ ଭିତରେ ଗତ ନିର୍ବାଚନରେ ଏହି ଆସନକୁ ନିଜ ଦଖଲରେ ରଖିଥିବା ବିଜେଡି ନିଜର ପ୍ରାର୍ଥୀ ଘୋଷଣା କରି ପୁଣି ଥରେ ରାଜ୍ୟର ରାଜନୈତିକ ସମୀକ୍ଷକମାନଙ୍କୁ ଚକିତ କରିଦେଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ଆସନ ପାଇଁ ଦଳର ମହିଳା ବ୍ରିଗେଡ୍ ମୁଖ୍ୟ ତଥା ରାଜ୍ୟ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନାମ ଘୋଷଣା କରିଛନ୍ତି। ଏହା ସହିତ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଜାତୀୟସ୍ତରରେ ନବୀନଙ୍କ ଛବି ଆହୁରି ବଳିଷ୍ଠ ହୋଇଛି। ୨୦୧୮ ମସିହା ଠାରୁ ଓଡ଼ିଶାରେ ଅନୁଷ୍ଠିତ ୧୦ଟି ଉପନିର୍ବାଚନରେ ବିଜେଡି ୭ ଜଣ ମହିଳାଙ୍କୁ ଟିକଟ ଦେଇଛି। ଏହି ଧାରା ଏବେ ମଧ୍ୟ ଜାରି ରହିଛି। ପ୍ରଥମ ଥର ପାଇଁ ୨୦୧୮ ମସିହା ବିଜେପୁର ଉପ ନିର୍ବାଚନରେ ସେ ସ୍ୱର୍ଗତ ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁଙ୍କୁ ଦଳୀୟ ଟିକଟ ପ୍ରଦାନ କରିଥିଲେ ଓ ସେହି ଆସନରେ ସେ ବିଜୟୀ ହୋଇଥିଲେ। ପୂର୍ବବାର ୨୦୧୯ରେ ନବୀନ ବିଜେପୁର ଆସନରେ ଲଢ଼ି ପରବର୍ତ୍ତୀ ସମୟରେ ଏହାକୁ ଛାଡ଼ିଥିଲେ ଓ ପୁଣି ଥରେ ରୀତା ସାହୁ ଏଠାରୁ ଉପନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ବ୍ରଜରାଜ ନଗରରେ କିଶୋର ମହାନ୍ତିଙ୍କ ପରଲୋକ ପରେ ଅଳକା ମହାନ୍ତି ଓ ପଦମପୁର ଉପନିର୍ବାଚନରେ ବର୍ଷା ସିଂ ବରିହାଙ୍କୁ ନବୀନ ପ୍ରାର୍ଥୀ କରିଥିଲେ। ଅନୁରୂପ ଭାବରେ ୨୦୨୩ରେ ଝାରସୁଗୁଡ଼ା ଉପନିର୍ବାଚନରେ ଦୀପାଳି ଦାସ ବିଜେଡି ଟିକଟରେ ବିଜୟୀ ହୋଇଥିଲେ। ଏହା ପୂର୍ବରୁ ୨୦୨୨ ଧାମନଗର ଉପନିର୍ବାଚନରେ ମଧ୍ୟ ଅବନ୍ତୀ ଦାସଙ୍କୁ ଦଳୀୟ ଟିକଟ ମିଳିଥିଲେ ହେଁ ସେ ପରାଜିତ ହୋଇଥିଲେ। ଏବେ ଗୁରୁତ୍ୱପୂର୍ଣ୍ଣ ନୂଆପଡ଼ା ଉପନିର୍ବାଚନରେ ନବୀନ ନିଜ ଦଳର ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ ଘୋଷଣା କରି ଅନ୍ୟ ରାଜନୈତିକ ଦଳ ଓ ରାଜନୈତିକ ସମୀକ୍ଷକଙ୍କୁ ଚକିତ କରି ଦେଇଛନ୍ତି।

### ଧାମନଗରକୁ ଛାଡ଼ି ସବୁଠି ବିଜେଡି ବିଜୟୀ

ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାସ୍ ହୋଇଛି। ଏହା ଆଇନରେ ପରିଣତ ହେବା ଦ୍ୱାରା ଲୋକସଭା ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରହିବ। ମାତ୍ର ଏହା ପୂର୍ବରୁ ନବୀନ ପଟ୍ଟନାୟକ ଓ ବିଜେଡି ଏ ସମ୍ପର୍କିତ ଦାବି ବହୁ ଆଗରୁ କରି ଆସୁଥିଲେ। ବିଜେଡି ଏକମାତ୍ର ଆଞ୍ଚଳିକ ଦଳ ଭାବେ ଏହି ଦାବି ନେଇ ୨୨ଟି ଦଳ ପାଖକୁ ସମର୍ଥନ ପାଇଁ ଯାଇଥିଲା। ଏହା ୨୦୧୯ ସାଧାରଣ ନିର୍ବାଚନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷିତ ରହିଥିବା ବେଳେ ଗତ ବିଧାନସଭା ନିର୍ବାଚନରେ ଦଳ ୩୪ ଜଣ ମହିଳାଙ୍କ ପ୍ରାର୍ଥୀତ୍ୱ କରିଥିଲା। ସେହିପରି ମହିଳାଙ୍କୁ ସଶକ୍ତ କରିବା ପାଇଁ ବିଜେଡି ଅନ୍ୟାନ୍ୟ ପଦକ୍ଷେପ ମଧ୍ୟ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ୫୦ ପ୍ରତିଶତ ମହିଳାଙ୍କୁ ଟିକେଟ୍ ଦେଇ ବିଜେଡି ନୂଆ ରେକର୍ଡ କରିଛି। ଯାହାର ପ୍ରଭାବ ସ୍ୱରୂପ ରାଜ୍ୟର ୩୦ଟି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ମଧ୍ୟରୁ ୨୧ ଜଣ ମହିଳାଙ୍କୁ ବିଜେଡି ଅଧ୍ୟକ୍ଷ ପଦରେ ବସାଇବାକୁ ସକ୍ଷମ ହୋଇପାରିଛି। ସେହିପରି ରାଜ୍ୟର ୩ଟି ନିର୍ବାଚିତ ମହାନଗର ନିଗମ ବିଜେଡି ହାତେଇଥିବାବେଳେ ଦୁଇଟି ସ୍ଥାନରେ ଦୁଇଜଣ ମହିଳା ମେୟର ହୋଇଥିଲେ। ଏଭଳି ମହିଳାକେନ୍ଦ୍ରିକ ନିଷ୍ପତ୍ତି ପାଇଁ ଦଳ ମତ ନିର୍ବିଶେଷରେ ନବୀନଙ୍କ ରାଜ୍ୟର ଓ ଦେଶର ବହୁ ବଡ଼ ବଡ଼ ମହିଳା ନେତ୍ରୀମାନେ ପ୍ରଶଂସା କରିଛନ୍ତି। ପୁଣି ଏକ ଉପନିର୍ବାଚନରେ ନବୀନ ମହିଳାଙ୍କ ହାତରେ ମଙ୍ଗ ଧରାଇଥିବାରୁ ଅନେକ ଏହାକୁ ଏକ ମାଷ୍ଟର ଷ୍ଟ୍ରୋକ୍ ବୋଲି ଆଖ୍ୟା ଦେଇଛନ୍ତି।

■ ପେଟ୍ରୋଲ ଢାଳି ମହିଳାଙ୍କୁ ହତ୍ୟା ଘଟଣା

# ହତ୍ୟାକାରୀକୁ ଆଜୀବନ ଜେଲ୍

ଜଗତସିଂହପୁର, ୧୬।୧୦(ସମିସ): ଜଗତସିଂହପୁର ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ ୨୦୨୧ରେ ବାଲିକୁଦା ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସୁଦାମ ସ୍ୱାଇଁକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

ସୂଚନା ମୁତାବକ, ସ୍ୱାମୀଙ୍କ ଦେହାନ୍ତ ପରେ ବାଲିକୁଦା ଥାନା ଅନ୍ତର୍ଗତ ଓଚିନ୍ଦା ଗ୍ରାମର ସସ୍ମିତା ପାଲ ବାପଘର ମଙ୍ଗପୁରରେ ରହୁଥିଲେ। ସ୍ୱାମୀଙ୍କ ସାଙ୍ଗ ଓଚିନ୍ଦା ଗ୍ରାମର ସୁଦାମ ସ୍ୱାଇଁ ତାଙ୍କ ନିକଟକୁ ଯିବା ଆସିବା କରିବା ସହ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିଲା। ତେବେ କୌଣସି କାରଣରୁ ସମ୍ପର୍କରେ ତିକ୍ତତା ହେବାରୁ ୨୦୨୧ ଏପ୍ରିଲ ୧୧ ତାରିଖ ରାତିରେ ସୁଦାମ ଉତ୍ତ୍ୟକ୍ତ ହୋଇ ସସ୍ମିତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା। ଗୁରୁତର ଅବସ୍ଥାରେ ସସ୍ମିତାଙ୍କୁ କଟକ ମେଡିକାଲ ନିଆଯାଇଥିଲା। ସେଠାରେ ଗୋଟିଏ ଦିନ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ପୂର୍ବରୁ ସସ୍ମିତା ଦେଇଥିବା ଏତଲାକୁ ଆଧାର କରି ବାଲିକୁଦା ପୁଲିସ ଅଭିଯୁକ୍ତ ସୁଦାମ ସ୍ୱାଇଁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପବ୍ଲିକ୍ ପ୍ରସିକ୍ୟୁଟର ତପନ ପାଲଙ୍କ ମାମଲା ପରିଚାଳନା କରୁଥିଲେ।

■ ରାଜପଥରେ ବାଣ ବିସ୍ଫୋରଣ ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଲେ ବାପା

ଭୁବନେଶ୍ୱର, ୧୬।୧୦ (ସମିସ): ଆଚାର୍ଯ୍ୟବିହାର ଓଭରବ୍ରିଜ୍‌ରେ ବାଣ ବିସ୍ଫୋରଣରେ ଗୁରୁତର ହୋଇଥିବା ସ୍କୁଟି ଚାଳକ ଆଜି ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି, ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣି ରୋଡ୍‌ର ପର୍ଶୁରାମ ଲେଙ୍କା।

ଗତକାଲି ପର୍ଶୁରାମ ଓ ତାଙ୍କ ଝିଅ ସ୍ନେହା ବାଘମାରୀ ଅଞ୍ଚଳରୁ ବାଣ ଆଣି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ପର୍ଶୁରାମ ଭାରସାମ୍ୟ ହରାଇ ଆଚାର୍ଯ୍ୟ ବିହାର ଓଭରବ୍ରିଜ୍ ଉପରେ ଏକ କାର୍‌କୁ ଧକ୍କା ଦେଇଥିଲେ। ଫଳରେ ଉଭୟ ବାପ-ଝିଅ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ଯୋଗୁଁ ବାଣଗୁଡ଼ିକ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଓ ଦୁର୍ଘଟଣାରେ ପର୍ଶୁରାମ ଓ ସ୍ନେହା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାରଲୋକେ ଉଭୟଙ୍କୁ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଇଥିଲେ। ଆଜି ସକାଳେ ପର୍ଶୁରାମ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ପରିବାରଲୋକଙ୍କ ଅଭିଯୋଗ ଆଧାରରେ ବଡ଼ଗଡ଼ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେପଟେ ଚିକିତ୍ସାଧୀନ ସ୍ନେହାଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଛି।

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ସୁଟର୍, ବ୍ୟବସାୟୀ ଓ ଅପରାଧୀଙ୍କୁ ମୁହାଁମୁହିଁ ଜେରା

ବ୍ରହ୍ମପୁର, ୧୬।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ମୁଖ୍ୟ କାର୍ପଟଦାର ନିକଟରେ ପହଞ୍ଚିବାକୁ ଜୋରସୋର୍ ଉଦ୍ୟମ କରୁଛି ପୁଲିସ। ଏହି ଘଟଣାରେ ପୁଲିସ କିଛି ଅପରାଧୀ ଓ ସହଯୋଗୀଙ୍କୁ ମୁହାଁମୁହିଁ ଜେରା କରୁଥିବା ଜଣାପଡ଼ିଛି। ପୁଲିସ ପଞ୍ଝାରେ ଥିବା ସାର୍ପସୁଟର୍ ସମେତ ପୀତବାସଙ୍କ ସମ୍ପର୍କରେ ଘଟଣା ଦିନ ଦିନତମାମ ରେକି କରିବାରେ ନିୟୋଜିତ ଯୁବକ, କିଛି ବ୍ୟବସାୟୀ ଓ ପୁରୁଣା ଅପରାଧୀଙ୍କୁ ଗୋଳନ୍ଥରା ଥାନାରେ ଜେରା କରାଯାଉଥିବା ଜଣାପଡ଼ିଛି। ରାଜ୍ୟ ବାହାରୁ ପୁଲିସ ଉଠାଇ ଆଣିଥିବା ସାର୍ପସୁଟର୍ ସହ କିଭଳି ଯୋଗସୂତ୍ର ସ୍ଥାପନ ହୋଇଥିଲା, ସେନେଇ ପୁଲିସ ଖୋଳତାଡ଼ କରୁଛି।



ସେପଟେ ଗୁଳିକାଣ୍ଡର ୧୧ ଦିନ ପରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମୁହଁ ଖୋଲିଛନ୍ତି। ଏହି ହତ୍ୟା ମାମଲାରେ କିଛି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ଖୁବ୍‌ଶୀଘ୍ର ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହେବ ବୋଲି ଡିଜି କହିଛନ୍ତି। ଡିଜିଙ୍କ ଏହି ବୟାନରୁ ପୁଲିସକୁ ଏକ ବଡ଼ ସୁରାକ ମିଳିଥିବା କୁହାଯାଉଛି।

ହତ୍ୟାକାଣ୍ଡ ପଛର ମାଷ୍ଟରମାଇଣ୍ଡ ଏବଂ ଷଡ଼ଯନ୍ତ୍ରର ରହସ୍ୟ ଭେଦ କରିବାକୁ ଦିନରାତି ଏକ କରିଦେଇଛି ପୁଲିସ। ସନ୍ଦେହରେ ଅଟକ ଥିବା କିଛି ବ୍ୟକ୍ତି ଓ ବ୍ୟବସାୟୀଙ୍କ ଜରିଆରେ ମାଷ୍ଟରମାଇଣ୍ଡର ନିକଟତର ହେବାକୁ ଚେଷ୍ଟା ଜାରି ରଖିଛି। ପୁଲିସ ବିହାର, ଦିଲ୍ଲୀ, କୋଲକତା, ପୁରୀ, କଟକ, ପାରାଦ୍ୱୀପ ଏବଂ ଗଞ୍ଜାମର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅନେକ ତଥ୍ୟ ହାସଲ ସହିତ କିଛି ଅପରାଧୀଙ୍କୁ ଉଠାଇ ଆଣିଛି। ଜେରା ପରେ କେତେଜଣଙ୍କୁ ସର୍ତ୍ତମୂଳକ ଭାବେ ଛଡ଼ାଯାଇଥିବା ଜଣାପଡ଼ିଛି।

■ ବାଲାଜୀର ହୋଇପାରେ ପଲିଗ୍ରାଫ୍ ଟେଷ୍ଟ
■ ଖୁବ୍‌ଶୀଘ୍ର ହତ୍ୟାକାଣ୍ଡର ଖୁଲାସା ହେବ : ଡିଜି

ପୀତବାସଙ୍କ ହତ୍ୟା ଘଟଣାରେ ବିହାରୀ ସାର୍ପସୁଟରଙ୍କୁ ନିୟୋଜିତ କରାଯାଇଥିବା ବେଳେ ସେମାନଙ୍କୁ ପୁଲିସ ରାଜ୍ୟ ବାହାରୁ ଧରିବାରେ ସଫଳ ହୋଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ହତ୍ୟାକାଣ୍ଡକୁ ନେଇ କିଛି ବ୍ୟବସାୟୀ, ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସମେତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଉପରେ ମଧ୍ୟ ପୁଲିସ ନଜର ରଖିଛି। ସେପଟେ ହତ୍ୟାକାଣ୍ଡ ପରେ ଭିନ୍ନଭିନ୍ନ ବୟାନ ଦେଇ ଚର୍ଚ୍ଚାର ପରିସରକୁ ଆସିଥିବା ମୃତ ପୀତବାସଙ୍କ ନିକଟତମ ସହଯୋଗୀ ବାଲାଜୀ ରେଡ୍ଡୀଙ୍କୁ ପୁଲିସ ବାରମ୍ବାର ଜେରା କରିସାରିଛି। ତେବେ ବାଲାଜୀଙ୍କ କଥାରେ କେତେ ସତ୍ୟତା ଅଛି, ତାହା ଜାଣିବାକୁ ତାଙ୍କର ପଲିଗ୍ରାଫ୍ ଟେଷ୍ଟ କରିବାକୁ ପୁଲିସ ଯୋଜନା କରିଛି। ଏଥିପାଇଁ ସେ ବାଲାଜୀଙ୍କୁ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଫୋରେନ୍‌ସିକ ଟେଷ୍ଟିଂ ଲ୍ୟାବ୍‌କୁ ନେଇଥିବା ସୂଚନା ମିଳିଛି।

# ନାବାଳକ ସହ ଅନୈତିକ ସମ୍ପର୍କ ରଖି ସଂପର୍କୀୟା ମାଉସୀ ଗର୍ଭବତୀ

କୋରାପୁଟ, ୧୬।୧୦ (ସମିସ): ଜଣେ ନାବାଳକକୁ ଭୟଭୀତ କରାଇ ତା' ସହ ଜୋରଜବରଦସ୍ତ ଅନୈତିକ ସମ୍ପର୍କ ରଖି ଗର୍ଭବତୀ ହେବା ଏବଂ ପରେ ତାକୁ ବିବାହ କରିବାକୁ ଜଣେ ମହିଳା ଧମକ ଦେବା ଭଳି ଘଟଣା କୋରାପୁଟ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। କୋରାପୁଟ ସଦର ଥାନା କୋଲାବନଗର ଅଞ୍ଚଳରେ ଏହି ଘଟଣା ଘଟିଛି। ନାବାଳକଙ୍କ ମା'ଙ୍କ ଅଭିଯୋଗକୁ ଆଧାର କରି ପୁଲିସ ନାବାଳକର ସଂପର୍କୀୟା ମାଉସୀ ବିରୋଧରେ ନମ୍ବର ୧୭୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଥାନାରେ ଏତଲା ଦେଲେ ନାବାଳକର ମା'

ସୂଚନାନୁଯାୟୀ, ୧୫ ବର୍ଷର ଉକ୍ତ ନାବାଳକ ଗତ କିଛି ଦିନ ହେବ ଅତ୍ୟନ୍ତ ଗମ୍ଭୀର ଓ ଚୁପଚାପ ରହୁଥିବା ଦେଖି ମା'ଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ସେ ପଚରାଉଚରା କରିବାରୁ ସଂପର୍କୀୟା ମାଉସୀର ଯୌନ ଶୋଷଣ ସଂପର୍କରେ ସେ କହିଥିଲା। ଗତ ୧୨ ତାରିଖ ସନ୍ଧ୍ୟାରେ ତା' ସମ୍ପର୍କୀୟ ମାଉସୀ କିପରି ତାକୁ ଭୟଭୀତ କରାଇ ଶାରୀରିକ ସଂପର୍କ ରଖିବାକୁ ବାଧ୍ୟ କରିଥିଲେ, ସେ ସଂପର୍କରେ କହିଥିଲା। ପୁଅଠାରୁ ଏ ସଂପର୍କରେ ଜାଣିବା ପରେ ମା'ଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ଏ ସଂପର୍କରେ ସେ ଉକ୍ତ ସଂପର୍କୀୟା ମାଉସୀଙ୍କୁ ପଚରାଉଚରା କରିବାରୁ ସେ ଓଲଟା ଧମକଚମକ ଦେଇଥିଲେ। 'ତୁମ ପୁଅ ଦ୍ୱାରା ମୁଁ ଗର୍ଭବତୀ ହୋଇଥିବାରୁ ତାକୁ ବିବାହ କରି ଏହି ଘରେ ରହିବି ବୋଲି' ଅଡ଼ି ବସିଥିଲେ। ପରେ ଏ ସଂପର୍କରେ ପୁଅର ମା' କୋରାପୁଟ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ସମ୍ପର୍କୀୟ ମାଉସୀକୁ ପୁଲିସ ଅଟକ ରଖି ତଦନ୍ତ କରୁଥିବା ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି। ଗର୍ଭବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ତାଙ୍କୁ ପୁଲିସ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଛି।

# କମ୍ପାନୀ ଦେବାଳିଆ ହେଲେ ବି ନିର୍ଦ୍ଦେଶକ ଚେକ ବାଉନ୍ସର ଉତ୍ତରଦାୟିତ୍ୱରୁ ମୁକୁଳିପାରିବେ ନାହିଁ: ହାଇକୋର୍ଟ

କଟକ,୧୬।୧୦ (ସମିସ): କେବଳ କମ୍ପାନୀ ଦେବାଳିଆ ଘୋଷିତ ହୋଇଥିବା କାରଣରୁ ଏହାର ନିର୍ଦ୍ଦେଶକ ଚେକ୍‌ଅମାନ୍ୟର ଦାୟିତ୍ୱରୁ ମୁକୁଳିପାରିବେ ନାହିଁ ବୋଲି କହିଛନ୍ତି ଓଡିଶା ହାଇକୋର୍ଟ। ଏନ୍‌ଆଇ ଆଇନର ଧାରା ୧୩୮ ଅନୁସାରେ ଏହା ସ୍ଥିରୀକୃତ ଅଟେ। ଏଣୁ ଏହି ଆଇନ ଅନୁସାରେ ଚେକ ଅନାଦର ଭଳି ଅପରାଧ ପାଇଁ କୌଣସି କମ୍ପାନୀର ନିର୍ଦ୍ଦେଶକମାନଙ୍କୁ ସେମାନଙ୍କର ଦାୟିତ୍ୱରୁ ମୁକ୍ତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏକ ଦେବାଳିଆ କମ୍ପାନୀର ନିର୍ଦ୍ଦେଶକଙ୍କ ଉତ୍ତରଦାୟିତ୍ୱ ନିର୍ଣ୍ଣୟ କରି ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ମାମଲାରୁ ପ୍ରକାଶ, ଆବେଦନକାରୀଜଣଙ୍କ ଜେନିଥ୍ ମାଇନିଂ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ। ତାଙ୍କୁ ଜଣେ ବ୍ୟକ୍ତି ୧ କୋଟି ଟଙ୍କାର ଏକ ବନ୍ଧୁତ୍ୱପୂର୍ଣ୍ଣ ଋଣ ପ୍ରଦାନ କରିଥିଲେ। ଉକ୍ତ ରାଶି ଆବେଦନକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥିଲା ଏବଂ ଏକ ବର୍ଷ ମଧ୍ୟରେ ଏହା ପରିଶୋଧ କରାଯିବ ବୋଲି ଉକ୍ତ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ କମ୍ପାନୀ ଋଣ ରାଶି ଫେରସ୍ତ କରିବାରେ ବିଫଳ ହେବା ପରେ ଅଭିଯୋଗକାରୀଜଣଙ୍କ ଆବେଦନକାରୀଙ୍କୁ ଫେରାଦ ହୋଇଥିଲେ। ପରେ କମ୍ପାନୀ ପକ୍ଷରୁ, ଅଭିଯୋଗକାରୀଙ୍କୁ ଗତ ୨୦୨୧ ଜୁନ୍ ୨୫ରେ ଆବେଦନକାରୀ ୧ କୋଟି ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଅଭିଯୋଗକାରୀ ଦୁଇଥର ବ୍ୟାଙ୍କରେ ଉକ୍ତ ଚେକ୍ ଉପସ୍ଥାପନ କରିଥିଲେ ହେଁ ତାହାକୁ ଅଗ୍ରାହ୍ୟ କରାଯାଇଥିଲା। ପରେ ଅଭିଯୋଗକାରୀ ଏକ ଆଇନଗତ ନୋଟିସ୍ ଜାରି କରିବା ସହ ନିମ୍ନ ଅଦାଲତରେ ମାମଲା ରୁଜୁ କରିଥିଲେ। ସେହିଭଳି ଆବେଦନକାରୀଙ୍କ ପକ୍ଷରୁ ନିମ୍ନ ଅଦାଲତରେ ରୁଜୁ ମାମଲାରୁ ମୁକ୍ତ ପାଇଁ ଏକ ଡିସଚାର୍ଜ ପିଟିସନ୍ ଦାଖଲ ହୋଇଥିଲା। ଯାହାକୁ ଅଦାଲତ ଖାରଜ କରିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପରୋକ୍ତ ବିଷୟକୁ ବିଚାର କରି ନିମ୍ନ ଅଦାଲତରେ ବିଚାରାଧୀନ ମାମଲା ଏନ୍‌ଆଇ ଆଇନର ଧାରା ୧୩୮ ଅନୁଯାୟୀ ଅପରାଧରୁ ଉପୁଜିଥିବା କାର୍ଯ୍ୟଧାରାକୁ ପ୍ରଭାବିତ କରିବ ନାହିଁ ବୋଲି ହାଇକୋର୍ଟ କହିବା ସହ ଆବେଦନକାରୀଙ୍କ ମାମଲାକୁ ଖାରଜ କରି ନିମ୍ନ ଅଦାଲତଙ୍କ ଆଦେଶ କାଏମ ରଖିଛନ୍ତି।

# ବିଜେପିର ୪୦ ଜଣିଆ ତାରକା ପ୍ରଚାରକ

### ୨ ମୁଖ୍ୟମନ୍ତ୍ରୀ, ୩ କେନ୍ଦ୍ରମନ୍ତ୍ରୀ କରିବେ ପ୍ରଚାର

ଭୁବନେଶ୍ୱର, ୧୬।୧୦ (ସମିସ): ନୂଆପଡ଼ା ଉପନିର୍ବାଚନ ପ୍ରରିପେକ୍ଷୀରେ ବିଜେଡି ପକ୍ଷରୁ ୪୦ଜଣିଆ ତାରକା ପ୍ରଚାରକ ତାଲିକା ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ତାରକା ପ୍ରଚାରକମାନେ ପ୍ରଚାରର ମଙ୍ଗ ଧରି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ଭୋଟରଙ୍କୁ ଆକୃଷ୍ଟ କରିବେ ବୋଲି ରାଜ୍ୟ ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଷ୍ଟ୍ରୀୟ ଉପସଭାପତି ତଥା ସାଂସଦ ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ବିଜୟ ପାଲସିଂ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡୀ ପ୍ରମୁଖ ରହିଛନ୍ତି।

# ନିଜ ଟିମ୍ ଗଢ଼ିଲେ ମନମୋହନ

### ୧୦ ଉପସଭାପତି, ୪ ସାଧାରଣ ସମ୍ପାଦକ ଓ ୧୦ ସମ୍ପାଦକ

ଭୁବନେଶ୍ୱର,୧୬।୧୦(ସମିସ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଗୁରୁବାର ଦଳ ପକ୍ଷରୁ ରାଜ୍ୟ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଏହି ଟିମରେ ୧୦ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ, ୧୦ ଜଣ ସମ୍ପାଦକଙ୍କ ସହ ଜଣେ ଲେଖାଏଁ କୋଷାଧ୍ୟକ୍ଷ ଓ ଯୁଗ୍ମ ସମ୍ପାଦକ ସ୍ଥାନ ପାଇଛନ୍ତି। ଉପସଭାପତି ଭାବେ ଡ. ଯତୀନ ମହାନ୍ତି, ଅଶୋକ ମିଶ୍ର, କୁସୁମ ଟେଟେ, ରମେଶ ସାହୁ, କେ. ନାରାୟଣ ରାଓ, ଶିବାଜୀ ମହାନ୍ତି, ସୁଦର୍ଶନ ଗୋଏଲ, ବିଷ୍ଣୁ ଦାଶ, ଭବେନ୍ଦ୍ର ପଣ୍ଡା ଓ ସିପ୍ରା ବାଜପାୟୀ ସ୍ଥାନ ପାଇଛନ୍ତି। ସାଧାରଣ ସଂପାଦକ ଭାବେ ବିରଞ୍ଚି ତ୍ରିପାଠୀ, ଶାରଦା ଶତପଥୀ, ସୀମାଞ୍ଚଳ ଖଟେଇ ଓ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକଙ୍କୁ ଦାୟିତ୍ୱ ମିଳିଛି। ସଂପାଦକ ଭାବେ ପିଙ୍କି ପ୍ରଧାନ, ରମେଶ ହାଁସଦା, ମମତା ସିଂହ, ପୃଥ୍ୱୀରାଜ ମହାପାତ୍ର, ସ୍ମିତା ପ୍ରଧାନ, ସରୋଜ କର, କାଳିନ୍ଦୀ ସାମଲ, ସ୍ମୃତି ପଟ୍ଟନାୟକ, ପ୍ରୀତି ପ୍ରତିଭା ଭୋଳ ଓ ଭଗବାନ ମହାନ୍ତିଙ୍କୁ ଦାୟିତ୍ୱ ଦେଇଛନ୍ତି ମନମୋହନ। ସେହିପରି କୋଷାଧ୍ୟକ୍ଷ ଭାବେ ଅଜୟ ଅଗ୍ରୱାଲ ଓ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦିବାକର ହରିଚନ୍ଦନ ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି।

# ପ୍ରଚଣ୍ଡ ଶବ୍ଦରେ ଥରିଲା ବାଲେଶ୍ୱର

ବାଲେଶ୍ୱର,୧୬।୧୦(ସମିସ): ଗୁରୁବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଏକ ପ୍ରଚଣ୍ଡ ଶବ୍ଦରେ ବାଲେଶ୍ୱର ସହର ଥରି ଉଠିଥିଲା। ଏହା ଏତେ ଭୟଙ୍କର ଓ ଭୀଷଣ ଥିଲା ଯେ ଲୋକେ ଭୟରେ ଘର ବାହାରକୁ ଚାଲି ଆସିଥିଲେ।। ହେଲେ କେଉଁ କାରଣରୁ ଓ କେଉଁଠାରୁ ଏହି ଶବ୍ଦ ଆସିଲା, ତାହାର ସଠିକ୍ କାରଣ ଜଣାପଡ଼ି ନଥିବା ବେଳେ ଜେଟ୍‌ର ଶବ୍ଦ କିମ୍ବା ଚାନ୍ଦିପୁରରେ କିଛି ପରୀକ୍ଷଣ ସମୟର ଶବ୍ଦ ବୋଲି ଚର୍ଚ୍ଚା ହେଉଛି। ସେହିପରି, ଭଦ୍ରକ ଏବଂ ମୟୂରଭଞ୍ଜରେ ମଧ୍ୟ ଏପରି ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା।

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଅନ୍ତଃସାରଶୂନ୍ୟ: ବିଜେଡି

ଭୁବନେଶ୍ୱର,୧୬।୧୦(ସମିସ): ଗୁରୁବାର ନୂଆପଡାରେ ଏକ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନୂଆପଡା ଡବଲ ଇଞ୍ଜିନର ବିକାଶ ଦେଖିବ ବୋଲି ଦେଇଥିବା ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛି ବିଜେଡି। ମୁଖ୍ୟମନ୍ତ୍ରୀଙ୍କ ହତାଶ ଭାବ ତାଙ୍କ ଭାଷଣରେ ପରିଲକ୍ଷିତ ହୋଇଛି; ଚିରାଚରିତ ଢଙ୍ଗରେ ସେ କେବଳଗୁଡ଼ିଏ ଗପ ଶୁଣାଇଛନ୍ତି, ଯାହାକୁ କେବେ ବି ନୂଆପଡାବାସୀ ଗ୍ରହଣ କରିବେ ନାହିଁ ବୋଲି କହିଛି ବିଜେଡି।

ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପି ପ୍ରାର୍ଥୀ ଆଜି ମନୋନୟନପତ୍ର ଦାଖଲ କରିବେ ବୋଲି କୁହାଯାଇଥିଲା; କିନ୍ତୁ ତାହା ହୋଇ ପାରିଲା ନାହିଁ। ବିଜେପିରେ ପ୍ରାର୍ଥୀଙ୍କୁ ନେଇ ସୃଷ୍ଟି ହୋଇଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବେବି ସମାଧାନ ହୋଇ ପାରିନାହିଁ। ସମ୍ଭବତଃ ସେହି କାରଣରୁ ମୁଖ୍ୟମନ୍ତ୍ରୀଙ୍କ ହତାଶଭାବ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଆଜି ଦେଇଥିବା ବକ୍ତବ୍ୟ ଅନ୍ତଃସାରଶୂନ୍ୟ ଥିଲା। କେବଳ ବିଜେପିର ବିଜୟ ନିଶ୍ଚିତ ବୋଲି ଦାବି କରିବା ଛଡା ତାଙ୍କ ବକ୍ତବ୍ୟରେ ଆଉ କିଛି ନଥିଲା। ପ୍ରବାଦପୁରୁଷ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନୂଆପଡ଼ା ଜିଲ୍ଲା ଜନ୍ମ ନେଇଥିଲା। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ନୂଆପଡାର ବିକାଶ ତ୍ୱରାନ୍ୱିତ ହୋଇଥିଲା। ପୂର୍ବରୁ ନୂଆପଡା ଜିଲ୍ଲା ଏକ ମରୁଡି ପ୍ରପୀଡ଼ିତ ଜିଲ୍ଲା ଭାବେ ପରିଚିତ ଥିଲା ବେଳେ ନବୀନ ପଟ୍ଟନାୟକଙ୍କ ସମୟରେ ଅପର-ଜଙ୍କ୍ ଏବଂ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ନୂଆପଡା ସବୁଜିମାର ରୂପ ନେଇଥିଲା। ସେହିପରି ଗମନାଗମନ କ୍ଷେତ୍ରରେ, ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ହେବା ପରେ ଐତିହାସିକ ପ୍ରଗତି ହାସଲ ହୋଇଛି। ଜିଲ୍ଲାର ସମସ୍ତ ସ୍କୁଲ ଓ ହସ୍ପିଟାଲର ରୂପାନ୍ତିକରଣ ହୋଇ ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ହୋଇଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନୂଆପଡାରେ 'ଝିଅ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ହାତକୁ ନେଇ ମହିଳା ସଶକ୍ତୀକରଣକୁ ସେ ଅଞ୍ଚଳରେ ଦୃଢ଼ କରିଥିଲେ। ନୂଆପଡାବାସୀ ବିଜୁ ଜନତା ଦଳ ସହିତ ଅଛନ୍ତି। ଉପନିର୍ବାଚନରେ ନୂଆପଡାବାସୀ ବିଜେଡି ସପକ୍ଷରେ ମତଦାନ କରିବେ ବୋଲି ଡ. ମହାନ୍ତି ଦୃଢ଼ୋକ୍ତି କରିଛନ୍ତି।

■ ଗତ ୧୬ ମାସରେ ଡବଲ ଇଞ୍ଜିନ ସରକାର ଫେଲ୍ ମାରିଛି
■ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟରେ ହତାଶାଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଛି
■ ହୋଇ ପାରିଲାନି ବିଜେପି ପ୍ରାର୍ଥୀଙ୍କ ମନୋନୟନପତ୍ର ଦାଖଲ

# କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,୧୬।୧୦(ସମିସ): ଚଳିତ ଶିକ୍ଷାବର୍ଷ ପାଇଁ 'କୃଷି ବିଦ୍ୟାନିଧି ଯୋଜନା'ରେ ଛାତ୍ରବୃତ୍ତି ପାଇଁ ଆବେଦନ ଆରମ୍ଭ ହୋଇଛି। ସିଏମ୍-କିଷାନ୍ ସହାୟତା ରାଶି ପାଉଥିବା କୃଷକ ପରିବାରର ପିଲାମାନେ ନଭେମ୍ବର ୩୦ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଡିସେମ୍ବର ୧୫ ତାରିଖ ମଧ୍ୟରେ ଆବେଦନଗୁଡ଼ିକୁ ଶିକ୍ଷାନୁଷ୍ଠାନର ମୁଖ୍ୟ ବା ଅଧ୍ୟକ୍ଷ ଯାଞ୍ଚ କରିବେ। ସେହିପରି ଜାନୁଆରୀ ୧୫ ତାରିଖ ମଧ୍ୟରେ ଆବେଦନଗୁଡ଼ିକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ) ଯାଞ୍ଚ କରିବେ। ଏହାପରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ କରାଯିବ ବୋଲି କୃଷି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।


ସୂଚନାଯୋଗ୍ୟ 'କାଳିଆ' ଛାତ୍ରବୃତ୍ତିର ନାମ ପରିବର୍ତ୍ତନ କରାଯାଇ କୃଷି ବିଦ୍ୟାନିଧି ଯୋଜନା କରାଯାଇଛି। କୃଷକ ପରିବାରର ପିଲାଙ୍କୁ ବୈଷୟିକ ଶିକ୍ଷା ପାଇଁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ।

### ସରକାରୀ ଜମିକୁ ନେଇ ଦୁଇ ଗାଁ ହାତାହାତି

# ହନୁମାନ ବାଟିକା ରଣକ୍ଷେତ୍ର

ସାନଖେମୁଣ୍ଡି, ୧୬।୧୦ (ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ତହସିଲ, ପାଟପୁର ଥାନା ଅନ୍ତର୍ଗତ ଡେଙ୍ଗାଓସ୍ତା ଛକ ନିକଟରେ ଥିବା ଏକ ସରକାରୀ ଜମିକୁ ନେଇ ଗୁରୁବାର ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ଘେରାଉଠାରୁ ଆରମ୍ଭ କରି ଟାୟାର ଜାଳି ରାଜପଥ ଅବରୋଧ, ଢେଲାପଥର ମାଡ଼ ଭଳି ହିଂସା ଘଟିଛି। ଏପରିକି, ଗୋଟିଏପକ୍ଷର ଢେଲା, ପଥର ମାଡ଼ରେ ଉକ୍ତ ଜାଗାରେ ନିର୍ମାଣ ହୋଇଥିବା ହନୁମାନ ବାଟିକାର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଉକ୍ତ ସ୍ଥାନରେ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଲାଗୁ କରାଯିବା ସହ ୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଖବର ଲେଖା ହେବା ସୁଦ୍ଧା, ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପୁଲିସ ଉକ୍ତ ଅଞ୍ଚଳରେ ତୀକ୍ଷ୍ଣ ନଜର ରଖିଛି।

ସୂଚନାନୁଯାୟୀ, ଦୀର୍ଘ ବର୍ଷ ହେଲା ଡେଙ୍ଗାଓସ୍ତା ଛକ ନିକଟରେ ଏକ ପରିତ୍ୟକ୍ତ ପୋଖରୀକୁ ସାନଖେମୁଣ୍ଡି ପ୍ରଶାସନ ପକ୍ଷରୁ ପୋତି ଦିଆଯାଇଥିଲା। ଉକ୍ତ ପୋଖରୀଟି ରତ୍ନମଣିପୁର ଗ୍ରାମରେ ଥିବାରୁ ଗ୍ରାମବାସୀ ଉକ୍ତ ସ୍ଥାନରେ ଏକ ହନୁମାନ ବାଟିକା ନିର୍ମାଣ କରିବା ପାଇଁ ଯୋଜନା କରିଥିଲେ। ଉକ୍ତ ହନୁମାନ ବାଟିକା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରଠାରୁ ଉଭୟ ରତ୍ନମଣିପୁର ଓ ସିଙ୍ଗିପୁର ଗ୍ରାମ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ଏପରିକି, କଥା ତହସିଲ, ଥାନା ଓ ଜିଲ୍ଲା ପ୍ରଶାସନ ପାଖକୁ ବାରମ୍ବାର ଯାଇଥିଲେ ହେଁ ସମାଧାନର ରାସ୍ତା ବାହାରି ପାରିନଥିଲା। ଫଳରେ ଉଭୟ ଗ୍ରାମବାସୀ ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଘେରାଉ ମଧ୍ୟ କରିଥିଲେ। ପରେ ସାନଖେମୁଣ୍ଡି ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ଗଠନ ହେଇଥିଲା। ଉଭୟ ଗ୍ରାମବାସୀଙ୍କ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଥିଲା ଯେ ଯେଉଁ ସ୍ଥାନରେ ହନୁମାନ ବିଗ୍ରହ ନିର୍ମାଣ ହୋଇଛି, ସେହି ସ୍ଥାନକୁ ଛାଡ଼ି ଅନ୍ୟ ସ୍ଥାନରେ ମାର୍କେଟ୍ କମ୍ପ୍ଲେକ୍ସ, ଗୋଷ୍ଠୀ ଶୌଚାଳୟ, ସାଇକେଲ ଷ୍ଟାଣ୍ଡ ନିର୍ମାଣ କରାଯିବ। ଏହାପରେ ରତ୍ନମଣିପୁର ଗ୍ରାମବାସୀ ଆସନ୍ତା ୩ତାରିଖରେ ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ ଉକ୍ତ ସ୍ଥାନରେ ସାଲା ମଣ୍ଡପ ନିର୍ମାଣ କରିଥିଲେ। କିନ୍ତୁ, ଏହାକୁ ସିଙ୍ଗିପୁର ଗ୍ରାମବାସୀ ବିରୋଧ କରିଥିଲେ। ସାନଖେମୁଣ୍ଡି ପ୍ରଶାସନ କୌଣସି ସମାଧାନ କରିନଥିଲା।



■ ଟେଳାପଥର ମାଡ଼ରେ ବ୍ୟାପକ କ୍ଷତି, ୫ ଆହତ
■ ଧାରା ୧୬୩ ଜାରି, ୪ ପ୍ଲାଟୁନ୍ ଫୋର୍ସ ମୁତୟନ

ଗୁରୁବାର ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟକୁ ସିଙ୍ଗିପୁର ଗ୍ରାମବାସୀ ଘେରାଉ କରିଥିଲେ। ଉକ୍ତ ସ୍ଥାନରେ ନିର୍ମାଣ ହୋଇଥିବା ହନୁମାନ ବାଟିକା ଭାଙ୍ଗିବା ସହ ସେହି ସ୍ଥାନରେ ପରିବା ମାର୍କେଟ୍, ସାଇକେଲ ଷ୍ଟାଣ୍ଡ, ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯିବା ନେଇ ଦାବି କରିଥିଲେ। ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଉପ-ଜିଲ୍ଲାପାଳଙ୍କ ଆଦେଶ ମିଳିବା ପରେ ପାଚେରି ଭାଙ୍ଗିବା ନେଇ କହିଥିଲେ ମଧ୍ୟ ଲୋକମାନେ ରାଜି ହୋଇନଥିଲେ। ଫଳରେ ସାନଖେମୁଣ୍ଡି ତହସିଲଦାର ଉକ୍ତ ପାଚେରି ଭାଙ୍ଗିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ପାଟପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରା, ଶୁଭଲକ୍ଷ୍ମୀ କହଁର ଓ ପୁଲିସ ଟିମ୍ ପହଞ୍ଚି ପାଚେରି ଭାଙ୍ଗିବା ଲାଗି ଉଦ୍ୟମ କରିବାରୁ ରତ୍ନମଣିପୁର ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏପରିକି, ଟାୟାର ଜାଳି ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ହଜାରହଜାର ଗାଡ଼ି ଅଟକି ରହିଥିଲା। କିଛି ସମୟ ପରେ ଉଭୟ ଗ୍ରାମବାସୀ ଇଟା, ପଥର ଫିଙ୍ଗିବା ସହ ଆକ୍ରମଣ କରିଥିଲେ। ସିଙ୍ଗିପୁର ଗ୍ରାମବାସୀ ଏହି ହନୁମାନ ବାଟିକାର ପାଚେରି, ଲାଇଟ୍, ଗଛ ଓ ସିସିଟିଭିକୁ ଭାଙ୍ଗି ଦେଇଥିଲେ। ଆକ୍ରମଣରେ ସିଙ୍ଗିପୁର ଗ୍ରାମର ୪ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।

ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା, ଶେରଗଡ଼ ଥାନାଅଧିକାରୀ, ଧରକୋଟ ଥାନାଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀମା ସ୍ୱାଇଁ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ବ୍ରହ୍ମପୁର ଉପ-ଜିଲ୍ଲାପାଳ ଉକ୍ତ ସ୍ଥାନକୁ ୧୬୩ ବିଏନ୍‌ଏସଏସ (ଧାରା ୧୪୪) ଲାଗୁ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ୪ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ପ୍ରଶାସନ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।







ଭୁବନେଶ୍ୱର 'ଏସ୍‌ଓଏସ୍ ଭିଲେଜ'ରେ ଗୁରୁବାର ଶିଶୁମାନଙ୍କ ସହ ନିଜର ୭୯ତମ ଜନ୍ମଦିନ ପାଳନ କରୁଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ

**ଚାକିରି ବେପାର**

# 'ମୋଷ୍ଟ ୱାଣ୍ଟେଡ୍' ମୁନ୍ନା ଦଶପଲ୍ଲାରୁ ଗିରଫ

ଭୁବନେଶ୍ୱର,୧୬।୧୦(ସମିସ): ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲାରେ ଦୁଇ ସହଯୋଗୀ ଶ୍ରୀକାନ୍ତ ମହାରଣା ଓ ସୁକାନ୍ତ ମହାରଣା ସହ ଖସିଯିବାକୁ ଉଦ୍ୟମ କରିଥିବା ଅନ୍ୟତମ ଦଲାଲ 'ମୋଷ୍ଟ ୱାଣ୍ଟେଡ୍' ମୁନ୍ନା ମହାନ୍ତିକୁ ଶେଷରେ ଦଶପଲ୍ଲାରୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଛି। ମୁନ୍ନା ସହିତ ଶ୍ରୀକାନ୍ତ ଓ ସୁକାନ୍ତଙ୍କୁ ମଧ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ଜଣାପଡ଼ିଛି। ଆସନ୍ତାକାଲି ୩ ଅଭିଯୁକ୍ତଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର କରାଯିବ। ସେମାନଙ୍କ ନିକଟରୁ ଅଧିକ ତଥ୍ୟ ହାସଲ କରିବା ପାଇଁ କ୍ରାଇମବ୍ରାଞ୍ଚ ଅଦାଲତରେ ରିମାଣ୍ଡ ଆବେଦନ କରିବ ବୋଲି କ୍ରାଇମ୍‌ବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି।



ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା ପଦାକୁ ଆସିବା ପରେ ମୁନା ଫେରାର ହୋଇଯାଇଥିଲା ଏବଂ ଦୁଇ ସହଯୋଗୀ ଶ୍ରୀକାନ୍ତ ଏବଂ ସୁକାନ୍ତଙ୍କ ସହାୟତାରେ ଦଶପଲ୍ଲାରେ ଥିବା ଏକ ଫାର୍ମ ହାଉସ୍‌ରେ ଆତ୍ମଗୋପନ କରିଥିଲା। ଏହି ହାଉସ୍ ଜଙ୍ଗଲ ମଝିରେ ଥିବା ଏଠାକୁ ସାଧାରଣ ଲୋକ ଯାଉ ନ ଥିଲେ। ବିନା ଭୟରେ ମୁନା ଏବଂ ତାର ସହଯୋଗୀମାନେ ସେଠାରେ ରହୁଥିଲେ। କ୍ରାଇମ୍‌ବ୍ରାଞ୍ଚ ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ମୋବାଇଲ୍ ଟ୍ରାକ୍ କରିବା ପରେ ଏ ସମ୍ପର୍କରେ ସୂଚନା ପାଇ ଫାର୍ମ ହାଉସରେ ଚଢ଼ଉ ପାଇଁ ବାହାରିଥିଲା। ମାତ୍ର କ୍ରାଇମବ୍ରାଞ୍ଚ ଚଢ଼ଉ ସମ୍ପର୍କରେ ଆଗୁଆ ସୂଚନା ପାଇ ଦୁଇ ସହଯୋଗୀଙ୍କ ସହ ମୁନ୍ନା ସେଠାରୁ ଚମ୍ପଟ ମାରିଥିଲା। ତେବେ ଶେଷରେ ଦଶପଲ୍ଲାର ଏକ ଗାଁ ଭିତରୁ କ୍ରାଇମ୍‌ବ୍ରାଞ୍ଚ ତିନିଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଶଙ୍କର ପୃଷ୍ଟି ଓ ମୁନ୍ନା ମହାନ୍ତିଙ୍କ ସହ ଅନେକ ବ୍ୟକ୍ତିଙ୍କ ସମ୍ପର୍କ ରହିଛି। ମାତ୍ର ଏହା ମଧ୍ୟରୁ ରେଡ୍ଡି ନାମକ ଜଣେ ବ୍ୟକ୍ତି ସବୁଠୁ ବଳଶାଳୀ ବୋଲି କୁହାଯାଉଛି। ଓଡ଼ିଶାରେ ଚାକିରି ବିକ୍ରି ଘଟଣା ପଛରେ ରେଡ୍ଡିକୁ ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ଅନେକ ପୁଲିସ ଅଧିକାରୀ, ରାଜନୈତିକ ନେତାଙ୍କ ସହ ରେଡ୍ଡିର ସୁସମ୍ପର୍କ ରହିଛି ବୋଲି ମଧ ସୂଚନା ମିଳିଛି। ତେବେ ଏହି ରେଡ୍ଡି କିଏ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି। ତେବେ ଏହି ରେଡ୍ଡି ବାସ୍ତବରେ କିଙ୍ଗପିନ୍ ନା ତାକୁ ମୁଖା ଭାବରେ ରଖି ଆଉ କେହି ଏହି ଚାକିରି ବେପାର ଚଳାଉଥିଲା ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

- ଦଶପଲ୍ଲା ଫାର୍ମ ହାଉସରେ ଲୁଚିଥିଲେ ୩ ଅଭିଯୁକ୍ତ
- ଆଜି ବ୍ରହ୍ମପୁର କୋର୍ଟରେ ହାଜର କରାଯିବ
- ବିଗ୍ ବସ୍ ରେଡ୍ଡି ପର୍ଯ୍ୟନ୍ତ ପାଉନି କ୍ରାଇମବ୍ରାଞ୍ଚ ହାତ

ଅନ୍ୟପକ୍ଷରେ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ। ସେ କହିଛନ୍ତି ଯେ ପୂର୍ବରୁ ପରୀକ୍ଷା ତ୍ରୁଟିଶୂନ୍ୟ ଏବଂ ଦୁର୍ନୀତି ମୁକ୍ତ କରିବା ପାଇଁ ଆମେ ବ୍ୟବସ୍ଥା କରିଥିଲୁ। ଏଥିପାଇଁ ଜିଲ୍ଲା ଏସ୍‌ପି ଓ ପୁଲିସ ଅଧିକାରୀମାନଙ୍କୁ ସତର୍କ କରାଯାଇଥିଲା। ଖୁବ୍‌ଶୀଘ୍ର ଅନ୍ୟ ସମସ୍ତ ଅଭିଯୁକ୍ତ ଧରାପଡ଼ିବେ ବୋଲି ପୁଲିସ ଡିଜି କହିଛନ୍ତି।

ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାରେ ୧୧୯ ଗିରଫ ଘଟଣାରେ ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟରେ ପୂର୍ବରୁ ଜାମିନ ନାମଞ୍ଜୁର ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଜିଲ୍ଲା ଦୌରା ଜଜ୍ କୋର୍ଟରେ ୧୧୩ ଜଣ ଆବେଦନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩ ତାରିଖକୁ ଧାର୍ଯ୍ୟ ହୋଇଥିବା ପିପି ବିଶ୍ୱଜିତ ବରାଳ କହିଛନ୍ତି।

ପୁଲିସ ଏସ୍‌ଆଇ ପରୀକ୍ଷା ଟେଣ୍ଡର ଜରିଆରେ ପିଏସ୍‌ୟୁ ଆଇଟିଆଇ ଲିମିଟେଡ୍ ସଂସ୍ଥାକୁ ଦିଆଯାଇଥିଲା। ଏହି ସଂସ୍ଥା ଭୁବନେଶ୍ୱରର ସିଲିକନ୍ ଟେକ୍ନୋଲାବ୍‌କୁ ଓ ସିଲିକନ୍ ପକ୍ଷରୁ ଏହି କାମ ପଞ୍ଚସଫ୍ଟକୁ ଦିଆଯାଇଥିଲା। ପଞ୍ଚସଫ୍ଟକୁ ପରୀକ୍ଷା ପରିଚାଳନା ଲାଗି ୩୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ପଞ୍ଚସଫ୍ଟ ଟେକ୍ନୋଲୋଜି ଲିମିଟେଡ୍‌ର ନିର୍ଦ୍ଦେଶକ ଭାବେ ଶଙ୍କର ପୃଷ୍ଟି କାର୍ଯ୍ୟ କରୁଥିଲା। ଯେଉଁଠାରେ ଯାବତୀୟ କେଳେଙ୍କାରୀ ହୋଇଥିବା ଜଣାପଡ଼ିଛି। ବଡ଼ କଥା ହେଲା କ୍ରାଇମ୍‌ବ୍ରାଞ୍ଚ ଶଙ୍କର ପୃଷ୍ଟିର ରଘୁନାଥପୁର ଏବଂ ଅନ୍ୟ ଅଫିସରେ ଚଢଉ କରିଥିଲେ ମଧ ସତ୍ୟନଗରରେ ଥିବା ଶଙ୍କରର ଅଫିସ୍‌କୁ ଚଢଉ ନ କରିବାକୁ ନେଇ ସନ୍ଦେହ ବଢିଛି। କଣ ପାଇଁ ସେଠାରେ କ୍ରାଇମ୍‌ବ୍ରାଞ୍ଚ ଚଢଉ କଲାନାହିଁ ବୋଲି ପ୍ରଶ୍ନ ଉଠିଛି।

**ଚାକିରି ବିକ୍ରି ତଦନ୍ତ ବାଟବଣା**

# 'ବଡ଼ ଅଧିକାରୀଙ୍କୁ ସୁରକ୍ଷା ଦେଉଛି କ୍ରାଇମ୍‌ବ୍ରାଞ୍ଚ'

ଭୁବନେଶ୍ୱର, ୧୬।୧୦(ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ ବହୁ ବଡ଼ବଡ଼ ଅଧିକାରୀ ସାମିଲ୍ ଅଛନ୍ତି। ତଦନ୍ତ ହେଲେ ସେମାନେ ମଧ କାଠ ଗଡ଼ାକୁ ଟାଣିହେବାର ଆଶଙ୍କା ଥିବାରୁ ତଦନ୍ତକୁ ଜାଣିଶୁଣି କ୍ରାଇମ୍‌ବ୍ରାଞ୍ଚ ବାଟବଣା କରୁଛି। ଘଟଣାକୁ ୧୭ଦିନ ବିତିଥିଲେ ମଧ ପ୍ରକୃତ ମାଷ୍ଟରମାଇଣ୍ଡକୁ ଧରିବା ତ ଦୂର କଥା, ନାମ ମଧ ପ୍ରକାଶ କରିବାରେ ବିଫଳ ହୋଇଛି। ପଞ୍ଚସଫ୍ଟର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି



ଓ ମୁନା ମହାନ୍ତିକୁ ଗଣମାଧମରେ ମାଷ୍ଟରମାଇଣ୍ଡ ସଜାଇ ପ୍ରକୃତ ମାଷ୍ଟରମାଇଣ୍ଡକୁ କ୍ରାଇମ୍‌ବ୍ରାଞ୍ଚ ହିଁ ସୁରକ୍ଷା ଦେଉଛି। ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଯୋଗାଇବା ପାଇଁ ଶଙ୍କର ଓ ମୁନାକୁ ଦାୟିତ୍ୱ ଦେଇଥିବା ବ୍ୟକ୍ତି କିଏ ବୋଲି ପ୍ରଶ୍ନ କରିବା ସହ ତାଙ୍କ ନାମ ପ୍ରକାଶ କରିବାକୁ ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଦାବି କରିଛନ୍ତି। ବଡ଼ବଡ଼ିଆଙ୍କୁ ସୁରକ୍ଷା ଦେବାକୁ ଯାଇ ଲକ୍ଷଲକ୍ଷ ଆଶାୟୀଙ୍କ କ୍ୟାରିଅର୍ ସହ କ୍ରାଇମ୍‌ବ୍ରାଞ୍ଚ ଖେଳୁଥିବାରୁ ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ବା ସିବିଆଇକୁ ତଦନ୍ତଭାର ଦେବାକୁ ଦୋହରାଇଛନ୍ତି।

ସେ କହିଛନ୍ତି ଯେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଦିନକୁ ଦିନ ସନ୍ଦେହ ଘେରକୁ ଆସୁଛି। ଯେଉଁ ସ୍ଥାନରେ କ୍ରାଇମ୍‌ବ୍ରାଞ୍ଚ ରେଡ୍ କରୁଥିଲା, ଠିକ୍ ତା ପୂର୍ବରୁ ସମସ୍ତ କାଗଜପତ୍ର ନେଇ ଦଲାଲ୍‌ମାନେ ସେଠାରୁ ପଳାଇ ଯାଉଥିଲେ। ପ୍ରଥମେ ସେମାନଙ୍କୁ ଖସିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବା ପରେ, ଲୋକଦେଖାଣିଆ ଭାବେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରିବା କେବଳ ତଦନ୍ତକୁ ବାଟବଣା କରିବା ପାଇଁ ଉଦ୍ଦିଷ୍ଟ ବୋଲି ସେ ଅଭିଯୋଗ କରିଛନ୍ତି। ଶଙ୍କର ଓ ମୁନା ସମେତ ପଞ୍ଚସଫ୍ଟର ଆଉ ଜଣେ ନିର୍ଦ୍ଦେଶକ ତଥା ଶଙ୍କରର ପତ୍ନୀ ଦୀପ୍ତିମୟୀ ସାହୁ, ଶ୍ରୀକାନ୍ତ ମହାରଣା ଓ

**ଶଙ୍କର ଓ ମୁନା ପାଖରେ ଅସାଧୁ ଅଧିକାରୀଙ୍କ ଗୁମର**

ସୁକାନ୍ତ ମହାରଣା ଆଗୁଆ ଜାମିନ୍ ପାଇଁ ଗତ ୮ ତାରିଖରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେଣି। ହାଇକୋର୍ଟରୁ ଜାମିନ୍ ପାଇବା ମଧ୍ୟରେ ସେମାନଙ୍କୁ ଗିରଫ ନ କରିବା ପାଇଁ ମଧ ଯୋଜନା ହୋଇଛି। କାରଣ ଶଙ୍କର ଧରାପଡ଼ିଲେ, ବଡ ଅଧିକାରୀ ଧରାପଡିଯିବାର ଭୟ ସରକାରଙ୍କୁ ଘାରିଥିବା ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।

ଏହି କେଳେଙ୍କାରୀରେ ସମ୍ପୃକ୍ତ ବ୍ୟକ୍ତି ପାତାଳରେ ଲୁଚିଥିଲେ ମଧ ସେମାନଙ୍କୁ କାଢ଼ି ଆଣିବୁ ବୋଲି ସରକାର କହୁଛନ୍ତି। ଏପରିକି ପୁଲିସ୍ ଡିଜି ମଧ ପ୍ରଥମ ଥର ପାଇଁ ମୁହଁ ଖୋଲି ସମସ୍ତଙ୍କୁ ଧରାଯିବ ବୋଲି କହିଛନ୍ତି। ହେଲେ କେବେ ଧରିବେ ଓ କିଏ ସେ ପ୍ରକୃତ ମାଷ୍ଟମାଇଣ୍ଡ ସେନେଇ ପଦୁଟିଏ ମଧ କହୁ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ଭିଜିଲାନ୍ସ କୋର୍ଟକୁ ଗଲା ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା

ବ୍ରହ୍ମପୁର,୧୬।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା ଏବେ ଭିଜିଲାନ୍ସ କୋର୍ଟକୁ ଯାଇଛି। ଆଜି ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟରୁ ଭିଜିଲାନ୍ସ କୋର୍ଟକୁ ମାମଲା ସ୍ଥାନାନ୍ତର ହୋଇଛି। ଗିରଫ ୧୧୯ ଅଭିଯୁକ୍ତଙ୍କ ମଧ୍ୟରୁ ୧୧୩ଜଣ ଏ ଭିତରେ ଜାମିନ ଆବେଦନ କରିଥିଲେ। ଆଜି ଏହାର ଶୁଣାଣି ଥିଲା। ଜିଲ୍ଲା

- ୨୩ରେ ୧୩ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି
- କେସ୍ ଡାଏରି ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ କୋର୍ଟଙ୍କ ନିର୍ଦ୍ଦେଶ

ଦୌରାଜଜ୍ ଏହାକୁ ଭିଜିଲାନ୍ସ କୋର୍ଟକୁ ସ୍ଥାନାନ୍ତର କରିବା ପରେ ସେଠାରେ ଶୁଣାଣି ହୋଇଥିଲା। ତେବେ କ୍ରାଇମବ୍ରାଞ୍ଚ ମାମଲାର କେସ୍ ଡାଏରି ଓ ଅନ୍ୟ ଦସ୍ତାବିଜ୍ ଦାଖଲ କରିନଥିବାରୁ ଶୁଣାଣି ହୋଇପାରିନଥିଲା। ଆସନ୍ତା ୨୩ତାରିଖକୁ ମାମଲାର ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ମାମଲାର ଶୁଣାଣି ହେବ। ତେଣୁ, ୨୩ ତାରିଖ ସୁଦ୍ଧା ମାମଲାର କେସ୍ ଡାଏରି ଓ ଅନ୍ୟ ପ୍ରମାଣପତ୍ର ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ କୋର୍ଟଙ୍କ ନିର୍ଦ୍ଦେଶ ହୋଇଛି। ୧୧୪ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲଙ୍କୁ ବ୍ରହ୍ମପୁର ଗୋଳନ୍ଥରା ପୁଲିସ ଗିରଫ କରିଥିବା ବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆଉ ୨ଜଣ ଦଲାଲ ଅରବିନ୍ଦ ଦାସ ଓ ବିଶ୍ୱରଞ୍ଜନ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ ଏଯାବତ୍ ୧୧୯ଜଣ ଗିରଫ ହୋଇ ବ୍ରହ୍ମପୁର ଜେଲରେ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

# ୭୧୧ ହିନ୍ଦୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ରଦ୍ଦ କଲେ ହାଇକୋର୍ଟ

କଟକ, ୧୬।୧୦ (ସମିସ): ନିଯୁକ୍ତି ପ୍ରକ୍ରିୟାରେ ମୂଳ ନିଯୁକ୍ତି ବିଜ୍ଞପ୍ତିର ସର୍ତ୍ତାବଳୀ ଉଲ୍ଲଂଘନ ହୋଇଥିବା ନେଇ ୭୧୧ଟି ହିନ୍ଦୀ ଶିକ୍ଷକ ପଦବି ପୂରଣ ପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ (ଓଏସ୍‌ଏସ୍‌ସି) ପକ୍ଷରୁ ଅନୁଷ୍ଠିତ ହୋଇଥିବା ନିଯୁକ୍ତି ପ୍ରକ୍ରିୟାକୁ ଆଜି ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମୂଳ ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ଉପରୋକ୍ତ ହିନ୍ଦୀ ଶିକ୍ଷକ ପଦ ପାଇଁ ପ୍ରିଲିମିନାରୀ ପରୀକ୍ଷା କରିବା

**ପ୍ରିଲିମିନାରୀ ପରୀକ୍ଷା କରିବାକୁ ଓଏସଏସସିକୁ ନିର୍ଦ୍ଦେଶ**

ପାଇଁ ଓଏସ୍‌ଏସ୍‌ସିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫିରୋଜ କୁମାର ମହାପାତ୍ର, ରାକେଶ କୁମାର ବାରିକ ଓ ଅନ୍ୟମାନଙ୍କ ତରଫରୁ ଦାୟର୍ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଉପରୋକ୍ତ ପ୍ରକ୍ରିୟା ତିନି ମାସ ଭିତରେ ସଂପୂର୍ଣ୍ଣ କରିବା ପାଇଁ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫଳରେ ସମସ୍ତ ପ୍ରାର୍ଥୀ ପ୍ରଥମେ ପ୍ରିଲିମିନାରି ପରୀକ୍ଷାରେ ଅଂଶଗ୍ରହଣ କରିବେ ଓ ପ୍ରିଲିମିନାରି ପ୍ରରୀକ୍ଷାରେ ଯେଉଁ ପ୍ରାର୍ଥୀ ଯୋଗ୍ୟତା ଅର୍ଜନ କରିବେ, ସେମାନେ ପରବର୍ତ୍ତୀ ଲିଖିତ ପରୀକ୍ଷା ଦେବେ। ଏଥିସହ ମୂଳ ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ପରୀକ୍ଷାରେ ଦ୍ୱିଭାଷୀ (ହିନ୍ଦୀ ଓ ଇଂରାଜୀ) ସୁବିଧା ପ୍ରାର୍ଥୀଙ୍କୁ କମିସନ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ ମାଧ୍ୟମିକ ସ୍କୁଲରେ ହିନ୍ଦୀ ସହ ଅନ୍ୟ ବିଭାଗରେ ୭୧୧ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଷ୍ଟାଫ୍ ସିଲେକ୍ସନ କମିସନ ପକ୍ଷରୁ ୨୦୨୪, ଅକ୍ଟୋବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯଦି ପୂରଣ ହେବାକୁ ଥିବା ପଦ ସଂଖ୍ୟାର ୫ଗୁଣ ବା ତା'ଠାରୁ ଅଧିକ ପ୍ରାର୍ଥୀଙ୍କ ସଂଖ୍ୟା ହୁଏ, ତେବେ ପ୍ରଥମେ ପ୍ରିଲିମିନାରି ପରୀକ୍ଷା କରାଯିବ ବୋଲି ନିଯୁକ୍ତି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା।

ପ୍ରିଲିମିନାରି ପରୀକ୍ଷାର ଫଳ ଆଧାରରେ ପ୍ରସ୍ତୁତ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀ ଲିଖିତ ପରୀକ୍ଷା ଦେବେ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ଏଥିସହ ପରୀକ୍ଷାରେ ଉଭୟ ଇଂରାଜୀ ଓ ହିନ୍ଦୀରେ ପ୍ରଶ୍ନ ପଡ଼ିବ ବୋଲି ମଧ କୁହାଯାଇଥିଲା। ପୂରଣ ହେବାକୁ ଥିବା ପଦ ସଂଖ୍ୟାଠାରୁ ୫ଗୁଣରୁ ଅଧିକ ପ୍ରାର୍ଥୀ ଥିବା ବେଳେ ପ୍ରିଲିମିନାରି ପରୀକ୍ଷା ନକରି ସିଧାସଳଖ ଲିଖିତ ପରୀକ୍ଷା କରାଯାଇଥିଲା। ସେହିଭଳି ଦ୍ୱିଭାଷୀ ସୁବିଧା ପ୍ରଦାନ କରାନଯାଇ କେବଳ ହିନ୍ଦୀ ଭାଷାରେ ପ୍ରଶ୍ନ ପଡ଼ିଥିଲା। ମୂଳ ନିଯୁକ୍ତି ବିଜ୍ଞପ୍ତିର ଉଲ୍ଲଂଘନ କରି ହୋଇଥିବା ନିଯୁକ୍ତି ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ବୋଲି ହାଇକୋର୍ଟ ମତ ଦେବା ସହ ଉପରୋକ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିଶ୍ୱବିହାରୀ ମହାନ୍ତି ଓ ଜ୍ଞାନରଂଜନ ସେଠୀ ମାମଲା ପରିଚାଳନା କରୁଥିଲେ।

# ଏସ୍‌ସିବିରେ ଶବ ଅଦଳବଦଳ

ସାଲେପୁର, ୧୬।୧୦ (ସମିସ): ଗାଁ ଦାଣ୍ଡରେ କାନ୍ଦବୋବାଳି ପଡ଼ିଥିଲା। ସ୍ୱର୍ଣ୍ଣଲତାଙ୍କ ଶବ ଅଣାଯାଉଛି ଖବର ପାଇ ବନ୍ଧୁ, ପରିଜନ ଏକାଠି ହୋଇଥିଲେ। ମଶାଣିକୁ ମୃତଦେହ ବୋହି ନେବା ପାଇଁ କୋକେଇ ବନ୍ଧା ସରିଥିଲା। କିଛି ସମୟ ପରେ ଘର ମୁହଁରେ ଲାଗିଥିଲା ଶବବାହକ ଗାଡ଼ି। ପରିବାର, ଆତ୍ମୀୟସ୍ୱଜନ କାନ୍ଦକାନ୍ଦ ହୋଇ କଳା ପଲିଥିନ୍‌ରେ ଘୋଡ଼ା ଯାଇଥିବା ଶବକୁ ଅଗଣାକୁ ଟେକି ନେଇଥିଲେ। ହେଲେ ପଲିଥିନ୍ ଖୋଲିବା ବେଳକୁ ଜଣାପଡ଼ିଥିଲା ଏହା ସ୍ୱର୍ଣ୍ଣଲତାଙ୍କ ମୃତଦେହ ନୁହେଁ। ଏହା ସମସ୍ତଙ୍କୁ ଅବାକ୍ କରିଦେଇଥିଲା। ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ସ୍ୱର୍ଣ୍ଣଲତାଙ୍କ ଶବ ବଦଳରେ ଅନ୍ୟ କାହାର ଶବ ଦିଆଯାଇଛି ବୋଲି ଅଭିଯୋଗ କରି ପରିବାରଲୋକେ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ଘଟଣା ବାବଦରେ ସ୍ପଷ୍ଟ ଚିତ୍ର ମିଳିଥିଲା। ଏସ୍‌ସିବି ଶବ ବ୍ୟବଚ୍ଛେଦ ଗୃହରେ ମୃତଦେହ ଅଦଳବଦଳ ହୋଇଛି ବୋଲି ଜଣାପଡ଼ିଥିଲା। ସାଲେପୁରରେ ଘଟିଥିବା ଏହି ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି।

ସାଲେପୁର ବ୍ଲକ୍ ଅନ୍ତର୍ଗତ ଲୁଣାହାର ଗ୍ରାମର ସ୍ୱର୍ଗତ ନରେନ୍ଦ୍ର କୁମାର ସାହୁଙ୍କ ପତ୍ନୀ ସ୍ୱର୍ଣ୍ଣଲତା ସାହୁ(୬୨) ଗତକାଲି ରାତିରେ ହଠାତ୍ ହୃଦ୍‌ଘାତର ଶିକାର ହୋଇ ଗୁରୁତର ହୋଇଥିଲେ।

ତାଙ୍କୁ ସଙ୍ଗେସଙ୍ଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇଥିଲେ।

ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସ୍ୱର୍ଣ୍ଣଲତାଙ୍କର ମୃତ୍ୟୁ ଘଟିଥିଲା। ଆଜି ସକାଳେ ଡାକ୍ତରଙ୍କ ନିର୍ଦ୍ଦେଶକ୍ରମେ ମୃତ ସ୍ୱର୍ଣ୍ଣଲତାଙ୍କ ଶବ ବ୍ୟବଚ୍ଛେଦ

- ଶେଷକୃତ୍ୟ ପୂର୍ବରୁ ଜଣାପଡ଼ିଲା
- କେନ୍ଦୁଝରର ମହିଳାଙ୍କ ଶବ ସାଲେପୁର ନିଆଯାଇଥିଲା

କରାଯାଇଥିଲା। ବ୍ୟବଚ୍ଛେଦ ପରେ ଏକ ଜରିରେ ଶବକୁ ପ୍ୟାକ୍ କରି ତାଙ୍କ ପୁଅ କୈଳାସ ସାହୁଙ୍କୁ ହସ୍ତାନ୍ତର କରାଯାଇଥିଲା। କୈଳାସ ମା'ଙ୍କର ଶବ ଧରି ଘରେ ପହଞ୍ଚି ଶେଷକୃତ୍ୟ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରି ଚୂଡ଼ାନ୍ତ ସମୟ ବେଳକୁ ଜରି ପ୍ୟାକିଂ ଖୋଲି ଦେଖିଲା ବେଳକୁ ସେଥିରେ ସ୍ୱର୍ଣ୍ଣଲତାଙ୍କ ଶବ ବଦଳରେ ଅନ୍ୟ ଜଣେ ମହିଳାଙ୍କ ଶବ ଥିଲା। ଏ ସଂପର୍କରେ ସେ ସଙ୍ଗେସଙ୍ଗେ କଟକ ବଡ଼ ମେଡ଼ିକାଲ ସହ ଯୋଗାଯୋଗ କରିବାରୁ ଶବଟି ଭୁଲ୍‌ରେ ବଦଳ ହୋଇଯାଇଥିବା ମେଡ଼ିକାଲ ପକ୍ଷରୁ ସୂଚନା ଦିଆଯାଇଥିଲା। ପରେ କୈଳାସ ଓ ଗ୍ରାମବାସୀମାନେ ପୁନର୍ବାର ଶବଟିକୁ ପ୍ୟାକ୍ କରି କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ଉକ୍ତ ଶବଟି କେନ୍ଦୁଝର ଅଞ୍ଚଳର ଜଣେ



ମହିଳାଙ୍କର ବୋଲି ଜଣାଯାଇଛି। ଅଜଣା ଶବଟିକୁ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କଲା ପରେ କୈଳାସଙ୍କୁ ତାଙ୍କ ମା'ଙ୍କ ଶବ ଫେରସ୍ତ କରିଥିଲେ। ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ ଏଭଳି ଶବ ବଦଳ ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ପ୍ରକାଶଯୋଗ୍ୟ, ମୃତ ସ୍ୱର୍ଣ୍ଣଲତା ଲୁଣାହାର ପ୍ରାଥମିକ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରୁଥିଲେ।

# ବିଜେଡିକୁ ଫେରିଲେ ନୂଆପଡ଼ାର ବରିଷ୍ଠ ଆଦିବାସୀ ନେତା

ଭୁବନେଶ୍ୱର,୧୬।୧୦(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି ପ୍ରତାପ ଜେନା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ତଥା ନୂଆପଡ଼ା ଜିଲ୍ଲା ପରିଷଦ

- ଭାନୁ ପ୍ରତାପ ସିଂହ ମାଝୀଙ୍କ ପ୍ରତ୍ୟାବର୍ତ୍ତନ, ବିଜେଡିର ଶକ୍ତି ବୃଦ୍ଧି
- ନୂଆପଡ଼ାରେ ବିଜେଡିର ବିଜୟ ସୁନିଶ୍ଚିତ: ଭାନୁପ୍ରତାପ

ସଦସ୍ୟ ଭାନୁପ୍ରତାପ ସିଂହ ମାଝୀଙ୍କର ବହିଷ୍କାର ପ୍ରତ୍ୟାହାର କରିଛନ୍ତି। ବହିଷ୍କାର ପ୍ରତ୍ୟାହାର ପରେ ଶଙ୍ଖ ଭବନଠାରେ ଶ୍ରୀ ମାଝୀଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦକ ନିରଞ୍ଜନ ବିଶି ଶ୍ରୀ ମାଝୀଙ୍କୁ ପୁଷ୍ପଗୁଚ୍ଛ



ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି।

ଉଲ୍ଲେଖ୍ୟଯୋଗ୍ୟ, ନୂଆପଡ଼ା ଜିଲ୍ଲା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝୀଙ୍କ ପୁତୁରା ହେଉଛନ୍ତି ଭାନୁପ୍ରତାପ ସିଂହ ମାଝୀ। ଶ୍ରୀ ମାଝୀ ତିନି ତିନିଥର ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚିତ ହୋଇଥିଲା ବେଳେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଅଛନ୍ତି। ଏହି ଅବସରରେ ଶ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଏବଂ ନବୀନ ବାବୁଙ୍କ ନେତୃତ୍ୱରେ ମୁଁ ଦୀର୍ଘ ଦିନ ଧରି ପ୍ରଥମେ ଜନତା ଦଳ ଏବଂ ପରେ ବିଜୁ ଜନତା ଦଳରେ କାର୍ଯ୍ୟ କରିଆସୁଛି। ଦଳରୁ ବହିଷ୍କୃତ ହୋଇଥିଲେ ମଧ କୌଣସି ଅନ୍ୟ ଦଳରେ ଯୋଗ ଦେଇନାହିଁ। ବିଜେଡିର ନୀତି ଆଦର୍ଶରେ ବିଶ୍ୱାସ ରଖି ରାଜନୀତି କରିଆସୁଛି। ଆଜି ବହିଷ୍କାର ଆଦେଶ ପ୍ରତ୍ୟାହୃତ ହେବା ପରେ ମୁଁ ନିଜ ଘରୁ ଫେରି ଆନନ୍ଦିତ। ନୂଆପଡ଼ା ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିପୁଳ ବିଜୟ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବୁ। ନବୀନ ବାବୁଙ୍କ କାର୍ଯ୍ୟକାଳ ସମୟରେ ନୂଆପଡ଼ାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହୋଇଛି। ନୂଆପଡ଼ାବାସୀ ବିଜେଡି ସହିତ ଅଛନ୍ତି ଏବଂ ଆଗାମୀ ଉପନିର୍ବାଚନରେ ଦଳର ବିଜୟ ସୁନିଶ୍ଚିତ।

# ବିଜେଡିର ୫୨ ନେତାଙ୍କୁ ନୂଆପଡ଼ା ପ୍ରଚାର ମଙ୍ଗ

ଭୁବନେଶ୍ୱର,୧୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ପ୍ରଚାର କାର୍ଯ୍ୟକ୍ରମକୁ ସଂଗଠିତ, ଯୋଜନାବଦ୍ଧ ତଥା ସଫଳ ଭାବେ ତୁଲାଇବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏକ ବଡ଼ ଟିମ୍ ଘୋଷଣା କରିଛନ୍ତି। ନୂଆପଡ଼ା ଓ କୋମନା ବ୍ଲକରେ ପ୍ରଚାର କାର୍ଯ୍ୟକ୍ରମ ତଦାରଖ

- ନୂଆପଡ଼ା ଓ କୋମନାରେ ୩୬ ନେତାଙ୍କୁ ଦାୟିତ୍ୱ
- ଖରିଆର ରୋଡ ଓ ନୂଆପଡ଼ା ଏନଏସି ପାଇଁ ୧୬

ପାଇଁ ମୋଟ ୩୬ ଜଣ ନେତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଖରିଆର୍ ରୋଡ ଏନଏସି ଓ ନୂଆପଡ଼ା ଏନଏସି ପାଇଁ ୮ ଜଣ ଲେଖାଏଁ ୧୬ ଜଣ ନେତାଙ୍କୁ ନବୀନ ଦାୟିତ୍ୱ ପ୍ରଦାନ କରିଛନ୍ତି।

ନୂଆପଡ଼ା ବ୍ଲକ ପାଇଁ ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ପ୍ରତାପ ଜେନା, କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର, ପ୍ରୀତିରଞ୍ଜନ ଘଡ଼ାଇ, ଧ୍ରୁବଚରଣ ସାହୁ, ମନୋହର ରାନ୍ଧାରୀ, ପ୍ରଦୀପ ଦିଶାରୀ, ବ୍ରଜକିଶୋର ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସାରଦା ପ୍ରସନ୍ନ ଜେନା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁଦର୍ଶନ ହରିପାଲ, ପ୍ରସାନ୍ତ କୁମାର ବେହେରା, ଦେବୀରଞ୍ଜନ ତ୍ରିପାଠୀ ଓ ନିହାର ରଞ୍ଜନ ବେହେରାଙ୍କୁ ଦାୟିତ୍ୱ ମିଳିଛି। ନୂଆପଡ଼ା ଏନଏସି ପାଇଁ ଅତନୁ ସବ୍ୟସାଚୀ ନାୟକ, ସାରଦା ପ୍ରସାଦ ନାୟକ, ଦେବେଶ ଆଚାର୍ଯ୍ୟ, ମନୋରମା ମହାନ୍ତି, ଦୀପାଳି ଦାସ, ଆୟୁବ ଖାନ୍, ରୀତା ସାହୁ, ସ୍ୱରୂପ ଦାସଙ୍କୁ ନବୀନ ପ୍ରଚାର ଦାୟିତ୍ୱ ପ୍ରଦାନ କରିଛନ୍ତି। ସେହିପରି କୋମନା ବ୍ଲକରେ ପ୍ରଣବ ପ୍ରକାଶ ଦାସ, ପ୍ରତାପ ଦେବ, ଅଧିରାଜ ପାଣିଗ୍ରାହୀ, ପୁଷ୍ପେନ୍ଦ୍ର ସିଂହଦେଓ, ଯୋଗେଶ ସିଂ, ରବି ନନ୍ଦ, ପ୍ରଦୀପ ମାଝୀ, ନଳିନୀକାନ୍ତ ପ୍ରଧାନ, ବ୍ୟୋମକେଶ ରାୟ, ସୁଶାନ୍ତ କୁମାର ରାଉତ, ସୁଭାଶିଷ ଖୁଣ୍ଟିଆ, ଜଗନ୍ନାଥ ସାରକା, ସରୋଜ ମେହେର, ବିଶ୍ୱରଞ୍ଜନ ମଲ୍ଲିକ, ଅବିନାଶ ସାମଲ, ଇଶ୍ୱର ପାଣିଗ୍ରାହୀ, ରୋହିତ୍ ଯୋଶେଫ ତିର୍କୀ ଓ ଉମାକାନ୍ତ ସାମନ୍ତରାୟ ପ୍ରଚାର ମଙ୍ଗ ସମ୍ଭାଳିବେ। ସେହିପରି ଖରିଆର୍ ରୋଡ ଏନଏସି ପାଇଁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ ପଣ୍ଡା, କଳିକେଶ ନାରାୟଣ ସିଂହଦେଓ, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ଗୌତମବୁଦ୍ଧ ଦାସ, ପ୍ରଶାନ୍ତ ମୁଦୁଲି, ରୁଦ୍ରପ୍ରତାପ ମହାରଥୀ ପ୍ରଚାର କାର୍ଯ୍ୟ ତୁଲାଇବେ ବୋଲି ଦଳୀୟ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ଛେଣ୍ଡିପଦାରେ ମା' ମହାଲକ୍ଷ୍ମୀ ମେଳଣ, ଭସାଣି ଉତ୍ସବ ଓ ଆଞ୍ଚାଲଡ୍ଡୁ ନିଲାମ

# ଆତସବାଜି ଓ ଡିଜେ ସାଉଣ୍ଡରେ ଦୁଲୁକିଲା ଛେଣ୍ଡିପଦା






**ଛେଣ୍ଡିପଦା,୧୬ ।୧୦(ସମିସ)**

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଯୁବମଞ୍ଚ ପକ୍ଷରୁ ବୁଧବାର ଅପରାହ୍ନରେ ଲକ୍ଷ୍ମୀପୂଜା ମେଳଣ, ଭସାଣି ଉତ୍ସବ, ଆଞ୍ଚାଲଡ୍ଡୁ ନିଲାମ ସହ ଆତସବାଜି କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଛି । ଛେଣ୍ଡିପଦା ସଦରମହକୁମାରେ ୧୧ଟି ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା । ତେବେ ୯ଟି ମେଢ଼ ମେଳଣ ଉତ୍ସବରେ ସାମିଲ ହୋଇଥିଲେ । ପାରମ୍ପରିକ ନୃତ୍ୟଗୀତ, ଢୋଲ ନିଶାନର ତାଳେ ତାଳେ ଶୋଭାଯାତ୍ରାରେ ମେଢ଼ଗୁଡ଼ିକ ଜଗନ୍ନାଥ ମନ୍ଦିର ସମ୍ମୁଖ ମେଳଣ ପଡ଼ିଆରେ ପହଞ୍ଚିଥିଲେ । ସେଠାରେ ଯୁବମଞ୍ଚ ସଭାପତି ଦୀପକ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ସିଙ୍ଗରନିର ଜିଏମ, ଜିଲ୍ଲାପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ବିଜେପି ମିଡିଆ କୋଅର୍ଡିନେଟର ଅକ୍ଷୟପାଦ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଏହି ଅବସରରେ ଜଟଣୀ ଓ କୁଶକିଳାର ୨ଟି ଦଳ ଆତସବାଜି ପ୍ରଦର୍ଶନ କରିଥିଲେ । ପରେ ମା'ଙ୍କ ଆଞ୍ଚାଲଡ୍ଡୁ ନିଲାମ କରାଯାଇଥିଲା । ସ୍ଥାନୀୟ ଶାନ୍ତି ବଜାର ପୂଜା କମିଟିର ଶ୍ରୀକାନ୍ତ ନାଏକ ୧ଲକ୍ଷ ୧ ହଜାର ୧ ଟଙ୍କାରେ ଆଞ୍ଚାଲଡ୍ଡୁ ନିଲାମ ଧରିଥିଲେ । ଏହି ଅବସରରେ ନିୟମିତ ରକ୍ତଦାତା ସୋନାଲିକା ପଣ୍ଡା, ତ୍ରିନାଥ ନାୟକ, ଆଶୁତୋଷ ମାଝୀଙ୍କୁ ସମ୍ମାନିତ କରାଯାଇଥିଲା । ଥାନା ଛକ ପୂଜା କମିଟି ସଭାପତି ପଞ୍ଚୁନାଥ ବେହେରା, ଲକ୍ଷ୍ମୀ ବଜାର ପୂଜା କମିଟି ସଭାପତି ନଗେନ ନନ୍ଦ, ହନୁମାନପଡ଼ା ପୂଜା କମିଟି ସଭାପତି ପପୁ ବେହେରା, ବ୍ଲକ ଛକ ପୂଜା କମିଟି ସଭାପତି ସୁବାସ ପ୍ରଧାନ, ଦୋଳମଣ୍ଡପ ପୂଜା କମିଟି ସଭାପତି ଟଙ୍କଧର ବେହେରା, ଶାନ୍ତି ବଜାର ପୂଜା କମିଟି ସଭାପତି ବିଦ୍ୟୁତ ସିଂ ନାୟକ, ବୁଢ଼ା ମଣ୍ଡପ ପୂଜା କମିଟି ସଭାପତି ଜୟନ୍ତ କୁମାର ସାହୁ ଓ ପ୍ରଧାନସାହି ପୂଜା କମିଟି ସଭାପତି ବାଦଲ ପ୍ରଧାନ, ସାର୍ବଜନନୀ ପୂଜା କମିଟିର ଶୁଭେନ୍ଦୁ ସାହୁଙ୍କ ନେତୃତ୍ୱରେ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଯୁବମଞ୍ଚ ଉପଦେଷ୍ଟା ସୁଦୀପ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ହିମାଂଶୁ ଶେଖର ବେହେରା, ସଭ୍ୟ ଜିତୁ ମାଝୀ, କାମପାଳ ଦାଶ, ତ୍ରବେଣୀ ସାହୁ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ପ୍ରତିକୂଳ ପାଗ ସତ୍ତ୍ୱେ ମେଳଣ ଉତ୍ସବରେ ୩୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଛେଣ୍ଡିପଦା ଥାନା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ଜନନାୟକ ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ଦୀପଦାନ




**ଢେଙ୍କାନାଳ,୧୬ ।୧୦(ସମିସ):** ନୂଆ ଓଡ଼ିଶାର ନିର୍ମାତା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନରେ ଦୀପଦାନ କରାଯାଇ ତାଙ୍କ ଦୀର୍ଘାୟୁ ନିମନ୍ତେ ପ୍ରାର୍ଥନା କରାଯାଇଛି । ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସିଦ୍ଧବଳରାମ ମନ୍ଦିର ପ୍ରାଙ୍ଗଣରେ ଦଳୀୟ କର୍ମୀମାନେ ଦୀପଦାନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଶାନ୍ତ ଦାସ, କାଉନସିଲର ସୁମତୀ ପ୍ରଧାନ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଅଜୟ ଭଞ୍ଜ, ଅନୁପମା ସାହୁ, ପୂର୍ବତନ କାଉନସିଲର ରମେଶ ସାହୁ, ଯୁବ କାଉନସିଲର ଶୁଭଲକ୍ଷ୍ମୀ ସାହୁ, ଦୀପ୍ତିରଞ୍ଜନ ସେଠୀ, ନେତା ଦିପୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶ୍ରୀକାନ୍ତ ମହାପାତ୍ର, ସାମାଜିକ ଗଣମାଧ୍ୟମ ସଂଯୋଜକ ଗଙ୍ଗାଧର ରାଉତ, ପ୍ରତାପ ଦାସ, ସ୍ୱରୂପାନନ୍ଦ ଦାସ, ସତୀଶ ରଞ୍ଜନ ସାହୁ, କ୍ଷୀରୋଦ ମିଶ୍ର, ଅନିଶ ରଥ, ବିଷ୍ଣୁପ୍ରସାଦ କର, ଜ୍ୟୋସ୍ନାରାଣୀ ମଣ୍ଡଳ, ମିନତୀ ନାୟକ, ଜୟନ୍ତୀ ବେହେରା, ଜ୍ୟୋତିପ୍ରକାଶ ବେହେରା, ଶୁଭମ ଗୁରୁମ୍ବ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

**ହିନ୍ଦୋଳ:** ଓଡ଼ିଶାବାସୀଙ୍କ ପ୍ରିୟନେତା ଜନନାୟକ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନରେ ହିନ୍ଦୋଳ ବ୍ଲକ ସୁକିଆବାଉତି ମନ୍ଦିରରେ ପୂଜାର୍ଚ୍ଚନା ସହ ଏକଶତ ଦୀପଦାନ କରି ହିନ୍ଦୋଳ ବିଜେଡି ପକ୍ଷରୁ ତାଙ୍କ ଦୀର୍ଘାୟୁ କାମନା କରାଯାଇଛି । ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ମା'ଙ୍କ ପୀଠରେ ଏକତ୍ରିତ ହୋଇ ନବୀନଙ୍କ ୭୯ତମ ଜନ୍ମଦିନ ପାଳନ କରିଥିଲେ । ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲା ଯୁବ ବିଜେଡି

# ଘଣ୍ଟପଡ଼ା ଲକ୍ଷ୍ମୀପୂଜାରେ କ୍ଷୀରୋଦଙ୍କୁ ସମ୍ବର୍ଦ୍ଧନା

**ତାଳଚେର ସହର,୧୬ ।୧୦(ସମିସ):** ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମ ତିଅର ସାହି ଲକ୍ଷ୍ମୀନାରାୟଣୀ ପୂଜା କମିଟି ପକ୍ଷରୁ ୬୫ତମ ବାର୍ଷିକ ଲଡ୍ଡୁ ନିଲାମ ଉତ୍ସବରେ ଘଣ୍ଟପଡ଼ାର ସମାଜସେବୀ କ୍ଷୀରୋଦ ସାହୁଙ୍କୁ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ସେହିପରି ମହାପାତ୍ର ସାହିର ଅନ୍ନଦାତ୍ରୀ ପୂଜା କମିଟି ସଦସ୍ୟ ସୁମନ୍ତ ସାହୁ, ମଣ୍ଡପ ସାହି ପୂଜା କମିଟିର କାର୍ତ୍ତିକ ସାହୁ, ସିଦ୍ଧି ଲକ୍ଷ୍ମୀପୂଜା କମିଟିର ଅମର ପ୍ରଧାନ, ସାମନ୍ତ ସାହି ପୂଜା କମିଟିର ମନୋଜ ଦାସ ପୂଜା ମଣ୍ଡପରେ ସମାଜସେବୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



# 'ପିଲାମାନେ କଳା ମାଧ୍ୟମରେ ଦେଶକୁ ଗୌରବାନ୍ୱିତ କରନ୍ତୁ'


**ଜିଲ୍ଲାସ୍ତରୀୟ କଳା ଉତ୍ସବ**




**ଅନୁଗୋଳ,୧୬ ।୧୦(ସମିସ):** ସ୍ଥାନୀୟ ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ କହିଲେ ଭାରତୀୟ କଳା ଓ ସଂସ୍କୃତି ଅନନ୍ୟ । ତାକୁ ଉଜ୍ଜୀବିତ ରଖିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ପିଲାମାନେ କଳାକୁ ସାଧନ କରି କଳା ମାଧ୍ୟମରେ ନିଜେ ଗୌରବ ଅର୍ଜନ କରିବା ସହିତ ଦେଶକୁ ଗୌରବାନ୍ୱିତ କରିବାକୁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ଅନ୍ତର୍ଗତ ୧୨ଟି ବିଭାଗରେ ଜିଲ୍ଲାରୁ ମୋଟ ୯୦ ଛାତ୍ରଛାତ୍ରୀ, ୨୦ ଗାଇଡ ଶିକ୍ଷକ, ୮ ବିଚାରକ ସମେତ ସମୁଦାୟ ୧୩୦ ଜଣ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସଙ୍ଗୀତ, ବାଦ୍ୟଯନ୍ତ୍ର, ଅଭିନୟ, ଚିତ୍ରକଳା, ଗଳ୍ପକଥନ, ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା । ସଙ୍ଗୀତରେ ଅନୁଗୋଳ ରୋଟାରୀ ପବ୍ଲିକ ସ୍କୁଲର ରୋନିତ ମିଶ୍ର, ବାଦ୍ୟଯନ୍ତ୍ରରେ ଅନୁଗୋଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚିନ୍ମୟ ସାହୁ, ଦଳଗତ ସଙ୍ଗୀତରେ ଅନୁଗୋଳ ରୋଟାରୀ ପବ୍ଲିକ ସ୍କୁଲର ଭିଶାଶ୍ରୀ ପଣ୍ଡା ଓ ସାଥୀ, ସ୍ୱର ବାଦ୍ୟରେ ଛେଣ୍ଡିପଦା ଓପି ଜିନ୍ଦଲ ସ୍କୁଲର ସ୍ୱହମ ସରାଗ ମେଣ୍ଡେଲକର, ଦଳଗତ ବାଦ୍ୟଯନ୍ତ୍ରରେ ଛେଣ୍ଡିପଦା ଓପି ଜିନ୍ଦଲ ସ୍କୁଲର ସଙ୍କେତ ମିଶ୍ର ଓ ସାଥୀ, ଏକକ ନୃତ୍ୟରେ ଛେଣ୍ଡିପଦା ଓପି ଜିନ୍ଦଲ ସ୍କୁଲର ପୌଲମି ଦାସ, ଦଳଗତ ନୃତ୍ୟରେ ଛେଣ୍ଡିପଦା ଓପି ଜିନ୍ଦଲ ସ୍କୁଲର ସତଚିନ୍ତନ ଶତପଥୀ ଓ ସାଥୀ, ଚିତ୍ରକଳାରେ ଅୁଗୋଳ ରୋଟାରୀ ପବ୍ଲିକ ସ୍କୁଲର ନୀତିଶ କୁମାର ବେହେରା, ଶିଳ୍ପକଳାରେ ଛେଣ୍ଡିପଦା ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲର ଅସ୍ମିତ ପଟ୍ଟନାୟକ, ପାରମ୍ପରିକ ଗଳ୍ପ କଥନରେ ତାଳଚେର ଅନନ୍ତବିବାହ ଡିଏଭି ସ୍କୁଲର ଆୟୁଷ କୁମାର ଦାଶ ଓ ସାଥୀ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ପ୍ରତିଯୋଗୀମାନେ ଆସନ୍ତା ୧୮ ତାରିଖ କଟକ ଖାନନଗର ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ଜୋନସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରତିଯୋଗିତାଗୁଡ଼ିକରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଜିଲ୍ଲା ଯୋଜନା ସଂଯୋଜକ ଅଶ୍ୱିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

# ମହିଳାଙ୍କୁ ଅସଦାଚରଣ; ଯୁବକ ଗିରଫ


**ଛେଣ୍ଡିପଦା,୧୬ ।୧୦(ସମିସ):** ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ପୁଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ପାତ୍ରପଡ଼ା ପଞ୍ଚାୟତ ଘାସିମଳିହା ଗାଁର ଭାରତ ବେହେରା । ବାଗଡ଼ିଆ ଥାନା ଅଞ୍ଚଳର ଏହି ମହିଳା ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଭାରତ ଘରେ ପଶି ତାଙ୍କୁ ଅସଦାଚରଣ କରିଥିଲେ । ମହିଳା ଚିତ୍କାର କରିବାରୁ ପଡ଼ିଶା ଘର ଲୋକେ ଉଠି ପଡ଼ିଥିଲେ । ଏହା ଦେଖି ଭାରତ ସେଠାରୁ ପଳାଇ ଯାଇଥିଲେ । ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଭାରତଙ୍କୁ ଗିରଫ କରିଛି ।













# ନବୀନଙ୍କ ଜନ୍ମଦିନରେ ପୂଜାର୍ଚ୍ଚନା, ଦୀପଦାନ



ତାଳଚେର,୧୬।୧୦(ସମିସ): ରାଜ୍ୟ ବିରୋଧୀ ଦଳ ନେତା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ଅବସରରେ ତାଙ୍କ ଶୁଭେଚ୍ଛୁ ଓ ସମର୍ଥକମାନେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ସହ ଦୀପ ପ୍ରଜ୍ୱଳନ କରିଛନ୍ତି। ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ପରାମର୍ଶ କ୍ରମେ ତାଳଚେର ନିର୍ବାଚନ ମଣ୍ଡଳୀ ଚିତ୍ରକୂଟ ଶିବ ମନ୍ଦିର, ତାଳଚେର ଥର୍ମାଲ ଶିବ ମନ୍ଦିରରେ ସମର୍ଥକମାନେ ପହଞ୍ଚି ନବୀନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ପୂଜାର୍ଚ୍ଚନା କରିଥିଲେ। ଲିପୁ ରଥ, କଳାକାର ସିଂହ, ତପନ କୁମାର ମହାରଣା, କାଳିଆ ସାମଲ, କଳ୍ପତରୁ ନାୟକ, ପ୍ରକାଶ ସାମଲ, ପ୍ରକାଶ ସାହୁ ପ୍ରମୁଖ ୧୦୧ ଦୀପ ଜଳାଇ ନବୀନଙ୍କ ଜନ୍ମଦିନ ପାଳନ କରିଥିଲେ। ରାଜ୍ୟ ବିକାଶରେ ନବୀନଙ୍କ ଅବଦାନ ତାଙ୍କୁ ଘରେ ଘରେ ପରିଚିତ କରାଇଛି। ସଫଳ ନେତୃତ୍ୱ ଯୋଗୁଁ ଖାଲି ଓଡ଼ିଶା ନୁହେଁ ବରଂ ସାରା ଦେଶରେ ସେ ଜଣେ ଚର୍ଚ୍ଚିତ ଚେହେରା ଭାବେ ଉଭା ହୋଇଛନ୍ତି ବୋଲି ପୂର୍ବତନ ସାଂସଦ ସାହୁ ପ୍ରକାଶ କରିଥିଲେ।



**ଅନୁଗୋଳ:** ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଜେଡି ସୁପ୍ରିମୋ, ଓଡ଼ିଶାର ଜନମାନସର ନେତା ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନରେ ତାଙ୍କ ସୁସ୍ଥ, ନିରାମୟ, ଦୀର୍ଘ ଜୀବନ କାମନା କରି ପୂର୍ବତନ ସାଂସଦ ତଥା ବିଜେଡି ଅନୁସୂଚିତ ସେଲ ଆବାହକ ମହେଶ ସାହୁ ଦଳୀୟ କର୍ମୀଙ୍କ ସହ ହିନ୍ଦୋଳ ଦେବୀ ସୁକୁଆବାଉତୀ ମନ୍ଦିର, ଅନୁଗୋଳ ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀ, ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ତାଳଚେର ଥର୍ମାଲ ଶିବମନ୍ଦିର, ଗୋପାଳପ୍ରସାଦ ମା' ହିଙ୍ଗୁଳାଙ୍କ ମନ୍ଦିରରେ ସମୂହ ଦୀପଦାନ କରିଛନ୍ତି।

# ନାଳରେ ବୁଡ଼ି ଜଣେ ମୃତ

ଅନୁଗୋଳ,୧୬।୧୦(ସମିସ): ନାଳରେ ବୁଡ଼ି ଅନୁଗୋଳ ସଦର ଥାନା ବାଲୁଅକଟା ପଞ୍ଚାୟତ ଶାବଳଭଙ୍ଗା ଗ୍ରାମର ହଟିଆ ପ୍ରଧାନଙ୍କ ଦିବ୍ୟାଙ୍ଗ ପୁଅ ପ୍ରତାପ ପ୍ରଧାନ (୫୩)ଙ୍କର ଗୁରୁବାର ମୃତ୍ୟୁ ହୋଇଛି। ସକାଳେ ପ୍ରତାପ ଗାଁ ପାଖ ନାଳକୁ ଶୌଚ ହେବାକୁ ଯାଇଥିଲେ। ତେବେ କୌଣସି କାରଣରୁ ସେ ପାଣିରେ ବୁଡ଼ିଯାଇଥିଲେ। ଅପରାହ୍ନରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପୁଲିସ ଓ ଦମକଳ ବାହିନୀ ପହଞ୍ଚି ପ୍ରତାପଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କ ମୃତ୍ୟୁ ହୋଇସାରିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ବିଦାୟ ନେଲେ ମା' ଗଜଲକ୍ଷ୍ମୀ

# ପାରମ୍ପରିକ ନାଚଗୀତରେ ଦୁଲୁକିଲା ମେଲଣ ପଡ଼ିଆ









ପାଲଲହଡ଼ା,୧୬।୧୦(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ସଦରମହକୁମାରେ ୧୦ ଦିନ ଧରି ମା' ଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ଚାଲିଥିବାବେଳେ ଗୁରୁବାର ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଶାସନ ସାହି, କଦମ୍ବ ଚୌକ, ଉଦୟପୁର, ଉଦିତ ନଗର, ସ୍କୁଲ ସାହି, ପୁରୁଣା ଗଡ଼ଡ଼ ସାହି, କଚେରୀ ସାହି, ନୂଆ ବସଷ୍ଟାଣ୍ଡ, ସାମନ୍ତ ସାହି ଏବଂ ରାମ ମନ୍ଦିର ଛକ ଆଦି ପୂଜା କମିଟିଗୁଡ଼ିକ ପାରମ୍ପରିକ ବାଦ୍ୟନୃତ୍ୟର ତାଳେ ତାଳେ ନିଜ ନିଜ ମେଢ଼ଗୁଡ଼ିକୁ ଆଣି ପାଲଲହଡ଼ା ଷ୍ଟାଡିୟମରେ ଏକତ୍ରିତ ହୋଇଥିଲେ। ସେଠାରେ କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆୟୋଜିତ ମେଳଣ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି, ପୂର୍ବତନ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ, ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ତନ୍ମୟ କୁମାର ସାହୁ ଏବଂ ଲିଙ୍ଗରାଜ ଦାଶ ଯୋଗଦେଇଥିଲେ। କେନ୍ଦ୍ରୀୟ କମିଟି ସଭାପତି ଶଶିଭୂଷଣ ଆଚାର୍ଯ୍ୟ, ସମ୍ପାଦକ ସୁଶୀଲ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ସମସ୍ତ ମେଢ଼ରେ ପୁଷ୍ପାଞ୍ଜଳି ଅର୍ପଣ କରିବା ପରେ ସଭା ଆରମ୍ଭ ହୋଇଥିଲା। କେନ୍ଦ୍ରୀୟ କମିଟି ଅଧୀନରେ ଥିବା ସମସ୍ତ ସାହିର ସଭାପତିଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମା'ଙ୍କ ଆଞ୍ଚଳରୁ ନିଲାମ ହୋଇଥିଲା। ୬୧,୩୦୦ ଟଙ୍କାରେ ବସଷ୍ଟାଣ୍ଡର ବ୍ୟବସାୟୀ ସନତ କୁମାର ବିଶ୍ୱାଳ ଏହାକୁ ନିଲାମ ନେଇଥିଲେ। ଏଥିସହ ମା' ଲକ୍ଷ୍ମୀଙ୍କ ପ୍ରତିମାକୁ ୧.୬୦ ଲକ୍ଷ ଟଙ୍କା ପରିମାଣିକ ରାଶିରେ ସହରର ବ୍ୟବସାୟୀ ସତ୍ୟ ପୃଷ୍ଟି ନିଲାମ ନେଇଥିଲେ। ପରେ ସମସ୍ତ ୯ଟି ମେଢ଼ ଷ୍ଟାଡିୟମ୍‌ରୁ ବାହାରି ବସଷ୍ଟାଣ୍ଡ, ମେଡିକାଲ ଛକ ଓ ବଜାର ଛକ ଦେଇ ଭସାଣି ପାଇଁ ଯାଇଥିଲେ। ପାରମ୍ପାରିକ ଆଦିବାସୀ ନୃତ୍ୟ ସାଙ୍ଗକୁ ଢୋଲ ନିଶାନର ତାଳେତାଳେ ସହରବାସୀ ମା'ଙ୍କୁ ବିଦାୟ ଦେଇଛନ୍ତି। କେନ୍ଦ୍ରୀୟ କମିଟି ଉପସଭାପତି ଆଶିଷ ସାମଲ, ରଞ୍ଜିତ କୁମାର ସାମଲ ଏବଂ ସମସ୍ତ ପୂଜା କମିଟି ସଭାପତି ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ରହି ଭସାଣି ଶୋଭାଯାତ୍ରା ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ସହରରେ ୨ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର ଓ ୧୦ ଜଣ ଏଏସଆଇ ସମେତ ୨ ପ୍ଲାଟୁନ ପୁଲିସ ମୁତୟନ ହୋଇଥିଲେ।

# ଖୁଚୁରା ବାଣ ବ୍ୟବସାୟୀଙ୍କ ଉପରେ କଡ଼ା ନଜର

ତାଳଚେର,୧୬।୧୦(ସମିସ): ଦୀପାବଳି ପାଖେଇ ଆସୁଥିବା ବେଳେ ବାଣ ବ୍ୟବସାୟୀମାନେ ବାଣ ବିକିବାକୁ ତତ୍ପର ହୋଇପଡ଼ିଛନ୍ତି। ବାଣ ତିଆରି ଓ ବିକ୍ରି ବେଳେ କିଛି ସ୍ଥାନରେ ବିସ୍ଫୋରଣ ଘଟି ଘରଦ୍ୱାର ଭାଙ୍ଗିବା ସହ ଲୋକେ ମୃତାହତ ହୋଇଥିବା ଅନେକ ଦୃଷ୍ଟାନ୍ତ ରହିଛି। ଏହି ପରିପ୍ରେକ୍ଷୀରେ ତାଳଚେର ଅଞ୍ଚଳରେ ପ୍ରାୟ ୪-୫ ମାସ ପୂର୍ବରୁ ବ୍ୟବସାୟୀମାନେ ଲୁଚାଛପାରେ କୋଟିକୋଟି ଟଙ୍କାର ବାଣ ତିଆରି କରି ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖିଛନ୍ତି। କିଛି ବ୍ୟବସାୟୀ ଅତି ଚତୁରତାର ସହ ବାଣଗୁଡ଼ିକ ବିକ୍ରି କରି ସାରିଥିବା ବେଳେ ଆଉ କେତେକ ମୋଟା ଅଙ୍କ ରୋଜଗାର କରିବା ଆଶାରେ ଅନାଇ ବସିଛନ୍ତି। ସେହି ବ୍ୟବସାୟୀଙ୍କଠାରୁ ଯେଉଁ ଖୁଚୁରା ବ୍ୟବସାୟୀ ନିଜର ପେଟପାଟଣା ପାଇଁ କରଜ କରି ବାଣ କିଣି ବିକ୍ରି କରିବା ଲକ୍ଷ୍ୟରେ ନେଉଛନ୍ତି ତାଳଚେର ଟାଉନ ପୁଲିସ୍ ସେମାନଙ୍କ ଉପରେ କଡ଼ା ନଜର ରଖିଛି।

# ସାଇବାବା ୟୁଥ୍ କ୍ଲବ ପକ୍ଷରୁ ଗଜଲକ୍ଷ୍ମୀ ପୂଜା



କିଶୋରନଗର,୧୬।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଧଉରାଗଠ ରଙ୍ଗମାଟିଆ ସାହିରେ ସାଇବାବା ୟୁଥ କ୍ଲବ ପକ୍ଷରୁ ମା' ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି। ଆଠଦିନ ଧରି ପୂଜା ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ୧୩ ତାରିଖ ଭସାଣି ଉତ୍ସବ ହୋଇଥଲା। ସାଇବାବା ୟୁଥ କ୍ଲବ ସଭାପତି ଅଜିତ କୁମାର ଧଳ, ସମ୍ପାଦକ ମନୋରଞ୍ଜନ ଧଳଙ୍କ ନେତୃତ୍ୱରେ କ୍ଲବର ସମସ୍ତ ସଦସ୍ୟ ଏବଂ ସାହିବାସିନ୍ଦା ସହଯୋଗ କରିଥିଲେ।

# ଶାନ୍ତିଶୃଙ୍ଖଳାର ସହ ମା' ଗଜଲକ୍ଷ୍ମୀଙ୍କୁ ବିଦାୟ

ବଁଅରପାଲ,୧୬।୧୦(ସମିସ): ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ପରେ ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ସମସ୍ତ ୧୩ ପେଣ୍ଡାଲରେ ପୂଜାର୍ଚ୍ଚନା କରି ପୂର୍ବାହ୍ନ ୧୧ଟାରେ ମା'ଙ୍କୁ ମେଲଣ ପଡ଼ିଆକୁ ନିଆଯାଇଥିଲା। ସେଠାରୁ କ୍ରମିକ ସଂଖ୍ୟା ଅନୁଯାୟୀ ଟାମଡ଼ା ମାର୍କେଟ, ଡେଲି ମାର୍କେଟ, ଶାନ୍ତି ବଜାର, ଲକ୍ଷ୍ମୀନାରାୟଣ ବଜାର, ସନ୍ତ୍ରୀ ଛକ (କ), ସିଦ୍ଧେଶ୍ୱର ବଜାର, ଆରଆଇ ଅଫିସ ଛକ, ନୂଆ ବଜାର, ସନ୍ତ୍ରୀ ଛକ (ଖ), ଦୁର୍ଗାବଜାର, ଲାଲବାଗ ପୂଜା କମିଟି, ଶୁଭଲକ୍ଷ୍ମୀ କାଳୀବଜାର, ନୂଆହାତା ଛକ ବଜାର ଓ ପଞ୍ଚଶ୍ରୀକ୍ଷେତ୍ର ବଜାର ମେଢ଼କୁ ବାଜାବାଣ ପଟୁଆରରେ ସହର ପରିକ୍ରମା କରାଯାଇଥିଲା। ବଣିକ ମହାସଂଘ ପକ୍ଷରୁ ଥାନା ଅଧିକାରୀ ଦୁଷ୍ମନ୍ତ ସିଂଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଂଘ ସଭାପତି ଉପେନ୍ଦ୍ର ସାହୁ, ସମ୍ପାଦକ ଅଖିଳ ମହାପାତ୍ର, ମୁଖ୍ୟ ଉପଦେଷ୍ଟା ଖଗେଶ୍ୱର ପରିଡା ଓ କୋଷାଧ୍ୟକ୍ଷ ଜିତୁଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ରହ୍ମାଣୀ ନଦୀରେ ମା'ଙ୍କୁ ବିସର୍ଜନ କରାଯାଇଥିଲା।



# ୧୫ ଲକ୍ଷର ଗଞ୍ଜେଇ, ୨ କାର୍ ଜବତ; ୪ ଗିରଫ

ଅନୁଗୋଳ,୧୬।୧୦(ସମିସ): ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଚଢ଼ଉ କରାଯାଇ ୧୫ ଲକ୍ଷ ଟଙ୍କାର ଚୋରା ଗଞ୍ଜେଇ ସହ ଦୁଇଟି କାର ମଧ୍ୟ ଜବତ କରାଯାଇଛି। ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳର ସୌମ୍ୟରଞ୍ଜନ ପ୍ରଧାନ, ବବୁଲୁ ପ୍ରଧାନ, ପୁରୀର ପ୍ରଶାନ୍ତ ରାଉତରାୟ ଏବଂ ଅନୁଗୋଳର ପ୍ରଦୀପ ଦାସ। ସମସ୍ତଙ୍କୁ କୋର୍ଟ ଚାଲାଣ କରିଯାଇଛି।

ସକାଳେ ଦୁଇଟି ଦାମୀ କାରରେ ଜରପଡ଼ା ଆଡୁ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଅନୁଗୋଳ ଡେପୁଟି ଅବକାରୀ ଅଧିକ୍ଷକ ନୀଳାଦ୍ରି ନାୟକଙ୍କ ନେତୃତ୍ୱରେ ଇନ୍ସପେକ୍ଟର ରମ୍ଭା ବାଗ, ଏସଆଇ ରଞ୍ଜିତା ହରିଚନ୍ଦନ, ଗାୟତ୍ରୀ ମାଝୀ ପ୍ରମୁଖଙ୍କ ସହ ଅନ୍ୟ କର୍ମଚାରୀମାନେ ସଦଳବଳ ଚଢ଼ଉ କରିଥିଲେ। ଅବକାରୀ ବିଭାଗ ଟିମ୍ ଜରପଡ଼ା ଅଭିମୁଖେ ଯାଉଥିବା ବେଳେ ଦୁର୍ଗାପୁରଠାରେ ଗାଡ଼ି ଦୁଇଟିକୁ ଧରି ଯାଞ୍ଚ କରିଥିଲେ। ଦୁଇଟି ଗାଡ଼ିରୁ ୧୫୦ ଚୋରା ଗଞ୍ଜେଇ ବାହାରିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ଭସାଣି ଯାତ୍ରାରେ ଜିଅନ୍ତା କୁକୁଡ଼ା ଖାଇବା ଅଭିଯୋଗ

ଅନୁଗୋଳ,୧୬।୧୦(ସମିସ): ବୁଧବାର ଅନୁଗୋଳ ଲକ୍ଷ୍ମୀପୂଜା ଭସାଣି ଶୋଭାଯାତ୍ରା ସମୟରେ ଏକ ପୂଜା କମିଟି ପକ୍ଷରୁ ଅସୁର ନୃତ୍ୟ ପରିବେଷଣ କରାଯାଇଥିଲା। ଜଣେ ଅସୁର ଗୋଟିଏ ଜିଅନ୍ତା କୁକୁଡ଼ା ଧରି କିଛି ସମୟ ଉଗ୍ର ନାଚ କରିବା ପରେ ତାକୁ ଫାଡ଼ି ରକ୍ତ ପିଇବା ସହ ଟୁକୁରା ମାଂସକୁ ଏଣେତେଣେ ଫିଙ୍ଗିଥିଲେ। ଏହି ବୀଭତ୍ସ ଦୃଶ୍ୟ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ସ୍ତବ୍ଧ କରିଦେଇଥିଲା। ଅନେକ ମହିଳା ଓ ଶିଶୁ ଜାଗା ଛାଡ଼ି ପଳାଇଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହେଲା ପରେ ଗୁରୁବାର ଆନିମଲ୍ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ରାକେଶ ରୋଶନ୍ ଦାସ ଏ ସମ୍ପର୍କରେ ଅନୁଗୋଳ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡାଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

## ନାଲକୋ ଠିକା ଶ୍ରମିକ ସଂଘ ପ୍ରତିଷ୍ଠା ଦିବସ

# ୬୩୩୩ ଠିକା ଶ୍ରମିକଙ୍କୁ ନାଲକୋର ଶୋଷଣ: ରାମଚନ୍ଦ୍ର



ନାଲକୋ ନଗର,୧୬।୧୦(ସମିସ): ନାଲକୋ ଏସ ଆଣ୍ଡ ପି କମ୍ପ୍ଲେକ୍ସର ଆଇଏନଟିୟୁସି ସହବନ୍ଧିତ ନାଲକୋ ଠିକା ଶ୍ରମିକ ସଂଘ ପ୍ରତିଷ୍ଠା ଦିବସ 'ନେସ' ୟୁନିୟନ ସଭଗୃହରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ରଷ୍ଟ୍ରୀୟ ମଜଦୁର କଂଗ୍ରେସ ନେତା ଡ. ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇଥିଲେ। ନାଲକୋ କର୍ମଚାରୀଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଥିବା ସତ୍ତ୍ୱେ ନୂତନ ନିଯୁକ୍ତି ନ କରି ଠିକା ଶ୍ରମିକଙ୍କ ଦ୍ୱାରା ପ୍ଲାଣ୍ଟ ପରିଚାଳନା କରାଯାଉଛି। ଜଣେ ସ୍ଥାୟୀ କର୍ମଚାରୀଙ୍କ ମାସିକ ଦରମା ହାରାହାରି ୮୭ ହଜାର ୫ଶହ ଟଙ୍କା ହୋଇଥିବା ବେଳେ ଠିକା ଶ୍ରମିକଙ୍କୁ ମାତ୍ର ୧୫ହଜାର ଟଙ୍କା ମିଳୁଛି। ନାଲକୋ ସ୍ମେଲ୍ଟର ଓ ସିପିପିରେ ବର୍ତ୍ତମାନ ୬ହଜାରରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ କାମ କରୁଛନ୍ତି। ସ୍ଥାୟୀ କର୍ମଚାରୀଙ୍କ କାମକୁ ଠିକା ଶ୍ରମିକମାନେ ତୁଲାଉଥିବା ବେଳେ ସେମାନଙ୍କୁ ସମାନ ମଜୁରି ମିଳୁନାହିଁ। ଠିକା ଶ୍ରମିକମାନଙ୍କ ନ୍ୟାଯ୍ୟ ଦରମା, ସ୍ୱାସ୍ଥ୍ୟସେବା, କ୍ୱାର୍ଟର୍ସ ସୁବିଧା, ପୂଜା ବୋନସ, ଫୁଲ ଆଣ୍ଡ ଫାଇନାଲ ବୋନସ ପ୍ରଦାନରେ କମ୍ପାନୀ କୁଣ୍ଠିତ ହେଉଛି। ଠିକା ଶ୍ରମିକଙ୍କୁ ଶୋଷଣ କରି ନାଲ୍‌କୋ ଲାଭ କରୁଛି ବୋଲି ଖୁଣ୍ଟିଆ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇଏନଟିୟୁସି ରାଷ୍ଟ୍ରୀୟ ଉପସଭାପତି କିଶୋର ଚନ୍ଦ୍ର ଜେନା ଯୋଗଦେଇ ଶ୍ରମିକଙ୍କ ନ୍ୟାଯ୍ୟ ପ୍ରାପ୍ୟ ପାଇବାକୁ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ଆଇଏନଟିୟୁସି ରାଷ୍ଟ୍ରୀୟ ସମ୍ପାଦକ ମଦନ ମୋହନ ଧଳ ବକ୍ତା ଭାବେ ଯୋଗଦେଇ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସରକାର ନାଲକୋର ଅଂଶଧନ ବିକ୍ରି କରି ପୁଞ୍ଜିପତିଙ୍କ ହାତକୁ ଟେକିଦେବା ମସୁଧାକୁ ଆଇଏନଟିୟୁସି ସର୍ବଦା ବିରୋଧ କରିଆସୁଛି ବୋଲି ପ୍ରକାଶ କରିଥିଲେ।

ଅନ୍ୟତମ ଅତିଥି ଭାବେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ଯୁବ ଶାଖା ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ନାଲକୋ କର୍ପୋରେଟ ୟୁନିଟ ଆଇଏନଟିୟୁସି ୟୁନିୟନ ସମ୍ପାଦକ ପ୍ରଦୀପ କୁମାର ଦାସ, ସିପିପି ସ୍ୱୀକୃତିପ୍ରାପ୍ତ ଏନଏସସିୟୁ ସଭାପତି ବିଭବ ଜେନା, ନାଲକୋ କର୍ମଚାରୀ ସଂଘ ସଭାପତି ନିର୍ମଳ ସାମଲ, ସମ୍ପାଦକ ରଞ୍ଜିତ କୁମାର ସାହୁ ମଞ୍ଚାସୀନ ଥିଲେ।

ଠିକା ଶ୍ରମିକ ସଂଘ ସଭାପତି ଅଭୟ ସାମଲ ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ଶ୍ରୀକାନ୍ତ ରାଉତ ବିବରଣୀ ପାଠ କରିଥିଲେ। ଠିକା ଶ୍ରମିକ ନେତା ବାବୁଲି ସେଠୀ, ଦିବ୍ୟରଞ୍ଜନ ଦାସ, ଅନୀଲ ବରାଳ, ପ୍ରସନ୍ନ ମହାନ୍ତି, ଭୀମସେନ ସାହୁ, କୁମର ସାହୁ, ଦିଲୀପ ସାମଲ, ଇନ୍ଦ୍ରମଣି ରାଉଳ, ଦୀପକ ବାରିକ ପ୍ରମୁଖ ସହଯୋଗ କରିଥିଲେ।


**Format C-7**

**(for political parties to publish in the newspaper, social media platforms & website of the party)**

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates**

**(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)**

Name of the Political Party: **BIJU JANATA DAL**

Name of the Election: **BYE- ELECTION TO THE STATE LEGISLATIVE ASSEMBLY OF ODISHA -2025**

Name of the State: **ODISHA**

(1) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. Non-Bailable ii. Non-Bailable iii. Non-Bailable iv. Non-Bailable |
| | b. | Case No. | i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25 |
| | c. | Name of the Court | All cases are pending in SDJM Bargarh, District Bargarh |
| | d. | Whether charges have been framed or not (Yes/No) | i. No ii. No iii. No iv. No |
| | e. | Date of Conviction, if any | Not Applicable |
| | f. | Details of punishment undergone, if any | Not Applicable |
| | g. | Any other information required to be given | All cases posted for appearance |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents. |

(2) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

........................................................................................ and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
**DEBIPRASAD MISHRA**
**SENIOR VICE-PRESIDENT,**
**BIJU JANATA DAL, ODISHA**

ସକାଳ
THE SAKALA

## ବିକାଶର ଗତି ଅଭିବୃଦ୍ଧି

ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିର ନିରନ୍ତର ବିକାଶ ସଂପର୍କରେ ସୁଚିନ୍ତିତ ମତ ଉପସ୍ଥାପନ କରିଥିବାରୁ ନୋବେଲ ପୁରସ୍କାର ପାଇଥିବା ତିନିଜଣ ଅର୍ଥଶାସ୍ତ୍ରୀଙ୍କ ସଂପର୍କରେ ସ୍ୱତନ୍ତ୍ର ଉଲ୍ଲେଖ ବା ଆଲୋଚନା ଦାବି କରେ। ସେମାନେ ହେଲେ ଜୋଏଲ୍ ମୋକିର, ପିଟର ହାୱିଟ୍ ଓ ବ୍ରିଟେନର ଫିଲିପ୍ ଆଘିଅନ୍। ସେମାନଙ୍କୁ ଡିସେମ୍ବର ୧୦ ରେ ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ମୋକିର ଦୁଇଶହ ବର୍ଷର ଇତିହାସ ଉତ୍ସକୁ ଗବେଷଣାର ଆଧାର କରି ନିରନ୍ତର ଅଭିବୃଦ୍ଧି କିଭଳି ଏକ ସ୍ୱାଭାବିକ ପ୍ରକ୍ରିୟା ଏବଂ ପରିବେଶ ଓ ପରିସ୍ଥିତି ଏଥିସକାଶେ ସୁଯୋଗ ସୃଷ୍ଟି କରିଆସିଛି ତାହା ଦର୍ଶାଇଛନ୍ତି। ଶିଳ୍ପ ବିପ୍ଳବ ପୂର୍ବରୁ ପ୍ରଚଳିତ ପ୍ରଥା ଓ ବିଧି ବ୍ୟବସ୍ଥାରେ ବିଶ୍ୱାସୀ ଜନସମୁଦାୟ ଏହି ପରିବର୍ତ୍ତନକୁ ଗ୍ରହଣ କରିପାରିନଥିଲେ। ତତ୍‌କାଳୀନ ବ୍ୟବସ୍ଥାରେ ନୂଆ ପ୍ରଯୁକ୍ତି ବିଦ୍ୟା ଓ ଆବିଷ୍କାରର ପ୍ରୟୋଗ ଓ ସଠିକ୍ ବ୍ୟବହାରରେ ସମସ୍ୟା ସୃଷ୍ଟି କରିଥିଲା। ତେଣୁ ମୁକ୍ତ ଚିନ୍ତନ ମାଧ୍ୟମରେ ସାମାଜିକ ବ୍ୟବସ୍ଥାକୁ ନୂଆ ବିଚାର ଓ ପରିବର୍ତ୍ତନକୁ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ଅନ୍ୟପକ୍ଷରେ ଫିଲିପ ଓ ପିଟର ନିରନ୍ତର ଅଭିବୃଦ୍ଧି ଓ ବିକାଶର ପୃଷ୍ଠଭାଗରେ ଥିବା ପଦ୍ଧତି ଓ ପ୍ରୟୋଗ ଉପରେ ଅନୁଶୀଳନ କରିଛନ୍ତି। ଦେଖିବାକୁ ଗଲେ ନୋବେଲ ପୁରସ୍କାର ପାଇଥିବା ଏହି ତିନି ଅର୍ଥଶାସ୍ତ୍ରୀ ଉପସ୍ଥାପନ କରିଥିବା ତଥ୍ୟ ପରସ୍ପରର ପରିପୂରକ ଏବଂ ଦ୍ରୁତ ଅଭିବୃଦ୍ଧି ହାସଲରେ ସହାୟକ। ୧୯୯୧ ରେ ସେମାନଙ୍କ ଦ୍ୱାରା ପ୍ରକାଶିତ ନିବନ୍ଧରେ ଯେଉଁ ଗାଣିତକ ସୂତ୍ରର ବିକାଶ କରିଛନ୍ତି ତାହା 'କ୍ରିଏଟିଭ୍ ଡେଷ୍ଟ୍ରକସନ୍' ଉପରେ ଆଧାରିତ।

ଏକଥା ସତ ଯେ ନୂଆ ଉତ୍ପାଦ ଏବଂ ଉଦ୍ଭାବିତ ପ୍ରଯୁକ୍ତି ବିଦ୍ୟା ଆଧାରିତ ଉତ୍ପାଦନ ଯେତେବେଳେ ବଜାରକୁ ଆସେ ତାହାର ଗ୍ରହଣୀୟତା ପୁରୁଣା ବ୍ୟବସ୍ଥାକୁ ବଦଳାଇବା ସକାଶେ ବାଧ୍ୟବାଧକତା ସୃଷ୍ଟି କରିଥାଏ। ଏହି ପ୍ରକ୍ରିୟା ନିରନ୍ତର ପ୍ରୟୋଗ ଓ ପ୍ରସାର ଲାଭ କରିଆସିଛି। ତାହାର ପ୍ରଭାବରେ ବିଶ୍ୱବାସୀଙ୍କ ଜୀବନର ଗୁଣବତ୍ତା, ସ୍ୱାସ୍ଥ୍ୟ ଓ ଜୀବନଧାରଣର ମାନରେ ପରିବର୍ତ୍ତନ ଆଣିଛି। ଆଲୋଚନା ପ୍ରସଙ୍ଗରେ ଟ୍ରମ୍ପଙ୍କ ନୀତି ଓ କାର୍ଯ୍ୟଧାରା ବ୍ୟବସ୍ଥାରେ କିଭଳି ଅସନ୍ତୁଳନ ସୃଷ୍ଟି କରିଛି ତାହାର ଉଲ୍ଲେଖ ମଧ୍ୟ ରହିଛି। ବିଶେଷକରି ତାଙ୍କ ଟାରିଫ ନୀତି ଫଳରେ ବିଶ୍ୱ ଅର୍ଥନୀତି ଗତିଶୀଳତା ହରାଇଛି। ବିଶ୍ୱ ଉପଭୋକ୍ତାଙ୍କ ନିକଟରେ ନୂଆ ଉତ୍ପାଦ ପହଞ୍ଚିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଶିକ୍ଷା ଓ ଗବେଷଣା ବ୍ୟାହତ ହେଲା ଭଳି ଟ୍ରମ୍ପଙ୍କ କେତେକ ନିର୍ଦ୍ଦେଶ ଏକ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟକୁ କ୍ଷୁର୍ଣ୍ଣ କରିବ ବୋଲି ଦର୍ଶାଯାଇଛି। ସେମାନେ ଯୁକ୍ତିଛଳରେ କହିଛନ୍ତି ଯେ ଗବେଷଣା ପ୍ରସୂତ ଜ୍ଞାନକୌଶଳ ଉପଯୋଗ କରିବାକୁ ଅନ୍ୟମାନଙ୍କୁ ଛାଡ଼ି ଦିଆଯାଉ। ନିଜ ଦେଶରେ ତାହାର ଉତ୍ପାଦନ ପାଇଁ ୟୁନିଟ ପ୍ରତିଷ୍ଠା କରିବାର କୌଣସି ଯଥାର୍ଥତା ନାହିଁ। ଆମେରିକାର ବିଚାରଗତ ପରିବର୍ତ୍ତନକୁ ସେମାନେ ନାପସନ୍ଦ କରିଛନ୍ତି।

ପ୍ରଚଳିତ ବିଶ୍ୱର ଆବଶ୍ୟକତା ଅନୁଯାୟୀ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶର ନୂତନ ନକ୍‌ସା ପ୍ରସ୍ତୁତ କରିବାରେ ନୋବଲ ପୁରସ୍କାର ବିଜେତା ଏହି ତିନି ଅର୍ଥଶାସ୍ତ୍ରୀଙ୍କ ଗବେଷଣାମୂଳକ ତଥ୍ୟ ଓ ଅନୁଧ୍ୟାନ ନିଶ୍ଚୟ ସହାୟକ ହେବ। ଆମେରିକା ଓ ଚୀନର ଅଗ୍ରଗତି ପଛରେ ଥିବା ପଦ୍ଧତି ଓ ବିଚାରଗତ ନିଷ୍ପତ୍ତିକୁ ୟୁରୋପୀୟ ରାଷ୍ଟ୍ର ଅନୁଶୀଳନ ନ କଲେ ସେମାନେ ଅନ୍ୟମାନଙ୍କ ପଶ୍ଚାତଧାବନ କରିବାର ବାଧ୍ୟବାଧକତା ସୃଷ୍ଟି ହେବ। ସେମାନଙ୍କ ଗବେଷଣା ଓ ଅନୁଶୀଳନ ହେଉଛି ସଂଗୃହୀତ ଐତିହାସିକ ପୃଷ୍ଠଭୂମି। ତେଣୁ ବିଜେତାମାନଙ୍କ ପୁରସ୍କାର ବାବଦରେ ମିଳିବାକୁ ଥିବା ୧୦୨ ନିୟୁତ ଡଲାରର ଅର୍ଦ୍ଧେକ ରାଶି ମୋକିର ଓ ଅବଶିଷ୍ଟ ଅର୍ଥ ଦୁଇଜଣ ଅର୍ଥଶାସ୍ତ୍ରୀ ପାଇବେ।

## ଅଶାନ୍ତ ସହର ଓ ଜନପଦ

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି କ୍ରମେ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇପଡ଼ିଲାଣି। ଲଗାମବିହୀନ ଆପରାଧିକ ତତ୍ତ୍ୱ ଗୋଟିକ ପରେ ଗୋଟିଏ ହିଂସାକାଣ୍ଡ ଭିଆଇ ପୁଲିସର ପାରିବାର ପଣିଆକୁ ଖୋଲା ଆହ୍ୱାନ ଦେଇଛନ୍ତି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ନିୟମିତ ବ୍ୟବଧାନରେ ପରିଲକ୍ଷିତ ଅପରାଧ ପାଇଁ କ୍ଷମତା କେନ୍ଦ୍ର କଠୋର ସମାଲୋଚନାର ସମ୍ମୁଖୀନ ହୋଇଛି। ରାଜଧାନୀ ରାଜ୍ୟର ପ୍ରତିଛବି। କ୍ଷମତାରେ ଯିଏ ଥାଉନା କାହିଁକି ସେ ନିଶ୍ଚୟ ପରିସ୍ଥିତି ପ୍ରତି ସଜାଗ ଓ ସତର୍କ ରହିବାକୁ ପଡ଼ିବ। ଏକ୍ଷେତ୍ରରେ ସୁଦକ୍ଷ ଓ ସମର୍ଥ ଅଧିକାରୀଙ୍କ ନିପୁଣତା ଉପରେ କ୍ଷମତା ନିର୍ଭରଶୀଳ ରହିବା ସ୍ୱାଭାବିକ। ଯେତେବେଳେ ରାଜନୈତିକ ବାଛବିଚାର ଏକ୍ଷେତ୍ରରେ ପରିଲକ୍ଷିତ ହୁଏ ସେତେବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଥୟ। ସଂପ୍ରତି ଯେଉଁ ପରିସ୍ଥିତି ଉପୁଜିଛି ସେଥିରେ ଶାସନଗତ ଅପରିପକ୍ୱତା ଓ ଅନଭିଜ୍ଞତା ବାରି ହୋଇପଡୁଛି। ନିଜ ଲୋକ ଓ ପାଖଲୋକ ବିଚାରରେ ଅବସ୍ଥାପିତ ଅଧିକାରୀ ପୋଷା ଯାଇଥିବା ସୁରକ୍ଷା ବଳୟରେ ଥିବା ଅପରାଧୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାରେ କିଛି ଅସ୍ୱାଭାବିକତା ନାହିଁ। ରାଜଧାନୀରେ ଅପରାଧତତ୍ତ୍ୱଙ୍କ କାର୍ଯ୍ୟକଳାପରୁ ଏହା ଅନ୍ତତଃ ପ୍ରମାଣିତ ହୋଇଛି।

ଗତ ସୋମବାର ପରିଲକ୍ଷିତ ଆପରାଧିକ କାର୍ଯ୍ୟକଳାପରୁ ଅସାମାଜିକଙ୍କ ନିଡରୁଆପଣ ବାରି ହୋଇପଡୁଛି। ଭୁବନେଶ୍ୱରର ସହରତଳି ଅଞ୍ଚଳ ସଂପ୍ରତି ଅପରାଧତତ୍ତ୍ୱଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ସେମାନେ କ୍ରମାଗତ ଭାବେ ନିର୍ବାଧରେ ଅପରାଧ ଭିଆଇ ଚାଲିଛନ୍ତି। କଥା କଥାକେ ସେମାନେ ବନ୍ଧୁକ ଉଠାଉଛନ୍ତି। ବେଆଇନ ମାରଣାସ୍ତ୍ର ଚାଲାଣରେ ସଂପୃକ୍ତ ବିହାରୀ ଅପରାଧୀଙ୍କ ଉପରେ କଟକଣା ପ୍ରୟୋଗ କରାଯାଇପାରୁ ନଥିବାରୁ ଛୋଟକାଟର ଅପରାଧୀଙ୍କ ହାତରେ ମଧ୍ୟ ବନ୍ଧୁକ ରହିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁ ଦାଣ୍ଡରେ ଏମଏସ୍‌ରେ କାର୍ଯ୍ୟରତ ସୁଧାଂଶୁ ଖଣ୍ଟିଆଙ୍କୁ ଅଫିସ ଯିବା ବାଟରେ ଅପରାଧୀ ୫ ରାଉଣ୍ଡ ଗୁଳି ଚଳାଇ ହତ୍ୟା କଲେ। ସକାଳ ୮ ଟାର ଘଟଣା, ଜନଗହଳି ରାସ୍ତାରେ କେତେ ନିଡରୁଆ ହେଲେ ଏପ୍ରକାର ଅପରାଧ ଜଣେ ଭିଆଇ ପାରିବ! ଏହା ନିଶ୍ଚୟ ଚିନ୍ତାଜନକ। ଏହାର ପୃଷ୍ଠଭାଗରେ ପାରିବାରିକ ଜମି ବିବାଦ ଥିଲେ ମଧ୍ୟ ଦିବାଲୋକରେ ଗୁଳିମାଡ଼ କିଛି ଛୋଟ ଘଟଣା ନୁହେଁ। ସେହିଭଳି ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଚୂନକୋଳି ବସ୍ତିରେ କିଛି ଦୁର୍ବୃତ୍ତ ପଥରରେ ଛେଚି ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ଠିକ୍ ସପ୍ତାହକ ପୂର୍ବରୁ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଆଶ୍ରମରେ ମଧ୍ୟ ଗୁଳିକାଣ୍ଡ ଘଟିଥିଲା। ଅନ୍ୟ ଏକ ସମ୍ବେଦନଶୀଳ ଘଟଣା ହେଲା, ଟ୍ରେନରେ ରାଜଧାନୀକୁ ଆସିଥିବା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ଷ୍ଟେସନ୍ ବାହାରେ ଅଟୋକୁ ଅପେକ୍ଷା କରିଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଲୁହାରଡରେ ପିଟି ମୋବାଇଲ ଛଡ଼ାଇ ନେଇଛନ୍ତି। ଇଏ ହେଲା ଠିକେ ଠିକେ କିଛି ଦିନର ରାଜଧାନୀ ଅପରାଧତତ୍ତ୍ୱଙ୍କ କାରନାମା।

ବ୍ରହ୍ମପୁରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା ହେଉ କି ଚୌଦ୍ୱାର ଜେଲର ସୁରକ୍ଷାବଳୟରୁ ୨ ଜଣ ବିହାର ଅପରାଧୀ ଚମ୍ପଟ ମାରିବା ଭଳି ଖବର ସହ ରାଜ୍ୟରେ ପୁଲିସ ଏସଆଇ ନିଯୁକ୍ତି ପଛରେ ବିପୁଳ ଆର୍ଥିକ କାରବାରକୁ ସଂଯୋଗ କରିଦେଲେ ମନେ ହେବ ସବୁକିଛି ଠିକ୍ ଠାକ୍ ଚାଲିନି। ଚୌଦ୍ୱାର କାରାଗାର ସଂପର୍କରେ ଜେଲ ଡିଆଇଜିଙ୍କ ରିପୋର୍ଟକୁ ଅନୁଶୀଳନ କଲେ ଅସୁରକ୍ଷିତ ବାତାବରଣ ନେଇ ସରକାରଙ୍କ ଅସହାୟତା ବାରି ହୋଇ ପଡ଼ିବ। ଏହା ଶାସନଗତ ଅକ୍ଷମତା ଓ ଅପାରଗତାର ନିଦର୍ଶନ କୁହାଯାଇ ପାରେ।

# ସମ୍ପାଦକୀୟ



ଗରିବ ଲୋକମାନଙ୍କର ସବୁଠାରୁ ବଡ଼ ସମସ୍ୟା ହେଉଛି ସେମାନଙ୍କଠାରେ ଉଚ୍ଚାକାଂକ୍ଷାର ଅଭାବ।
-ଆଦାମ୍ ସ୍ମିଥ୍

## ଭାରତ-ମଙ୍ଗୋଳିଆ ସମ୍ପର୍କ: ସହଯୋଗର ନୂତନ ଦିଗ

ଡକ୍ଟର ସୁଶାନ୍ତ କୁମାର ପରିଡ଼ା




ଭୌଗୋଳିକ ଦୃଷ୍ଟିକୋଣରୁ ଭାରତ ଓ ମଙ୍ଗୋଳିଆ ଅନେକ ମାଇଲ ଦୂରରେ ଅବସ୍ଥିତ। ତେଣୁ ମନେ ହୁଏ ଯେ ସେମାନଙ୍କ ମଧ୍ୟରେ ମାନସିକ କିମ୍ବା ସାଂସ୍କୃତିକ ସଂଯୋଗ କମ୍ ଥିବ। କିନ୍ତୁ ଇତିହାସ ଅନ୍ୟ କିଛି କହେ। ଏହି ଦୁଇ ଦେଶର ସମ୍ପର୍କର ଭିତ୍ତି ରହିଛି ଧର୍ମ ଓ ଦର୍ଶନରେ, ବିଶେଷକରି ବୌଦ୍ଧଧର୍ମରେ। ଏହି ଆଧ୍ୟାତ୍ମିକ ଯୋଗ ଏବେ ଆସି ୭୦ ବର୍ଷର ରାଜନୈତିକ ଯାତ୍ରାରେ ରଣନୈତିକ ସହଯୋଗର ଆକାର ନେଇଛି। ଚଳିତ ମାସ ଅକ୍ଟୋବର ୧୩ ରୁ ୧୬ ପର୍ଯ୍ୟନ୍ତ ମଙ୍ଗୋଳିଆର ରାଷ୍ଟ୍ରପତି ଉଖନା ଖୁରେଲସୁଖଙ୍କ ଭାରତ ଭ୍ରମଣ ଏହି ଦୀର୍ଘସମ୍ପର୍କରେ ଏକ ନୂଆ ଅଧ୍ୟାୟ ଲେଖିଛି। ଏହି ସମୟରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ ରାଜିନାମା ସ୍ୱାକ୍ଷର ହୋଇଛି, ଯାହା ଶିକ୍ଷା, ଶକ୍ତି, ଡିଜିଟାଲ ପ୍ରଯୁକ୍ତି, ସଂସ୍କୃତି, ଖଣିଜ ଓ ସୁରକ୍ଷା ସହଯୋଗରେ ନୂତନ ପଥ ଖୋଲିଛି। ଏଥିରୁ ଜଣାଯାଉଛି ଯେ ସମ୍ପର୍କ କେବଳ ଆଧ୍ୟାତ୍ମିକ ନୁହେଁ, ଏହା ଏବେ ବହୁବିଧ ଦ୍ୱିପାକ୍ଷିକ ସହଯୋଗର ନୂଆ ଅଧ୍ୟାୟ ଗଢ଼ିବାକୁ ଯାଉଛି।

ଭାରତ-ମଙ୍ଗୋଳିଆକୁ ବାନ୍ଧି ରଖିଥିବା ଆତ୍ମିକ ସେତୁ ହେଉଛି ବୌଦ୍ଧ ଧର୍ମ। ଭାରତରୁ ଉତ୍ପତ୍ତି ବୌଦ୍ଧ ଧର୍ମ ମଙ୍ଗୋଳିଆର ଆତ୍ମାର ଅଂଶ। ଆଜି ମଧ୍ୟ ମଙ୍ଗୋଳିଆର ଅଧିକାଂଶ ଜନତା ବୌଦ୍ଧ ଧର୍ମାନୁସାରୀ ଏବଂ ଭାରତର ବୌଦ୍ଧ ପବିତ୍ର ସ୍ଥଳୀମାନଙ୍କୁ ନିଜ ସଂସ୍କୃତିର ଅଂଶ ଭାବେ ସମ୍ମାନ କରନ୍ତି। ଗୌତମ ବୁଦ୍ଧଙ୍କ ଦୁଇ ଶିଷ୍ୟ ସାରିପୁତ୍ତ ଓ ମୌଦ ଗଲାୟାନଙ୍କ ପବିତ୍ର ଅସ୍ଥି ଅବଶେଷ ୨୦୨୬ରେ ମଙ୍ଗୋଳିଆକୁ ପଠାଯିବାର ଯୋଜନା ରହିଛି। ଏହି ପଦକ୍ଷେପ ଭାରତର ବୈଦେଶିକ ନୀତିକୁ ଆହୁରି ସୁଦୃଢ଼ କରୁଛି।

ମଙ୍ଗୋଳିଆ ଚୀନ୍ ଓ ରୁଷିଆ ମଧ୍ୟରେ ଅବସ୍ଥିତ ଏକ ଭୂ-ଆବଦ୍ଧ ଦେଶ। ଏହାର ଭୌଗୋଳିକ ସ୍ଥିତି ଏକ ସୁଯୋଗ ଓ ଆହ୍ୱାନ ସୃଷ୍ଟି କରେ। ଚୀନ୍ ମଙ୍ଗୋଳିଆର ସର୍ବାଧିକ ବ୍ୟବସାୟିକ ସାଥୀ ହେଲେ ମଧ୍ୟ ମଙ୍ଗୋଳିଆର ବିଦେଶ ନୀତି - 'ଥାର୍ଡ ନେଇବର'(ତୃତୀୟ ପଡ଼ୋଶୀ) ମାଧ୍ୟମରେ ଭାରତ, ଜାପାନ ଓ ଆମେରିକା ଭଳି ଦେଶମାନଙ୍କ ସହ ସମତୁଳିତ ସମ୍ପର୍କ ଗଢ଼ିବାକୁ ଚାହୁଁଛି। ଭାରତ ପାଇଁ ମଙ୍ଗୋଳିଆ ଉତ୍ତର-ଏସିଆର ପ୍ରବେଶ ଦ୍ୱାର, ଯେଉଁଠି ରାଜନୈତିକ ସଂଲଗ୍ନତା ଓ ରଣନୀତିକ ସମତୁଳନ ଏକାଧାରରେ ଚାଲିଛି। ଭାରତର 'ଆକ୍ଟ ଇଷ୍ଟ ପଲିସି' ଓ 'କନେକ୍ଟ ସେଣ୍ଟ୍ରାଲ୍ ଏସିଆ' ନୀତି ମଙ୍ଗୋଳିଆର ବୈଦେଶିକ ନୀତି ସହ ସାମଞ୍ଜସ୍ୟ ରଖେ। ଏହି ଭାବେ ଦୁଇଦେଶ ମିଳିତ ଭାବରେ ଏକ ଶାନ୍ତିପୂର୍ଣ୍ଣ ଓ ବହୁଧ୍ରୁବୀୟ ଏସିଆ ଗଢ଼ିବା ଦିଗରେ ବ୍ରତୀ ଅଛନ୍ତି। ଉତ୍ତର-ଏସିଆରେ ନିଜ ଉପସ୍ଥିତି ଜାହିର କରିବା ଏବଂ ଚୀନ୍‌କୈନ୍ଦ୍ରିକ ରାଜନୈତିକ ଆଧିପତ୍ୟକୁ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିହତ କରିବା ଦିଗରେ ଭାରତ ପାଇଁ ଏହା ଏକ ସୁଯୋଗ।

ଭାରତ-ମଙ୍ଗୋଳିଆ ସମ୍ପର୍କର ସବୁଠାରୁ ପ୍ରତୀକାତ୍ମକ ଅଭିନବ ପ୍ରକଳ୍ପ ହେଉଛି ଡର୍ନୋଗୋଭି ତୈଳ ବିଶୋଧନାଗାର, ଯାହା ଭାରତର ୧.୭ ବିଲିୟନ୍ ଡଲାର ଲାଇନ୍ ଅଫ୍ କ୍ରେଡିଟ୍‌ରେ ନିର୍ମାଣ ହେଉଛି। ଏହି ପ୍ରକଳ୍ପ ୨୦୨୮ ରେ ସମାପ୍ତ ହେଲେ, ମଙ୍ଗୋଳିଆ ପାଇଁ ଏହା ଉର୍ଜା ସ୍ୱାଧୀନତାର ପ୍ରଥମ ପଦକ୍ଷେପ ହେବ। ଚୀନ୍ ଓ ରୁଷିଆ ଉପରେ ନିର୍ଭରଶୀଳତାରୁ ମୁକ୍ତ ହୋଇ ଅର୍ଥନୈତିକ ସ୍ୱତନ୍ତ୍ରତା ମିଳିବ। ଏହାସହିତ, ଦୁଇ ଦେଶ ଡିଜିଟାଲ ଟେକ୍ନୋଲୋଜି, ଶିକ୍ଷା, ଖଣିଜ ସମ୍ପଦ ଓ ପୁନର୍ନବୀକରଣ ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ତ୍ୱରାନ୍ୱିତ କରିଛନ୍ତି। ଭାରତୀୟ ଆଇଟି କମ୍ପାନୀ ଓ ଶିକ୍ଷା ସଂସ୍ଥାଗୁଡ଼ିକ ମଙ୍ଗୋଳିଆରେ ନିଜ ଉପସ୍ଥିତି ବୃଦ୍ଧି କରୁଛନ୍ତି, ଯାହା 'ଡିଜିଟାଲ ଡିପ୍ଲୋମେସି'ର ନୂତନ ଆକାର।

୨୦୦୪ ଠାରୁ ଚାଲୁଥିବା 'ନୋମାଡିକ୍ ଏଲିଫ୍ୟାଣ୍ଟ'ଯୁକ୍ତ ସେନା ଅଭ୍ୟାସ ଭାରତ-ମଙ୍ଗୋଳିଆ ରକ୍ଷା ସମ୍ପର୍କର ଭିତ୍ତିସ୍ତମ୍ଭ। ୨୦୨୫ର ସଂସ୍କରଣରେ ସାଇବର ସୁରକ୍ଷା ଓ ସୀମା ବଳ ପ୍ରଶିକ୍ଷଣକୁ ଯୋଡ଼ାଯାଇଛି। ଭାରତ ମଙ୍ଗୋଳିଆନ ନାଗରିକଙ୍କ ପାଇଁ ନିଃଶୁଳ୍କ ଭିସା ଆରମ୍ଭ କରିଛି, ଯାହା ଆଧ୍ୟାତ୍ମିକ ପର୍ଯ୍ୟଟନ, ଶିକ୍ଷା ଓ ଲୋକସଂଯୋଗକୁ ବଢ଼ାଇବ। ଲଦାଖ ସ୍ୱୟଂଶାସିତ ପରିଷଦ ଓ ମଙ୍ଗୋଳିଆର ଆରଖାଙ୍ଗାଇ ପ୍ରାନ୍ତ ମଧ୍ୟରେ ହୋଇଥିବା ବୌଦ୍ଧ ସାଂସ୍କୃତିକ ସହଯୋଗ ଦୁଇ ଦେଶର ଆଧ୍ୟାତ୍ମିକ ଓ ସାମାଜିକ ସମ୍ପର୍କକୁ ଆହୁରି ନିବିଡ଼ କରୁଛି। ଏହା ଏକ ଜନକୈନ୍ଦ୍ରିକ କୂଟନୀତି, ଯେଉଁଠି ମାନବିକ ସମ୍ପର୍କ ବୈଦେଶିକ ରଣନୀତିକୁ ଶକ୍ତି ଦେଉଛି।

ଆଞ୍ଚଳିକ ପରିପ୍ରେକ୍ଷାପଟରେ ଭାରତ-ମଙ୍ଗୋଳିଆ ସମ୍ପର୍କ ଅଧିକ ଗୁରୁତ୍ୱ ବହନ କରେ। ଚୀନ୍ ଯେପରି ଏସିଆରେ ନିଜ ପ୍ରଭାବକ୍ଷେତ୍ର ବିସ୍ତାର କରୁଛି ଏବଂ ରୁଷିଆ ଏକ ପୁରୁଣା ସାମ୍ରାଜ୍ୟ ଭାବେ ନିଜ ସ୍ଥାନ ରକ୍ଷା କରୁଛି, ସେହି ଦୃଷ୍ଟିରୁ ଭାରତ-ମଙ୍ଗୋଳିଆ ସମ୍ପର୍କ ଏକ ଶାନ୍ତି ଆଧାରିତ ରଣନୈତିକ ବିକଳ୍ପ ଭାବେ ଆତ୍ମପ୍ରକାଶ କରିଛି। ଭାରତ ଏକ ବିଶ୍ୱାସଯୋଗ୍ୟ ଗଣତାନ୍ତ୍ରିକ ସହଯୋଗୀ ଭାବେ ଉତ୍ତର-ଏସିଆରେ ନୂତନ ନେତୃତ୍ୱ ନେଉଛି, ଯେଉଁଠି ମଙ୍ଗୋଳିଆ ସହ ଆଧ୍ୟାତ୍ମିକ ସଂଯୋଗ ରଣନୀତିକ ସମ୍ପର୍କକୁ ଗଭୀର କରୁଛି। କିପରି ଧର୍ମ, ଦର୍ଶନ ଓ ରାଜନୀତି ଏକସଙ୍ଗରେ ଚାଲିପାରେ, ଭାରତ-ମଙ୍ଗୋଳିଆ ସମ୍ପର୍କ ତାହାର ଏକ ଉତ୍ତମ ଉଦାହରଣ। ଏହି ସମ୍ପର୍କ ଭାରତର ବସୁଧୈବ କୁଟୁମ୍ବକମ୍ ଦୃଷ୍ଟିକୋଣର ପ୍ରତୀକ, ଯେଉଁଠି ଆଧ୍ୟାତ୍ମିକ ମୂଲ୍ୟ ଓ ରଣନୀତିକ ବାସ୍ତବତା ଏକ ସାଧାରଣ ସୂତ୍ରରେ ଗଢ଼ିଉଠିଛି। ୭୦ ବର୍ଷର ଏହି ସମ୍ପର୍କ ଭାରତ ଓ ମଙ୍ଗୋଳିଆ ପାଇଁ କେବଳ ଇତିହାସ ନୁହେଁ, ଭବିଷ୍ୟତ ସଂକଳ୍ପର ଭିତ୍ତି।

ମଙ୍ଗୋଳିଆ-ଭାରତ ସମ୍ପର୍କର ନୂତନ ପରିଚୟ କେବଳ ରାଜନୈତିକ କିମ୍ବା ଆର୍ଥିକ ସଂଯୋଗରେ ସୀମିତ ନୁହେଁ। ଏହା ଭୌଗୋଳିକ ସମତୁଳନ, ଆଧ୍ୟାତ୍ମିକ ଶକ୍ତି, ଉର୍ଜା ଓ ଅର୍ଥନୀତିକ ସହଯୋଗ, ସୁରକ୍ଷା ଓ ସାଂସ୍କୃତିକ ସଂଯୋଗର ସମ୍ମିଳିତ ରୂପ। ମଙ୍ଗୋଳିଆ ଛୋଟ ଦେଶ ହେଲେ ମଧ୍ୟ ତାଙ୍କର ସ୍ଥାନ, ସାମରିକ ଶକ୍ତି ଓ ସାଂସ୍କୃତିକ ପରମ୍ପରା ଭାରତ ପାଇଁ ମହତ୍ତ୍ୱପୂର୍ଣ୍ଣ। ଏହି ସଂଯୋଗର ନୂତନ ଅଧ୍ୟାୟ ଏକ ପ୍ରତୀକ ଯେ ଛୋଟ ଦେଶ ମଧ୍ୟ ଜ୍ଞାନ, ସଂସ୍କୃତି, ଧର୍ମ ଓ ରଣନୀତିକ ସମର୍ଥନ ମାଧ୍ୟମରେ ବିଶ୍ୱରେ ମହତ୍ତ୍ୱ ରଖିପାରିବ। ଏହି ସମ୍ପର୍କ ଦୃଢ଼ ରହିଲେ, ଏକ ଛୋଟ ଦେଶ ମଧ୍ୟ ମହାଶକ୍ତି ସହିତ ସମାନ ଭାବରେ ଆଲୋଚିତ ହୋଇପାରିବ।

(ବିଭାଗୀୟ ମୁଖ୍ୟ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା),
ମୋ: ୯୪୩୭୨୧୦୪୫୮

## ଗଣତନ୍ତ୍ର ଓ ଗଣଚେତନା

ଡ ଚନ୍ଦ୍ରକଳା ନାୟକ




ଦୁଇଶହ ବର୍ଷ ତଳେ ସଂଗଠିତ ଫରାସୀ ବିପ୍ଳବର ମୂଳ ଲକ୍ଷ୍ୟ ଥିଲା ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ପ୍ରତିଷ୍ଠା। ସାରା ପୃଥିବୀରେ ରାଜତନ୍ତ୍ର ବିରୋଧରେ ନୂଆ ପଥ ଯୋଗାଇ ଦେଇଥିଲା ଏଇ ତିନୋଟି ଶବ୍ଦ। ଶାସନତନ୍ତ୍ରରେ ପରିବର୍ତ୍ତନ ହେଲା। ରାଜତନ୍ତ୍ର ଶାସନରୁ ମୁକ୍ତ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ହେଲା। ଗଣତନ୍ତ୍ର ଶାସନରେ ଶାସନ ଓ ଶାସିତ ଏକ ଓ ଅଭିନ୍ନ। ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ କରିବା ସଙ୍ଗେ ସଙ୍ଗେ ସମଷ୍ଟିଗତ ପ୍ରଗତି ହିଁ ଏ ଶାସନର ମୂଳ ଲକ୍ଷ୍ୟ।

ଲୋକପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ। ଯେଉଁ ଦେଶର ଲୋକ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ଓ ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶମାନଙ୍କରେ ଗଣତନ୍ତ୍ର ସେତେ ସୁଦୃଢ଼। ଦୋଷଗୁଣ, କାର୍ଯ୍ୟକଳାପ, ଚିନ୍ତାଧାରା, ମାନସିକ ଦୃଷ୍ଟିକୋଣ, ସାଧୁତା, ସଚ୍ଚୋଟପଣିଆ ଓ ଦକ୍ଷତା ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ପ୍ରତିନିଧି ବାଛିବା ପ୍ରତ୍ୟେକ ଭୋଟରଙ୍କ କର୍ତ୍ତବ୍ୟ। ଆମ ଦେଶର ଅଭିଜ୍ଞତାରୁ ମନେ ହୁଏ, ଏହା ଆଲୋଚନା କରିବା କେବଳ ତାତ୍ତ୍ୱିକ ଓ ପୋଥିଗତ। ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ବହୁପଛରେ। ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରିର ପତ୍ରକୁଡ଼ିଆ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନା ବିଳାସ। କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷା ବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର 'ଆକାଶ କୟାଁ ଚିଲିକା ମାଛ' ପରି ସ୍ୱପ୍ନିଳ।

ଯେଉଁ ଦେଶର ନାଗରିକ ନିଜ ଅଧିକାର ଓ କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶମାନଙ୍କରେ ଗୁଣ ଅପେକ୍ଷା ଅପପ୍ରଚାର ବିଶେଷ କାମ କରେ। ବହୁବିଧ ଅସମାନତା ତଥା ଉପେକ୍ଷାକୁ ସାମୂହିକ ଜୀବନରେ ମୁଖ୍ୟ ମୀମାଂସକ ରୂପେ ଯୋଡ଼ି ରଖିଥିବା ସ୍ୱାର୍ଥୀପକ୍ଷଟି ସର୍ବଦା କ୍ଷମତା ଦଖଲ କରି ଆପଣାର ବିଶେଷ ସ୍ୱାର୍ଥ ସାଧନରେ ବ୍ୟବହାର କରିଆସିଛନ୍ତି। ପୃଥିବୀରେ ଶାସନସ୍ତରୀୟ ଗଢ଼ଣଗୁଡ଼ିକ ରାଜତନ୍ତ୍ରରୁ ଗଣତନ୍ତ୍ର ଚେହେରାକୁ ବଦଳି ଯାଇଥିଲେ ମଧ୍ୟ ପୁରୁଣା ସ୍ୱାର୍ଥୀମାନେ ପୂର୍ବପରି ସକ୍ରିୟ ହୋଇ ରହୁଛନ୍ତି। ଦେଶର ଅଶିକ୍ଷା, ଦାରିଦ୍ର୍ୟ, ରୋଗ ପ୍ରପୀଡ଼ିତ ବ୍ୟବସ୍ଥା କୋଟି କୋଟି ମନୁଷ୍ୟଙ୍କ ଭାଗ୍ୟକୁ କାମୁଡ଼ି ଧରିଛି।

ଭାରତର ଗଣତନ୍ତ୍ରର ପ୍ରଥମ କାଳରେ ବିପ୍ଳବୀମାନଙ୍କର ଯେଉଁ ଆଭିମୁଖ୍ୟ ଥିଲା, ପରବର୍ତ୍ତୀ ସମୟରେ ବଦଳିଗଲା। ସମଗ୍ର ଭାରତ ଭୂଖଣ୍ଡରୁ ଶୋଷଣ ଓ ଯାବତୀୟ ଆନୁସଙ୍ଗିକ ଅସମାନତାକୁ ଦୂର କରିବାର ସେହି ପ୍ରଥମ ଲକ୍ଷ୍ୟଟି ଧୀରେ ଧୀରେ ଗୌଣ ହୋଇଗଲା। ଗଣତନ୍ତ୍ର ଶାସନର ସଫଳ ପ୍ରତିଫଳନ ମରୀଚିକା ପରି ହାତଛଡ଼ା ହେଲା। କେବଳ କ୍ଷମତା ଲୋଭରେ ଜନପ୍ରତିନିଧି ହେବାର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା। ବାଜା ବଜାଇ, ନାଚ ଗୀତ କରି, ସଭା ସମିତିରେ ଛାତି ପିଟି ବାହୁସ୍ଫୋଟ ମାରି, ମିଛ ପ୍ରତିଶ୍ରୁତି ଛାଡ଼ି, ଧନ ଆଶ୍ରୟ ନେଇ, ଲୋକଙ୍କୁ ଭୟ ଦେଖାଇ, ଅପପ୍ରଚାର ବଳରେ କଳାକୁ ଧଳା ଓ ଧଳାକୁ କଳା କରିବାକୁ ଚେଷ୍ଟା ଆରମ୍ଭ ହୋଇଗଲା।

ସାଧାରଣ ଜନତା ଯେତେବେଳେ ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ହରାଇ ବସନ୍ତି, ସେଠାରେ ଅପପ୍ରଚାରର ହିଁ ଜୟ ହୁଏ। ଆଜି ଆମ ଦେଶରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ସଜ ମାଛରେ ବି ପୋକ ପକାଇପାରିବେ। ତା' ସାଙ୍ଗକୁ ପ୍ରଚାରପତ୍ର, କାନ୍ଥବାଡ଼ ଲେଖା, ଆଧୁନିକ ସଙ୍ଗୀତ, ସିନେମା, ରେଡିଓ, ସଭାସମିତି, ଶୋଭାଯାତ୍ରା ଓ ଡିଜିଟାଲ ମାଧ୍ୟମରେ ଅନେକ ନୂତନ ଆଧୁନିକ ଢଙ୍ଗରେ ଏହି ପ୍ରଚାର ଅସ୍ତ୍ର ସାଧାରଣ ଆଖିକୁ ଚମକାଇ ଦେଉଛି। ଯେଉଁଠାରେ ଶିକ୍ଷିତ ଭୋଟର ଉଦାସୀନ, ସେହିଠାରେ ଅନେକ କ୍ଷେତ୍ରରେ କେବଳ ଅପପ୍ରଚାର ଦ୍ୱାରା ଜନପ୍ରତିନିଧିମାନଙ୍କ ଜୟ ହୋଇଥାଏ। ଏହିପରି ଅସତ ଉପାୟରେ, ଅପପ୍ରଚାର ଶକ୍ତି ବଳରେ ଜିଣିଥିବା ଗୁଣହୀନ ଓ ନୀତିହୀନ କେତେକ ଜନପ୍ରତିନିଧି ନିଜ ହାତରେ କ୍ଷମତା ପାଇ ଦେଶର ଗରୀବ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିବା ମାଙ୍କଡ଼ ଓ ଦୁଇ ବିରାଡ଼ିଙ୍କ ମଧ୍ୟରେ ପିଠା ବାଣ୍ଟିବା ନ୍ୟାୟରେ ଚାଲିଛି। ତରାଜୁର ଦୁଇପଟ ଖାଲି ହେବା ପରେ ବିଚରା ଜନତା ଜନାର୍ଦ୍ଦନ ଜଳକା ରହିବା ହିଁ ସାର ହେଉଛି। ଆଜିକାଲିର ଜନପ୍ରତିନିଧି ଠିକ 'ବାଉଁଶରାଣୀ'ର ଖେଳ ପରି ଦିଗ ପରିବର୍ତ୍ତନ ବି କରୁଛନ୍ତି। ଥରେ ଏହି ଖେଳ ଭାଙ୍ଗିଗଲେ ପୁଣି ନୂଆ ଅଭିନୟ ଆରମ୍ଭ ହେଉଛି, ଠିକ ପୂର୍ବପରି ଢଙ୍ଗରେ। ଫରକ ଏତିକି, ସେଇ ଜନତା, ସେଇ ନେତା, ସେଇ ଖେଳ, ସେଇ ଭ୍ରଷ୍ଟାଚାର। ବ୍ୟବଧାନ କେବଳ ସମୟ। ଯେଉଁ ଲୋକପ୍ରତିନିଧି କିଛି ଅର୍ଥ, ଉପହାର, ଭୋଜିଭାତ ଦ୍ୱାରା ଜନତାଙ୍କ ମୁଣ୍ଡ କିଣିଥାଏ ସେହି ପ୍ରତିନିଧି କିପରି ସଚ୍ଚୋଟପଣିଆକୁ ଆପଣେଇ ପାରିବ ଗଣତନ୍ତ୍ର ବା ଏଥିପାଇଁ ଦୋଷୀ କାହିଁକି ହେବ?

ଗଣତନ୍ତ୍ର ଶ୍ରେଷ୍ଠ ଶାସନ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। କଥାରେ ଅଛି, ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ, ସେ ତାହା ହିଁ ପାଏ। ଆଜି ପ୍ରତ୍ୟେକ ଜନସାଧାରଣ ସେମାନଙ୍କ ଅବସ୍ଥା ପାଇଁ ନିଜେ ହିଁ ଦାୟୀ। ଆତ୍ମସମୀକ୍ଷା ନକରି ଗଣତନ୍ତ୍ରକୁ ଦୋଷ ଦେବା ଆଦୌ ଗ୍ରହଣୀୟ ନୁହେଁ। ଅର୍ଥ, ଖାଦ୍ୟ, ପଦପଦବୀ ଲାଳସାରେ ଆଜି ସାଧାରଣ ଜନତା ନିଜେ ନିଜ ବିବେକକୁ ବନ୍ଧା ପକାଇବା ହିଁ ଗଣତନ୍ତ୍ର ପାଇଁ ସଙ୍କଟ ସୃଷ୍ଟି କରୁଛି। ଗଣଶିକ୍ଷା ଓ ଗଣଚେତନାକୁ ଜାଗ୍ରତ ନକରି ପାରିବା ଆମମାନଙ୍କର ପ୍ରଥମ ଦୁର୍ବଳତା।

(ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ)
ଛତିଆ, ମୋ: ୯୪୩୭୯୫୭୬୧୭

## ପୁତନା ମନ୍ଦିର

ଓଜସ୍ୱିନୀ

ପୌରାଣିକ କଥା ଅନୁସାରେ ପୁତନା ପୂର୍ବଜନ୍ମରେ ଦାନବୀର ରାଜା ବଳିଙ୍କ ପୁତ୍ରୀ ରତ୍ନମାଳା ଭାବେ ଜନ୍ମ ନେଇଥିଲେ। ବଳି ବଧ ପାଇଁ ଶ୍ରୀବିଷ୍ଣୁ ଗ୍ରହଣ କରିଥିବା ବାମନ ଅବତାର ଦର୍ଶନ କରି ତାଙ୍କୁ ପୁତ୍ର ଭାବେ ପ୍ରାପ୍ତ କରିବା ପାଇଁ ରତ୍ନମାଳା ବରଦାନ ମାଗିଥିଲେ। ରତ୍ନମାଳାଙ୍କ ବାତ୍ସଲ୍ୟ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ ଯେ, ଦ୍ୱାପର ଯୁଗରେ ସେ ବାଳକୃଷ୍ଣଙ୍କ ମାତା ହେବାର ସୌଭାଗ୍ୟ ଲାଭ କରିବେ। ତେଣୁ ପୁତନା କିଛିକ୍ଷଣ ପାଇଁ ବାଳକୃଷ୍ଣଙ୍କୁ ମାତା ଭାବେ ସ୍ତନ୍ୟପାନ କରାଇବାର ସୁଯୋଗ ଲାଭ କରିଥିଲେ।

ଦ୍ୱାପର ଯୁଗରେ ବାଳକୃଷ୍ଣଙ୍କୁ ବଧ କରିବା କଂସ ପୁତନା ନାମ୍ନୀ ରାକ୍ଷସୀକୁ ଗୋପପୁର ପଠାଇଥିଲା। ପୁତନା ରୂପସୀର ଛଦ୍ମବେଶ ଧାରଣ କରି ଆସିଥିଲା। ଶ୍ରୀକୃଷ୍ଣଙ୍କୁ ମର୍ତ୍ତ୍ୟମଣ୍ଡଳରେ ଦର୍ଶନ କରିବା ସହିତ ବାଳକୃଷ୍ଣଙ୍କୁ ସ୍ତନ୍ୟପାନ କରିବାକୁ ସୁଯୋଗ ଦେବାକୁ ସେ ମାତା ଯଶୋଦାଙ୍କୁ ଅନୁରୋଧ କଲେ। ମାତା ଯଶୋଦା ବାଳକୃଷ୍ଣଙ୍କୁ ପୁତନାଙ୍କ କୋଳକୁ ଦେଇଥିଲେ। ପୁତନା ତାଙ୍କ ସ୍ତନରେ ଥିବା କାଳକୂଟ ବିଷ ଦ୍ୱାରା ବାଳକୃଷ୍ଣଙ୍କ ବଧ କରିବେ ବୋଲି ଯୋଜନା କରିଥିଲେ। କିନ୍ତୁ ବାଳକୃଷ୍ଣ କ୍ଷୀର ସହ ପୁତନାଙ୍କ ପ୍ରାଣ ହରଣ କରି ନେଲେ। ଏହାପରେ ରାକ୍ଷସୀ ପୁତନା ଚିତ୍କାର କରି ନିଜ ବିକଟାଳ ରୂପ ଧାରଣ କରି ମୃତ୍ୟୁବରଣ କଲେ। ଗୋପପୁରବାସୀ ଏହା ଦେଖିବା ପରେ ଭୟଭୀତ ହେବା ସହିତ ବାଳକୃଷ୍ଣଙ୍କୁ ପୁତନାଙ୍କ ଛାତି ଉପରୁ ଉଠାଇ ଆଣିଲେ ଏବଂ ପୁତନାଙ୍କ ଦାହ ସଂସ୍କାର କରିଥିଲେ। ଶ୍ରୀକୃଷ୍ଣଙ୍କ ସ୍ପର୍ଶ ପାଇଥିବାରୁ ସଂସ୍କାର ସମୟରେ ପୁତନାଙ୍କ ଶରୀରରୁ ଚନ୍ଦନର ସୁଗନ୍ଧ ବାହାରିଥିଲା। ତେଣୁ ପୁତନାଙ୍କୁ ଗୋପବାସୀ ଦେବୀତୁଲ୍ୟ ବିଚାର କରିଥିଲେ। ଯେଉଁ ସ୍ଥାନରେ ପୁତନା ମୋକ୍ଷ ଲାଭ କରିଥିଲେ, ସେହି ସ୍ଥାନରେ ପୁତନାଙ୍କ ମନ୍ଦିର ନିର୍ମାଣ କରାଯାଇଛି। ଏହି ମନ୍ଦିରରେ ବର୍ତ୍ତମାନ ସମୟରେ ମଧ୍ୟ ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଏ। ବିଶେଷ ଭାବେ ସନ୍ତାନମାନଙ୍କର ମଙ୍ଗଳକାମନା କରି ସେଠାରେ ପୁତନାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥା'ନ୍ତି।

### ବିଚିତ୍ର ବିଶ୍ୱାସ

ଉତ୍ତରପ୍ରଦେଶର ମଥୁରା(ଗୋପପୁର) ଅନ୍ତର୍ଗତ ମହାବନ୍ ଅଞ୍ଚଳରେ ପୁତନା ମନ୍ଦିର ଅଛି। ଏଠାରେ ରାକ୍ଷସୀ ରୂପରେ ପୁତନାଙ୍କର ଏକ ବିଶାଳ ଶୟନମୁଦ୍ରାର ପ୍ରତିମା ରହିଛି, ଯାହାର ଛାତି ଉପରେ ବାଳକୃଷ୍ଣ ସ୍ତନ୍ୟପାନ କରୁଥିବା ଦେଖାଯାଏ। ସେଠାରେ ପୁତନାଙ୍କୁ ମା' ରୂପରେ ପୂଜା କରାଯାଉଛି। ଯମୁନା ତଟବର୍ତ୍ତୀ ଏହି ମନ୍ଦିର 'ପୁତନା ଉଦ୍ଧାର ସ୍ଥଳ' ଭାବେ ମଧ୍ୟ ପରିଚିତ। ପଶ୍ଚିମବଙ୍ଗ ଅଞ୍ଚଳରେ ଅନ୍ୟ ଏକ ପୁତନା ମନ୍ଦିର ରହିଥିଲେ ମଧ୍ୟ ମଥୁରାର ପୁତନା ମନ୍ଦିରକୁ ମୁଖ୍ୟ ମନ୍ଦିରର ମାନ୍ୟତା ମିଳିଛି। ପଶ୍ଚିମବଙ୍ଗର ହୁଗୁଳିଠାରେ ଥିବା ପୁତନା ମନ୍ଦିରକୁ 'ରାକ୍ଷସୀବାଡ଼ି' କୁହାଯାଏ। ଏଠାରେ ରାଧାକୃଷ୍ଣଙ୍କ ସହିତ ପୁତନାଙ୍କର ମୂର୍ତ୍ତି ପୂଜା ପାଇଥା'ନ୍ତି। ଅଧିକାରୀ ପରିବାରର ବହୁ ପୁରୁଣା ଘରେ ସ୍ଥିତ ଏହି ମନ୍ଦିରରେ କ୍ରମାଗତ ଚାରିପିଢ଼ି ଧରି ପୂଜା କରି ଆସୁଛନ୍ତି। ଏହି ମନ୍ଦିରରେ ମଧ୍ୟ ସନ୍ତାନମାନଙ୍କ କଲ୍ୟାଣାର୍ଥେ ପୂଜାର୍ଚ୍ଚନା କରାଯାଏ।

ଏତଦ୍‌ବ୍ୟତୀତ ଭାରତୀୟ ଚିକିତ୍ସା ପଦ୍ଧତି ଅନ୍ତର୍ଗତ କେତେକ ଗ୍ରନ୍ଥ ଓ ସୁଶ୍ରୁତ ସଂହିତାରେ ପୁତନାଙ୍କୁ କଳାବର୍ଣ୍ଣଯୁକ୍ତ, ବଡ଼ ଓ ଖୋଲା ପାଟି, ଆଗକୁ ବାହାରିଥିବା ଆସୁରିକ ଦାନ୍ତଯୁକ୍ତ, ଖୋଲା କେଶ, ମଇଳା ବସ୍ତ୍ର ପରିଧାନଯୁକ୍ତ, ଦେହରୁ ଦୁର୍ଗନ୍ଧ ବାହାରୁଥିବା ଏବଂ ଭଙ୍ଗାଘରେ ରହୁଥିବା ଶିଶୁରୋଗ ସୃଷ୍ଟିକାରୀ ଦୁଷ୍ଟ ମାତୃକାଗଣ ଓ ଗ୍ରାହିଣୀ ଭାବେ ବର୍ଣ୍ଣନା କରାଯାଇଛି। ତେଣୁ ପୁତନାଙ୍କ ଉଦ୍ଦେଶ୍ୟରେ ଗୋବର, ମାଛ, ଚାଉଳରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ, ପେଡ଼ା ହୋଇଥିବା ତେଲ ଓ ମଦିରା ଅର୍ପଣ କରି ଶିଶୁରୋଗ ମୁକ୍ତ କରିବା ପାଇଁ ଅନେକ ସ୍ତୁତି, ଶ୍ଳୋକ ଓ ପୂଜପଦ୍ଧତି ରହିଛି। ଆୟୁର୍ବେଦର ଏକ ଶାଖା 'କୁମାର ତନ୍ତ୍ର' ଅନୁସାରେ ଶିଶୁଙ୍କୁ ଦୁଗ୍ଧ ସମ୍ବନ୍ଧୀୟ ରୋଗର ଚିକିତ୍ସା ନିମନ୍ତେ ପୁତନାଙ୍କ ଉଦ୍ଦେଶ୍ୟରେ ସ୍ତୁତିପାଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। 'କୁମାରତନ୍ତ୍ର'ରେ ଉଲ୍ଲେଖ ଅଛି ଯେ, ଶିଶୁକୁ ଜନ୍ମର ତୃତୀୟ ଦିନ କିମ୍ବା ତୃତୀୟ ମାସ କିମ୍ବା ତୃତୀୟ ବର୍ଷ ଯାହା କିଛି ରୋଗ ହୁଏ, ତାହା କେବଳ ପୁତନା ଗ୍ରାହିଣୀ ପାଇଁ ହୋଇଥାଏ। ତେଣୁ ଆୟୁର୍ବେଦୀୟ ଅନୁଷ୍ଠାନ ଦ୍ୱାରା ପୁତନାଙ୍କ ପୂଜା କରି ଶିଶୁକୁ ରୋଗମୁକ୍ତ କରାଯାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁଲିସର ବେପରୁଆ ପାର୍କିଂ ନେଲା ୨ ଜୀବନ

ବାହାନଗା, ୧୬।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ପୁଲିସର ବେପରୁଆ କାର୍ଯ୍ୟ ପାଇଁ ଆଜି ୨ଟି ଜୀବନ ଅକାଳରେ ଝରିପଡ଼ିଥିବା ନେଇ ଅଭିଯୋଗ ହୋଇଛି। ଜାତୀୟ ରାଜପଥକୁ ଲାଗି ଥାନା ସମ୍ମୁଖରେ ପୁଲିସ ଜବତ ଗାଡ଼ି ପାର୍କିଂ କରୁଥିବାରୁ ଆଜି ଏପରି ଏକ ଅଘଟଣ ଘଟିଛି। ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଖବର ଲେଖା ହେବା ସୁଦ୍ଧା ମୃତାହତଙ୍କ ପରିଚୟ ମିଳିପାରିନାହିଁ।

ସୂଚନାନୁଯାୟୀ, ଖନ୍ତାପଡ଼ା ଥାନା ପରିସରରେ ପର୍ଯ୍ୟାପ୍ତ ଜାଗା ନ ଥିବାରୁ ପୁଲିସ ବିଭିନ୍ନ ସମୟରେ ଜବତ କରୁଥିବା ଦୁର୍ଘଟଣାଗ୍ରସ୍ତ ଏବଂ ଚୋରା ଲଘୁ ଖଣିଜ

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ୨ ସଂକଟାପନ୍ନ

ପଦାର୍ଥ ପରିବହନ ଗାଡ଼ିଗୁଡ଼ିକୁ ଥାନା ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଛିଡ଼ା କରୁଛି। ଏପରିସ୍ଥଳେ ଗତ ୧୪ତାରିଖରେ ୨ଟି ବାଲି ଡମ୍ପର୍ ଏବଂ ଗୋଟିଏ ଟ୍ରାକ୍ଟରକୁ ଜବତ କରି ଥାନା ସମ୍ମୁଖ ରାସ୍ତା ଉପରେ ରଖିଥିଲା। ପୁରୀ ବୁଲିବାକୁ ଆସିଥିବା ପୂର୍ବମେଦିନୀପୁର ଅଞ୍ଚଳର ୪ଜଣ ଆଜି ଦିନ ପ୍ରାୟ ୧୧ଟାରେ ପଶ୍ଚିମବଙ୍ଗ ଅଭିମୁଖେ ଫେରୁଥିବା ବେଳେ ଉକ୍ତ ଡମ୍ପରକୁ ସେମାନଙ୍କ କାର୍‌ଟି ପଛରୁ ଧକ୍କା ଦେଇଥିଲା। ଏଥିରେ କାର୍‌ରେ ଥିବା ୪ ଜଣ ଗୁରୁତର ହୋଇଥିଲେ। ଆମ୍ବୁଲାନ୍ସରେ ସମସ୍ତଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଜଣେ ଯୁବକ ଏବଂ ଜଣେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ପୁରୁଷ ଏବଂ ଅନ୍ୟ ଜଣେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ରହିଛି। ପୁଲିସ ଶବଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛି। ପୁଲିସର ବେପରୁଆ ପାର୍କିଂ ପାଇଁ ୨ଜଣଙ୍କ ଜୀବନ ଯାଇଥିବାରୁ ସାଧାରଣରେ ପୁଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

# 'ଲଢ଼େଇ' ରିଲିଜ୍‌ରେ ସେନସର୍ ରୋକ୍

- ସମୀକ୍ଷା ପାଇଁ ମୁମ୍ବାଇ ପଠାଗଲା
- ପକ୍ଷପାତ ଅଭିଯୋଗ ଆଣିଲେ ପ୍ରଯୋଜକ, ନିର୍ଦ୍ଦେଶକ

ଭୁବନେଶ୍ୱର, ୧୬।୧୦ (ସମିସ): ନବାଗତ ଅଭିନେତାଙ୍କୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା 'ଲଢ଼େଇ'ର ରିଲିଜ୍‌କୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ ଅଧୀନ ଓଡ଼ିଶା ସେନସର୍ ବୋର୍ଡ ସ୍ଥଗିତ କରିଛି। ଦୀପାବଳି ଉପଲକ୍ଷେ ଆସନ୍ତାକାଲି ଅର୍ଥାତ୍ ୧୭ତାରିଖରେ ରିଲିଜ୍ ହେବାକୁ ଥିବା ଏହି ସିନେମାରେ ମାତ୍ରାଧିକ ହିଂସାତ୍ମକ ଦୃଶ୍ୟ ଥିବା ଦର୍ଶାଇ ରାଜ୍ୟ ସେନସର୍ ବୋର୍ଡ ଏହାକୁ 'ଏ' ବର୍ଗର ସାର୍ଟିଫିକେଟ୍ ନ ଦେବା ସହ ଏହାର ସମୀକ୍ଷା ପାଇଁ ମୁମ୍ବାଇ ପଠାଇଛି। ଫଳରେ ସିନେମାର ରିଲିଜ୍ ସ୍ଥଗିତ ରହିଥିବା ସିନେମାର ପ୍ରଯୋଜକ, ନିର୍ଦ୍ଦେଶକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସିନେମାର ମୁକ୍ତିଲାଭ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ସେନସର୍ ବୋର୍ଡର ଏହି ନିଷ୍ପତ୍ତି ଦର୍ଶକଙ୍କୁ ନିରାଶ କରିଛି ବୋଲି କହିଛନ୍ତି ପ୍ରଯୋଜକ ଦେବାଶିଷ ପଟ୍ଟନାୟକ।

ସେ କହିଛନ୍ତି, ନିକଟ ଅତୀତରେ ମୁକ୍ତିଲାଭ କରିଥିବା 'ଆନିମଲ୍' ପରି ଅନେକ ହିନ୍ଦୀ ଏବଂ ଅନ୍ୟ ଭାଷାରେ ନିର୍ମିତ ଚଳଚ୍ଚିତ୍ରରେ ହିଂସାତ୍ମକ ଦୃଶ୍ୟ ରହିଛି। ଅତ୍ୟଧିକ ହିଂସା ଦୃଶ୍ୟ ଥିବା ସତ୍ତ୍ୱେ ହିନ୍ଦୀ, ତେଲୁଗୁ, କନ୍ନଡ଼ ଆଦି ଚଳଚ୍ଚିତ୍ର କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍‌ରୁ ଅନୁମତି ପାଇଛନ୍ତି। ଖାଲି ସେତିକି ନୁହେଁ, ଉକ୍ତ ଚଳଚ୍ଚିତ୍ରଗୁଡ଼ିକ ଆମ ରାଜ୍ୟର ଦର୍ଶକଙ୍କଠାରୁ କୋଟିକୋଟି ଟଙ୍କା ଆୟ ମଧ୍ୟ କରିଛନ୍ତି। ହେଲେ ସାମାନ୍ୟ ହିଂସା ଦୃଶ୍ୟ ପାଇଁ ଓଡ଼ିଆ ସିନେମା 'ଲଢ଼େଇ'କୁ 'ଏ' ବର୍ଗର ସାର୍ଟିଫିକେଟ୍ ନଦେଇ ସମୀକ୍ଷା ପାଇଁ ମୁମ୍ବାଇ ପଠାଇ ଦିଆଯିବା ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତାଙ୍କୁ ଆଶ୍ଚର୍ଯ୍ୟ ଓ ନିରାଶ କରିଛି।

ନିର୍ଦ୍ଦେଶକ ଅଶୋକ ପତି ପ୍ରଶ୍ନ କରିଛନ୍ତି ଯେ ହିନ୍ଦୀ, କନ୍ନଡ଼, ତେଲୁଗୁ ସିନେମା ଅତ୍ୟଧିକ ହିଂସା ଦୃଶ୍ୟ ଥାଇ ମଧ୍ୟ କିପରି ଓଡ଼ିଶାରେ ସେହି ଜାତୀୟ ସଂସ୍ଥା ଦ୍ୱାରା ସ୍ୱୀକୃତି ପାଇ ପ୍ରଦର୍ଶିତ ହୋଇପାରୁଛି। ଏପରି ପକ୍ଷପାତିତା ଯୋଗୁଁ ଓଡ଼ିଆ ପ୍ରଯୋଜକଙ୍କ ମନୋବଳ ଭାଙ୍ଗିଯାଉଛି ବୋଲି ବିଶିଷ୍ଟ ପ୍ରଯୋଜକ ସଞ୍ଜୟ ନାୟକ କହିଛନ୍ତି।



ବରିଷ୍ଠ ସାମ୍ବାଦିକ, ସିନେସମୀକ୍ଷକ ଏବଂ ଜାତୀୟ ମିଡିଆ ଫାଉଣ୍ଡେସନ୍ (ଏନଏମଏଫ୍) ର ରାଜ୍ୟ ମୁଖପାତ୍ର ଶ୍ୟାମାପ୍ରସାଦ ମିଶ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ ସଂସ୍ଥା ଭାରତ ବର୍ଷରେ ସେନ୍ସର୍ ପାଇଁ ଗୋଟିଏ ନୀତି ଆଣିବା ଆବଶ୍ୟକ। କାରଣ ଭେଦଭାବ ଓଡ଼ିଆ ପ୍ରଯୋଜକଙ୍କୁ କ୍ଷତି ପହଞ୍ଚାଇବ। ତେବେ 'ଲଢ଼େଇ' ନିର୍ଦ୍ଧାରିତ ସମୟରେ ମୁକ୍ତିଲାଭ କରିପାରୁନଥିବାରୁ ପ୍ରଯୋଜକ ଏଥିପାଇଁ ଦର୍ଶକଙ୍କୁ କ୍ଷମା ମାଗିଛନ୍ତି।

# ନିଯୁକ୍ତି ଆବେଦନ ପାଇଁ ଫି' ଦେବେ ପରୀକ୍ଷାର୍ଥୀ

- ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି
- ପରୀକ୍ଷାରେ ଉପସ୍ଥିତ ରହିଲେ ଫି' ଫେରସ୍ତ
- ଏସ୍‌ସି/ଏସ୍‌ଟି ଓ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା
- ପରୀକ୍ଷା ପରିଚାଳନାରେ ସଂସ୍କାର ପାଇଁ ପଦକ୍ଷେପ

ଭୁବନେଶ୍ୱର, ୧୫।୧୦ (ସମିସ): ନିଯୁକ୍ତି ପାଇଁ ଆବେଦନ କରୁଥିବା ଆଶାୟୀ ପ୍ରାର୍ଥୀଙ୍କୁ ଏଣିକି ଫି' ଦେବାକୁ ପଡ଼ିବ। ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ପକ୍ଷରୁ ଫି' ନିର୍ଦ୍ଧାରଣ କରାଯିବ। ତେବେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗ ସହ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ସେହିପରି ଫି' ଦେଇଥିବା ପ୍ରାର୍ଥୀ ପରୀକ୍ଷାରେ ଉପସ୍ଥିତ ରହିଲେ, ତାଙ୍କ ଫି' ଫେରସ୍ତ କରାଯିବ। ଏନେଇ ଏକ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି।

ନିଯୁକ୍ତି ପରୀକ୍ଷା ପାଇଁ ଆବେଦନ କରୁଥିବା ବହୁ ଆଶାୟୀ ପରୀକ୍ଷା ଦେଉନାହାନ୍ତି। ଏପରିକି, ଅଧାରୁ ଅଧିକ ପ୍ରାର୍ଥୀ ପରୀକ୍ଷାରେ ଅନୁପସ୍ଥିତ ରହୁଛନ୍ତି। ଏପରି ଖାମଖିଆଲ ମନୋଭାବ ରଖି ଆବେଦନ କରୁଥିବା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ମନ୍ଥର ହେଉଛି। ପରୀକ୍ଷା ବ୍ୟବସ୍ଥା କରିବାକୁ ବ୍ୟାପକ ରାଜସ୍ୱ ଖର୍ଚ୍ଚ ହେଉଥିବା ବେଳେ ଏହା ସମୟସାପେକ୍ଷ ମଧ୍ୟ। ତେଣୁ ଆବେଦନ ସମୟରେ ଫି' ଲାଗୁ ହେଲେ ଏସବୁ ସମସ୍ୟାରେ ସୁଧାର ଆସିପାରିବ। ପରୀକ୍ଷା ଦେଉଥିବା ପ୍ରାର୍ଥୀଙ୍କୁ କୌଣସି ଆର୍ଥିକ ବୋଝ ରହିବ ନାହିଁ। ପରୀକ୍ଷାରେ ଉପସ୍ଥିତ ରହିଲେ ଶତପ୍ରତିଶତ ଫି' ଫେରସ୍ତ କରାଯିବ। ଆବେଦନ କରି ପରୀକ୍ଷା ଦେଉ ନଥିବା ପରୀକ୍ଷାର୍ଥୀଙ୍କୁ ଆବେଦନ ଫି' ଫେରସ୍ତ କରାଯିବ ନାହିଁ ବୋଲି କୁହାଯାଉଛି।

ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ପରବର୍ତ୍ତୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସମସ୍ତ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ରାଜ୍ୟରେ ନିଯୁକ୍ତି ପରିଚାଳନା କରୁଥିବା ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ(ଓଏସ୍‌ଏସ୍‌ସି), ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍‌ଏସ୍‌ଏସ୍‌ସି) ସମେତ ଅନ୍ୟ ସମସ୍ତ ସଂସ୍ଥା ଏହି ଆଧାରରେ ଫି' ନିର୍ଦ୍ଧାରଣ କରି ବିଜ୍ଞପ୍ତି ପ୍ରକାଶ କରିବେ।

ପୂର୍ବରୁ ପରୀକ୍ଷା ସଂସ୍କାର ପାଇଁ ଏକକ ମାର୍ଗଦର୍ଶିକା ଜାରି ହୋଇଥିବା ବେଳେ ଏହି ଗେଜେଟ୍ ବିଜ୍ଞପ୍ତି ଆଶାୟୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଛି। ଗତ ଜାନୁଆରୀରୁ ସାଧାରଣ ସ୍ନାତକ ପିଲାଙ୍କ ପାଇଁ କୌଣସି ନିଯୁକ୍ତି ବାହାରି ନଥିବାରୁ ଏବେ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶା ବାନ୍ଧିଛନ୍ତି। ବିଶେଷକରି, ଦୀର୍ଘଦିନରୁ ଅପେକ୍ଷିତ ଥିବା ଓଡ଼ିଶା ସିଜିଏଲ୍, ଏଏସ୍‌ଓ, ବିଶ୍ୱବିଦ୍ୟାଳୟର ଅଣଶିକ୍ଷକ ପଦ, କମ୍ୟୁନିକେସନ୍ କନେଷ୍ଟବଳ ଓ ଜେଇଏ ପରି ପଦରେ ନିଯୁକ୍ତି ପାଇଁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶାୟୀମାନେ ଆଶା ବାନ୍ଧିଛନ୍ତି।

# ଡିସେମ୍ବର ୧୩ରୁ କୋଣାର୍କ ଇକୋ ରିଟ୍ରିଟ୍

ପୁରୀ, ୧୬।୧୦ (ସମିସ): ଆସନ୍ତା ଡିସେମ୍ବର ୧୩ରୁ କୋଣାର୍କ ମେରାଇନ୍ ଡ୍ରାଇଭ୍‌ଠାରେ ଇକୋ-ରିଟ୍ରିଟ୍ ଆରମ୍ଭ ହେବ। ସମସ୍ତ ବିଭାଗ ସେମାନଙ୍କ ଉପରେ ନ୍ୟସ୍ତ ଦାୟିତ୍ୱକୁ ତ୍ୱରାନ୍ୱିତ କରି ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ବୁଧବାର ସର୍କିଟ୍ ହାଉସ୍‌ଠାରେ ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବବର୍ଷର ଅଭିଜ୍ଞତା ଓ ଅନୁଭବକୁ ଆଧାର କରି ଚଳିତ ବର୍ଷର ଇକୋ-ରିଟ୍ରିଟ୍‌କୁ ଅଧିକ

## ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ

ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପ୍ରତ୍ୟେକଙ୍କ ସହ ସମନ୍ୱୟ ରଖି କାମ କରି ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ କହିଥିଲେ। ପର୍ଯ୍ୟଟନ ବିଭାଗ, ଜିଲ୍ଲା ପ୍ରଶାସନ ଓ ଇ-ଫାକ୍ଟର୍ ଏଜେନ୍ସିର ମିଳିତ ସହଯୋଗରେ ଇକୋ-ରିଟ୍ରିଟ୍ ଏବର୍ଷ ଡିସେମ୍ବର ୧୩ରୁ ୯୦ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଲକ୍‌ଜରି ଟେଣ୍ଟ ବ୍ୟବସ୍ଥା କରାଯିବ, ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ। କୋଣାର୍କ ଇକୋ-ରିଟ୍ରିଟ୍ ପାଇଁ ୪ ପ୍ରକାର ଦେୟରାଶି ରହିଛି।ଏଥିରେ ଜଳକ୍ରୀଡ଼ା, ବିଚ୍ ସ୍ପୋର୍ଟସ, ଇଣ୍ଡୋର ଗେମ୍ ଇତ୍ୟାଦି ବ୍ୟବସ୍ଥା ମଧ୍ୟ ଉପଲବ୍ଧ ହେବ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ, ମୋବାଇଲ ନେଟୱାର୍କ ସହ ଚିକିତ୍ସା, ଅଗ୍ନି ନିର୍ବାପକ, ଟ୍ରାଫିକ, ପାର୍କିଂ, ସୁରକ୍ଷା ସାଙ୍ଗକୁ ୨୪ ଘଣ୍ଟିଆ ଲାଇଫ୍‌ଗାର୍ଡ ବ୍ୟବସ୍ଥା କରାଯିବ।

ଭାଙ୍ଗପଡ଼ିବ ମାଓ ସଙ୍ଗଠନ

# ମାଓନେତା ରୂପେଶଙ୍କ ସହ ୧୩୦ ନକ୍ସଲ କରିବେ ଆତ୍ମସମର୍ପଣ

ମାଲକାନଗିରି, ୧୬।୧୦(ସମିସ): ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଥିବା ମାଓ ସଙ୍ଗଠନକୁ ଆଉ ଏକ ଶକ୍ତ ଧକ୍କା ଲାଗିବାକୁ ଯାଉଛି। ମାଓନେତା ରୂପେଶଙ୍କ ସହ ୧୩୦ରୁ ଅଧିକ ଦୁର୍ଦ୍ଧର୍ଷ ମାଓବାଦୀ ଲାଲ୍‌ବାହିନୀ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ଲାଗି ଯୋଜନା କରିଛନ୍ତି। ଆସନ୍ତାକାଲି ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଜଗଦଲପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନିକଟରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଏମିତି ହେଲେ, ଏହା ନକ୍ସଲ ଇତିହାସରେ ଦେଶର ସବୁଠାରୁ ବଡ଼ ଆତ୍ମସମର୍ପଣ ହେବ ବୋଲି କୁହାଯାଉଛି।

ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ମୁଖ୍ୟ ଏବଂ ମାଓ ସଂଗଠନର ମୁଖପାତ୍ର ରୂପେଶ ଓରଫ ସତୀଶଙ୍କ ସହ ବିଜାପୁର ଜିଲ୍ଲାର ଭୈରାମଗଡ଼ ଅଞ୍ଚଳରେ ତାଙ୍କର ୧୩୦ଜଣରୁ ଅଧିକ ନକ୍ସଲ ସାଥୀଙ୍କ ସହ ଜଗଦଲପୁରରେ ଆତ୍ମସମର୍ପଣ କରିବାକୁ ଯାଉଥିବା ଖବର ବର୍ତ୍ତମାନ ନକ୍ସଲଗଡ଼କୁ ଦୋହଲାଇ ଦେଇଛି।



ଏହି ଦଳ ମାଡ୍ ଡିଭିଜନ ପାର କରି ଇନ୍ଦ୍ରାବତୀ ନଦୀ ପାର୍ ହେବା ପରେ ଆତ୍ମସମର୍ପଣ ସ୍ଥାନରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ସୂତ୍ର ଅନୁଯାୟୀ, ସେମାନଙ୍କ ନିକଟରେ ୭୦ରୁ ଅଧିକ ଅସ୍ତ୍ରଶସ୍ତ୍ର ଏବଂ ବିପୁଳ ପରିମାଣର ବିସ୍ଫୋରକ ମଧ୍ୟ ରହିଛି। ସଂଗଠନର ଦୀର୍ଘକାଳୀନ ଚେହେରା ରୂପେଶ ବିଗତ ଦିନରେ ଶାନ୍ତି ଆଲୋଚନା ପଦକ୍ଷେପ ପାଇଁ ସରକାରଙ୍କୁ ଚିଠି ମଧ୍ୟ ଲେଖିଥିଲେ। ନକ୍ସଲବିରୋଧୀ ଅପରେସନକୁ ୬ ମାସ ପାଇଁ ବନ୍ଦ କରିବା ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ବର୍ତ୍ତମାନ, ସେହି ନେତା ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶେଷ ପର୍ଯ୍ୟନ୍ତ...

ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ନବୀନ ମଧ୍ୟ ସେମାନଙ୍କୁ ନିରାଶ କରି ନ ଥିଲେ। ଚିରାଚରିତ ଭାବେ ମୁହଁରେ ସ୍ମିତହାସ୍ୟ ସହ ହାତ ହଲାଇ ସେମାନଙ୍କର ଅଭିବାଦନ ଗ୍ରହଣ କରିଥିଲେ ନବୀନ। ଆୟୋଜିତ ସଭାରେ ନବୀନ ଉପସ୍ଥିତ ଜନତା ଓ କର୍ମୀଙ୍କୁ ଜନ୍ମଦିନର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଥିଲେ। ଏହା ସହ ଉପସ୍ଥିତ ଛୋଟଛୋଟ ପିଲାଙ୍କୁ ଚକୋଲେଟ୍ ଦେଇଥିଲେ। ଭୁବନେଶ୍ୱର ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ସାଂସଦ ଦେବାଶିଷ ସାମନ୍ତରାୟ, ସାଂସଦ ସୁଲତା ଦେଓ, ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଜେଡିର କର୍ପୋରେଟରମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆସନ୍ତା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଶିଶୁ ଗ୍ରାମରେ...

କେକ୍ କାଟିଥିଲେ। ପିଲାମାନେ ମଧ୍ୟ ନିଜ ପ୍ରିୟ ମଣିଷ, ଜୀବନର ଆଦର୍ଶଙ୍କୁ ପାଖରେ ପାଇ ଅଭିଭୂତ ହୋଇଥିଲେ। ପିଲାଙ୍କ ସହ ଜନ୍ମଦିନ ପାଳନ କରି ମୁଁ ବହୁତ ଖୁସି ବୋଲି ନବୀନ କହିବା ସହ ସେମାନଙ୍କୁ ଭଲ ପାଠ ପଢ଼ିବା ସହ ଜୀବନରେ ଭଲ ମଣିଷ ହେବାକୁ ଆଶୀର୍ବାଦ ପ୍ରଦାନ କରିଛନ୍ତି। ଏସଓଏସ ଶିଶୁ ଗ୍ରାମରେ ନବୀନ ଏବଂ ଛୋଟ ପିଲାମାନଙ୍କର ଏହି ଯୁଗଳବନ୍ଦୀ ଆଜି ରାଜ୍ୟବ୍ୟାପୀ ଚର୍ଚ୍ଚା ଏବଂ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

ଭୁବନେଶ୍ୱର ଏସଓଏସ ଶିଶୁ ଗ୍ରାମରେ ନବୀନ ପହଞ୍ଚିବା ମାତ୍ରେ ପିଲାମାନେ ନବୀନଙ୍କୁ ଘେରି ଯାଇଥିଲେ। ନବୀନଙ୍କ ଜନ୍ମଦିନ ପାଇଁ ସେମାନେ ପ୍ରସ୍ତୁତ କରିଥିବା ଫଟୋଚିତ୍ର, କାର୍ଡ ଏବଂ ବିଭିନ୍ନ ହାତଲେଖା ଶୁଭେଚ୍ଛା ବାର୍ତ୍ତା ନବୀନଙ୍କୁ ପ୍ରଦାନ କରିଥିଲେ। ନବୀନ ମଧ୍ୟ ସେମାନଙ୍କୁ ଚକୋଲେଟ ସହ ଉପହାର ପ୍ରଦାନ କରିଥିଲେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ କେକକୁ ନବୀନ କାଟିବା ସହ ନିଜର ୭୯ତମ ଜନ୍ମଦିନ ପାଳନ କରିଥିଲେ ନବୀନ। ପିଲାମାନଙ୍କୁ ଆଶୀର୍ବାଦ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଜି ପିଲାମାନଙ୍କ ଗହଣ ।।ରେ ଜନ୍ମ ଦିନ ପାଳନ କରି ସେ ବହୁତ ଖୁସି। ତାଙ୍କ ଜନ୍ମ ଦିନରେ ସାମିଲ ହୋଇ ଥିବାରୁ ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ନବୀନଙ୍କ ଗସ୍ତ ନେଇ ଏସଓଏସର ନିର୍ଦ୍ଦେଶକ ଅବିନାଶ ହୋତା କହିଛନ୍ତି ଯେ ନବୀନ ସାର୍‌ଙ୍କ ଗସ୍ତ ସୂଚନା ପାଇବା ପରେ ପିଲାମାନେ ଅତ୍ୟନ୍ତ ଉତ୍ସାହିତ ହୋଇ ପଡ଼ିଥିଲେ। ନିଜ ପ୍ରିୟ ମଣିଷଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବାକୁ ସେମାନେ ସ୍ୱତପ୍ରବୃତ୍ତ ଭାବେ ନିଜକୁ ପ୍ରସ୍ତୁତ କରିଥିଲେ। ସାର୍‌ଙ୍କ ଆଶୀର୍ବାଦ ସବୁବେଳେ ପିଲାମାନଙ୍କ ଉପରେ ଏମିତି ରହିଥାଉ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ସୁଅ ଛୁଟିଛି। ନବୀନ ୭୯ ତମ ଜନ୍ମ ଦିନରେ ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓ ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସକାଳେ ଫୋନ୍ ଯୋଗେ ନବୀନଙ୍କ ସହ କଥା ହୋଇ ତାଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ନବୀନଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଏକ୍ସରେ ନବୀନଙ୍କୁ ଜନ୍ମ ଦିନ ଶୁଭେଚ୍ଛା ଜଣାଇଛନ୍ତି। ସେ ନବୀନଙ୍କୁ ଜନ୍ମଦିନର ଶୁଭକାମନା ଜଣାଇବା ସହିତ ମହାପ୍ରଭୁଙ୍କ ପାଖରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହ ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି। ଏହାସହିତ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ, ଜୁଏଲ୍ ଓରାମଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ପ୍ରଭାତୀ ପରିଡ଼ା, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ଅନ୍ୟ ବହୁ ବ୍ୟକ୍ତିବିଶେଷ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଇତିମଧ୍ୟରେ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଆଜି ସାରା ରାଜ୍ୟରେ ବିଜେଡି ପକ୍ଷରୁ ରକ୍ତଦାନ ଶିବିରମାନ ଆୟୋଜନ କରାଯାଇଥିଲା।


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. - 02**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS2025040 ତା. 12.09.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ. - 01) | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| ତା.24.10.2025 ରିଖ 1200 ଘଟିକାରେ | ତା.04.11.2025ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-135/CI/25-26

**AFFIDAVIT**

By virtue of an Affidavit before Notary Public, Malkangiri, I, **Deepa Majhi**, aged about 20 years, W/o.: Binod Majhi,D/o.: Nepal Saha resident of Village: M.V.23, PO.: Mariwada, P.S: Korukanda, Dist: Malkangiri, Odisha-764045, declare by this Affidavit No.: 2069/2025, Dated: 16.10.2025 that I have changed my name from Deepa Saha to **Deepa Majhi**. Henceforth I shall be known as **Deepa Majhi** for all future purposes.

**AFFIDAVIT**

I, Kuntala Kumari Dash, W/o- Nrusinha Prasad Das, Resident of At/PO: Old LIC Building, Pujariput, Koraput, Koraput, Dist.: Koraput, Odisha, PIN-764020, declared by this Affidavit No:1215/2025 Dated: 16.10.2025. That now onwards I shall be known as **KUNTALA KUMARI DAS** for all future Purposes.

**AFFIDAVIT**

By virtue of an Affidavit before the Executive Magistrate, Bhadrak, Affidavit No-2721, dated 15.10.2025, I Krushna Chandar Das, Resident of Vill- Padhuan, P.S-Basudevpur, Dist- Bhadrak, Odisha - 756125 declare that I have Changed my name from Bablu Das to Krushna Chandar Das. Henceforth I shall be known as KRUSHNA CHANDAR DAS for all future purposes.

**KRUSHNA CHANDAR DAS**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Parmashwari, W/o- Lalit Bhatter, At- Traffic Square, P.O. Baripada, Dist- Mayurbhanj (Odisha), declare by affidavit No- 1096, dated 15/10/25, that now onwards I shall be known as **Parmashwari Bhatter** for all future purposes.

**NAME CHANGE**

By virtue of an Affidavit sworn before Executive Magistrate, Bhubaneswar CF.NO. 52, on Dated 15.10.2025, I, **UMARANI MOHAPATRA**, W/o Balaram Mohapatra, permanent resident of At- Rasika, Po- Rajaloka, Ps- Jharpokharia, Dist- Mayurbhanj, Odisha, Pin- 757086 declare that I have changed my name from **UMAMANI MOHAPATRA** (Old Name) to **UMARANI MOHAPATRA** (New Name). Henceforth, I shall be known as **UMARANI MOHAPATRA** for all future purposes.

**Sd- (UMARANI MOHAPATRA)**

**AFFIDAVIT**

By virtue of an affidavit no. 2625, dtd. 15.10.2025 before the Executive Magistrate, Phulbani, Dist.- Kandhamal, I, Amiya Kanhar, At-Pabingia, Po- Pabingia, Ps-Phiringia, District- Kandhamal, Odisha, Pin-762011 have changed my minor son's name from Ankiti Kanhar to Ankit Kanhar. Henceforth he will be known as **Ankit Kanhar** for all purposes.

**Sd/- Amiya Kanhar**

**AFFIDAVIT**

By virtue of an affidavit C.F.NO - 92, dated on 06.08.2025 in the court of the Executive Magistrate Bhubaneswar , Address Nayagarh Dist : Nayagarh. I Rajalaxmi Panda have changed my name from Laxmi Priya Panda to Rajalaxmi Panda . Hence Forth he will be known as Rajalaxmi Panda instead of Laxmi Priya Panda for all purposes.

**Sd/- Rajalaxmi Panda**

**SALE**

1 Number of TATA INTRA V-30 HD (SCV) / 2023, Registration No.- OD-01-AT-6551, Model- 2023, ENGINE NO – 15CR09HWXSA1170, CHASSIS NO - MAT535348PYH37249, For Details, contact- 9437560894, 94375 77758, SUNDARAM FINANCE LTD., First floor, Choudhury Complex , SAHADEVKHUNTA, BALASORE - 756001, PH. NO- 06782-266657

**AFFIDAVIT**

I, Abhisek Tripathy, S/o. Ashok Kumar Tripathy, resident of Plot No. 87/2322, Nigamananda Nagar, Bomikhal, P.S.- Sahid Nagar, Ward No.31 Bhubaneswar-751010, Dist - Khordha, Odisha declare by this Affidavit No. 52, dtd.13.10.2025, that now onwards I shall be known as **ABHISHEK TRIPATHY** for all future purposes.

**AFFIDAVIT**

I, Papuna Khan, S/o- Late Rasid Khan, resident of At- Gayabandha, Po- Damanabhumi, Ps- Jankia, Dist- Khordha, PIN- 752020, Odisha declared by this affidavit No. 566, dtd- 15/10/2025 that now onwards I shall be known as **PAPUN KHAN** for all future purposes.

**AFFIDAVIT**

By virtue of an affidavit Sl. No. 2626, dtd. 15.10.2025 in the court of the Executive Magistrate, Phulbani, Dist.- Kandhamal, I, Samanta Kanhar, At- Ladadi, Po- Jajespanga, Ps.- Phiringia, Dist.- Kandhamal - 762011 have changed my minor daughter's name from Lovely Kanhar to Pallabi Kanhar. Henceforth she will be known as Pallabi Kanhar for all purposes.

**Sd/- Samanta Kanhar**

**AFFIDAVIT**

I, Satyasikha Tripathy, W/o. Sri Abhishek Tripathy, resident of Plot No. 87/2322, Nigamananda Nagar, Bomikhal, P.S.- Sahid Nagar, Ward No.31, Bhubaneswar-751010, Dist - Khordha, Odisha declare by this Affidavit No. 53, dtd.13.10.2025, that now onwards I shall be known as **SATYASHIKHA TRIPATHY** for all future purposes.

**AFFIDAVIT**

I, Subhakant Swain, S/o- Ashok Kumar Swain, resident of Plot No- 367/3293, Flat no-B-202, 2nd Floor, Sishu Vihar, Infocity, Kalarahanga, Dist- Khurda PIN-751024, Odisha declared by this affidavit No-838, dtd- 15/10/2025 that now onwards I shall be known as **SUBHAKANTA SWAIN** for all future purposes

**AFFIDAVIT**

I, Badakulu Ada Patra, aged about 36 years, S/o- Badakulu Chandru Patra, resident of At- Sasanapalli, Po- Jagannathpur, Dist- Ganjam, Pin- 761003, Odisha declare by this affidavit No. 2102, dtd. 16/10/2025, that now onwards I shall be known as **B ADIADA PATRA** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Ananda Barman**, aged about 42 years, S/o.: Basudeb Barman, resident of Village: M.V.28, PO.: Kamwada, P.S: Korukanda, Dist: Malkangiri, Odisha, declare by this Affidavit No.: 12456/2025, Dated: 16.10.2025 that I have changed my name from Anand Barman to **Ananda Barman**. Henceforth I shall be known as **Ananda Barman** for all future purposes.

**ବିଜ୍ଞପ୍ତି**

ରାଜ୍ୟ ସ୍ତରୀୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (**SEIAA**) ଓଡ଼ିଶା, ଭୁବନେଶ୍ୱର, **EC** ପରିଚୟ ନମ୍ବର **EC25C3801OR5555677N** ତା. **14.10.2025** ଅନୁଯାୟୀ, ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ୍, ଓଡ଼ିଶାରେ କମଣ୍ଡ ଷ୍ଟିଲ୍ ପ୍ଲାଣ୍ଟ ଗ୍ରାମ: କୁଲା, ଜିଲ୍ଲା: ସୁନ୍ଦରଗଡ଼ରେ ଅବସ୍ଥିତ **38256.69** ବର୍ଗମିଟର (**9.45** ଏକର) ପ୍ଲଟ୍ ଅଞ୍ଚଳ ଉପରେ **G+3** ରୁଙ୍ଗଟା ଆବାସିକ କଲୋନୀ ନିର୍ମାଣ ପାଇଁ ପରିବେଶ ମଞ୍ଜୁରୀ ପ୍ରଦାନ କରିଅଛନ୍ତି । ଏହି ମଞ୍ଜୁରୀର ଏକ କିତା ନକଲ ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ, ଭୁବନେଶ୍ୱର କାର୍ଯ୍ୟାଳୟରେ ଉପଲବ୍ଧ ଏବଂ ପରିବେଶ ପୋର୍ଟାଲ୍ (**www.parivesh.nic.in**) ୱେବସାଇଟ୍ ରେ ମଧ୍ୟ ଦେଖାଯାଇପାରିବ । ପରିବେଶ ମଞ୍ଜୁରୀ ପତ୍ରର ଏକ କିତା ନକଲ କମ୍ପାନୀର ୱେବସାଇଟ୍ ଅର୍ଥାତ୍ **www.rungtamines.com** ରେ ମଧ୍ୟ ଉପଲବ୍ଧ।

muthoot MICROFIN

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍

ସି ଆଇ ଏନ:L65190MH1992PLC066228

ରେଜିଷ୍ଟର୍ଡ କାର୍ଯ୍ୟାଳୟ: ୧୩ ତମ ମହଲା, ପାରିନୀ କ୍ରେସେଣ୍ଡୋ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ, ମହାରାଷ୍ଟ୍ର - ୪୦୦୦୫୧

ପ୍ରଶାସନିକ କାର୍ଯ୍ୟାଳୟ: ୫ମ ମହଲା, ମୁଥୁଟ୍ ଟାୱାର, ଏମ୍.ଜି. ରୋଡ୍, କୋଚି, କେରଳ – ୬୮୨ ୦୩୫

ଟେଲିଫୋନ୍: +୯୧-୪୮୪-[illegible];ଫ୍ୟାକ୍ସ: +୯୧-୪୮୪-[illegible];ଇମେଲ: info@muthootmicrofin.com

**ଶାଖା ବନ୍ଦ ଏବଂ ମିଶ୍ରଣ ପାଇଁ ସାଧାରଣ ସୂଚନା - ରେଜି.**

ଏହା କମ୍ପାନୀର ଗ୍ରାହକ, ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ (MML) ଏବଂ ସାଧାରଣ ଜନତାଙ୍କୁ ସୂଚିତ କରାଯାଉଛି ଯେ କାର୍ଯ୍ୟକ୍ଷମ ସୁବିଧା ଏବଂ ନିରନ୍ତର ଗ୍ରାହକ ସେବା ସୁନିଶ୍ଚିତ କରିବା ପାଇଁ, ଏହି ସୂଚନାର ତିନି (3) ମାସ ପରେ, ଓଡ଼ିଶା ରାଜ୍ୟ ମଧ୍ୟରେ ଏହାର ତିନୋଟି (3) ଶାଖାକୁ ବନ୍ଦ କରି ରାଜ୍ୟର ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ଥିବା MMLର ବିଦ୍ୟମାନ ଶାଖା ସହିତ ମିଶ୍ରଣ କରାଯିବ ଏବଂ ଏହି ଶାଖାଗୁଡ଼ିକର ତାଲିକା ନିମ୍ନଲିଖିତ ଭାବରେ ଦିଆଯାଇଛି:

| କ୍ର. | ବନ୍ଦ ଶାଖା (ପୁରୁଣା ଠିକଣା) | ସ୍ଥାନାନ୍ତର ଶାଖା (ନୂତନ ଠିକଣା) |
|---|---|---|
| ୧ | [illegible] | [illegible] |
| ୨ | [illegible] | [illegible] |
| ୩ | [illegible] | [illegible] |

ବନ୍ଦ/ସ୍ଥାନାନ୍ତରର କାର୍ଯ୍ୟକାରୀ ତାରିଖ: 17/01/2026

ଉପରୋକ୍ତ ବନ୍ଦ ଶାଖାର ସମସ୍ତ ଗ୍ରାହକ ଆକାଉଣ୍ଟଗୁଡ଼ିକ ସ୍ୱୟଂଚାଳିତ ଭାବରେ ସମ୍ପୃକ୍ତ ସ୍ଥାନାନ୍ତର ଶାଖାକୁ ସ୍ଥାନାନ୍ତରିତ ହୋଇଯିବ, ଯାହା ପାଇଁ ଗ୍ରାହକଙ୍କ ପକ୍ଷରୁ କୌଣସି ପଦକ୍ଷେପ ନେବାର ଆବଶ୍ୟକତା ନାହିଁ। ଅଧିକ ସହାୟତା ପାଇଁ, ଦୟାକରି ଆମର ସରକାରୀ ୱେବସାଇଟ୍ www.muthootmicrofin.com ପରିଦର୍ଶନ କରନ୍ତୁ କିମ୍ବା ଟୋଲ୍ ଫ୍ରି ନମ୍ବର [illegible] ରେ ଡାଏଲ୍ କରନ୍ତୁ କିମ୍ବା info@muthootmicrofin.com ରେ ଆମକୁ ଇମେଲ୍ କରନ୍ତୁ କିମ୍ବା ଆପଣଙ୍କର ନିକଟସ୍ଥ ଏମଏମଏଲ ଶାଖା ପରିଦର୍ଶନ କରନ୍ତୁ।

ସ୍ଥାନ: ଓଡ଼ିଶା

ତାରିଖ: 17/10/2025

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ ପାଇଁ ଏସଡି/- ଥୋମାସ ମୁଥୁଟ୍ ନିର୍ଦ୍ଦେଶକ

**LOST**

I, **Rakesh Kumar Biswal,** aged about 36 years, S/o Maheswar Biswal, resident of At- Bhagabat Sandhan, Laxmisagar, Po- Budheswari Colony, Ps- Laxmisagar, Bhubaneswar, Dist: Khordha, PIN- 751006, Odisha declare that on dtd. 13/10/2025, while I was coming from Laxmi Sagar market area to my resident at 6.50 am, I have lost the Sale Deed bearing No. 4180, dtd- 06/04/2005 and ROR of the schedule of property under Mouza Godagopinathprasad, Bhubaneswar Sahar Unit No.37, bearing Khata No. 423/1216, Plot No. 1210/2031/2627 & Plot No. 1210/1988/2628, 1210/1990/2626, pervious owner name Rabindra Kumar Mishra from my custody along with other documents which was kept in my hand bag somewhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim within 7 days from the date of publication and after that the documents will lose its legal force and we will not be responsible for any claim what-so-ever on the property after 5 days.

**Advocate: Debabrata Padhy**
**Mob: 9040778197**

**NAME CHANGE**

By virtue of an affidavit sworn before the Executive Magistrate, Astarang, CF. No. 2299, on dated 13/10/2025, I **JAYAKRUSHNA ROUT**, S/o Sarbeswar Rout, resident of Village At- Nanapur, Po- Jhadaling, Ps - Astarang, Dist- Puri, State- Odisha, declare that I have changed my name from **JAYAKRISHNA ROUT** (Old Name) to **JAYAKRUSHNA ROUT** (New Name). Henceforth, I shall be known as **JAYAKRUSHNA ROUT** for all future purposes.

(Sd- **JAYAKRUSHNA ROUT**)

**AFFIDAVIT**

By virtue of an affidavit sworn before the Executive Magistrate, Angul, dated:16.10.2025, I, **Smrutiranjan Jena,** S/o: Late Dillip Jena, Permanent/Current Address resident At: Badabahal, PO.: Kumurisingha, PS.: Angul Sadar, Dist.: Angul, Odisha- 759129 declare that I have changed my name from **"Sruti Ranjan Jena"** to Smrutiranjan Jena. Henceforth I shall be know as **Smrutiranjan Jena** for all purposes.


## ଭତ୍ତାଟଙ୍କା ଉପରେ ଲୁଟେରାଙ୍କ ଆଖି

# ନାଳକୁ ଡେଇଁ ଟଙ୍କା ଓ ଜୀବନ ବଞ୍ଚାଇଲେ ପିଇଓ

ଭୁବନ, ୧୬ ।୧୦(ସମିସ)

ପଞ୍ଚାୟତ ଭତ୍ତା ଟଙ୍କା ଉପରେ ଲୁଟେରାଙ୍କ ନଜର। ଭତ୍ତା ଟଙ୍କା ନେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବା ସମୟରେ ମାଡିଥିଲା କଳା ପଲସର। ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ନାଳକୁ ଡେଇଁ ଟଙ୍କା ସହ ଜୀବନ ରକ୍ଷା କରିଛନ୍ତି। ଭୁବନ ଥାନା କାନଖାଇ ଗ୍ରାମ ନିକଟ ବେକମୋଡ଼ା ନାଳ ନିକଟରେ ଏହି ଘଟଣା ଘଟିଛି।

ସୂଚନାନୁସାରେ ଭୁବନ ଥାନା ବାଲିବୋ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଶୁତୋଷ ନାୟକ ବୁଧବାର ଆଇସିଆଇସିଆଇ ବ୍ୟାଙ୍କରୁ ଲୋକଙ୍କ ଭତ୍ତା ବାବଦ ୫ ଲକ୍ଷ ୫୦ ହଜାର ଟଙ୍କା ଉଠାଇ ନିଜ ସ୍କୁଟି ଯୋଗେ ଯାଉଥିଲେ। ୫୩ନଂ ଜାତୀୟ ରାଜପଥର ଅନନ୍ତପୁର ଛକରୁ କାନଖାଇ ଗ୍ରାମ ପାର ହୋଇ କଇଁପାଟ ହୁଡ଼ି ନିକଟସ୍ଥ ବେକମୋଡ଼ା ନାଳ ନିକଟରେ ଏକ କଳା ପଲସରରେ ଆସିଥିବା ୩ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଟଙ୍କା ବ୍ୟାଗ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ନିର୍ବାହୀ



ଅଧିକାରୀ ସ୍କୁଟି ଛାଡ଼ି ଦୌଡ଼ିଯାଇ କଣ୍ଟା ବୁଦା ଡେଇଁ ନାଳକୁ ଡେଇଁ ପଡ଼ିଥିଲେ। ଲୁଟେରା ମଧ ନାଳରେ ପଶି ତାଙ୍କୁ ଟଣାଓଟରା କରିଥିଲେ। କିନ୍ତୁ ବ୍ୟାଗ ଛଡ଼ାଇ ନେଇପାରି ନ ଥିଲେ। ଠିକ ଏହି ସମୟରେ ଜମିରେ କାମ କରୁଥିବା ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ପିମ୍ପୁଡ଼ିଆ ଗ୍ରାମର ଚାଷୀ କୁଶନ ନାୟକ ପୂର୍ତ୍ତ ବିଭାଗ ରାସ୍ତା ଉପରେ ନାଳ କୂଳରେ ଭାତ ଖାଉଥିଲେ। ଏହି ଘଟଣା ଦେଖି ସେ ଖାଦ୍ୟ ଛାଡ଼ି ଠେଙ୍ଗା ଧରି ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ନିର୍ବାହୀ ଅଧିକାରୀ ଜଣେ ଲୁଟେରାଙ୍କ ମାସ୍କ ଟାଣି ଆଣିବାରୁ

**ଠେଙ୍ଗାଧାରୀ ଚାଷୀଙ୍କୁ ଡରି ଲୁଟେରା ଫେରାର**

ତାଙ୍କ ମୁହଁରେ ଗ୍ରହଣଖଣ୍ଡିଆ ଥିବା ଜଣାପଡ଼ିଛି। ଭୁବନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅନ୍ୟପଟେ ବିନା ପୁଲିସ ସୁରକ୍ଷାରେ ନିର୍ବାହୀ ଅଧିକାରୀ କିଭଳି ଏତେ ଟଙ୍କା ନେଉଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଗତବର୍ଷ ବାଲିବୋଠାରେ ସେବାକେନ୍ଦ୍ର ଖୋଲିଥିବା ହିମାଂଶୁ ଶେଖର ପଣ୍ଡାଙ୍କଠାରୁ ମଧ ଏହି ସ୍ଥାନରେ ୨ ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା।

## ଅନ୍ତର୍ଜାତୀୟ ଜରା ଦିବସ ଓ ଜିଲ୍ଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ



ଗଁଦିଆ, ୧୬ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତ ଅଁଳାପାଳ ଐରା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଚକ୍ରଧାରୀ ବରିଷ୍ଠ ନାଗରିକ ଗୃହ ପରିସରରେ ଅନ୍ତର୍ଜାତୀୟ ଜରା ଦିବସ ଓ ଜିଲ୍ଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଚଳଣି, ରହଣି ଓ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତପନ କୁମାର ମହାନ୍ତି, ଜିଲ୍ଲା ଯୋଜନା ପରିଚାଳକ ସସ୍ମିତା ସାହୁ, ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଭାରତୀ ପଣ୍ଡା, ଅଣ ସଂକ୍ରାମକ ରୋଗ ନିଦାନ ପରିଚାଳକ ପ୍ରଜ୍ଞାପରମିତା ମହାନ୍ତି, ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର କୃଷ୍ଣବଲ୍ଲଭ ଶତପଥୀ ଓ ମଠକରଗୋଳା ଆୟୁଷ ଡାକ୍ତର ପରମାର୍ଥ ପାଣିଗ୍ରାହୀ, ସୁପରଭାଇଜର ମାନସ ମିଶ୍ର, ଏଏନଏମ ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଯଥା ମଧୁମେହ, ରକ୍ତଚାପ ଓ ଆଖି ପରୀକ୍ଷା ଆଦି କରିଥିଲେ। ଆବଶ୍ୟକ ଔଷଧ ମଧ ପ୍ରଦାନ କରାଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଦ୍ୱାରା ସମସ୍ତ ୨୫ ଜଣ ଅନ୍ତେବାସୀଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରାଯାଇଥିଲା। ଚକ୍ରଧାରୀ ବରିଷ୍ଠ ଗୃହର ପରିଚାଳକ ତାରା ସ୍ୱାଇଁ, ଦେବାଶିଷ ଦାସ, ସଞ୍ଜୟ ଦାସ, ମନୋଜ ଦାସ, ପ୍ରତାପ ପଣ୍ଡା, ସୁଶାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ନଦୀରୁ ଉଦ୍ଧାର



ଭୁବନ, ୧୬ ।୧୦(ସମିସ): ଗଁଦିଆ ଥାନା ବଣସିଂ ପଞ୍ଚାୟତ ଭୂଇଁପୁର ଗ୍ରାମ ଦେଇ ଯାଇଥିବା ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ମଙ୍ଗଳବାର ଜଣେ ଯୁବକ ନିଖୋଜ ହୋଇଯାଇଥିଲେ। ସେ ହେଲେ କଟକ ଜିଲ୍ଲା ଆଠଗଡ଼ ମେଡିକାଲ ଛକର ରମେଶ ଦାସଙ୍କ ପୁଅ ଜ୍ଞାନେଶ ଦାସ (୨୨)। ଜ୍ଞାନେଶ ନିଜ ସମ୍ପର୍କୀୟଙ୍କ ଘର ଭୂଇଁପୁର ଗ୍ରାମକୁ ବୁଲିବାକୁ ଆସିଥିବା ବେଳେ ନଦୀକୁ ଗାଧେଇବାକୁ ଯାଇଥିଲେ। ଏହି ସମୟରେ ସେ ଗଭୀର ଜଳରେ ବୁଡ଼ି ଯାଇଥିଲେ। ଜ୍ଞାନେଶ ଘରକୁ ନ ଫେରିବାରୁ ସମ୍ପର୍କୀୟମାନେ ଖୋଜା ଖୋଜି ଆରମ୍ଭ କରିବା ସହ ଅଘଟଣ ସନ୍ଦେହ କରି ଦମକଳ ବାହିନୀକୁ ଖବର ଦେଇଥିଲେ। ଗଁଦିଆ ଏବଂ ଭୁବନ ଦମକଳ ବାହିନୀ ମିଳିତ ଭାବରେ ନଦୀରେ ଖୋଜା ଖୋଜି କରିବା ପରେ ମଧ ଜ୍ଞାନେଶଙ୍କ ପତ୍ତା ମିଳି ନ ଥିଲା। ତେବେ ଗୁରୁବାର ନୀଳକଣ୍ଠପୁର ଘାଟରୁ ଓଡ୍ରାଫ ଟିମ ତାଙ୍କ ମୃତଦେହ ଉଦ୍ଧାର କରିଛି। ଭୁବନ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଢେଙ୍କାନାଳ, ୧୬ ।୧୦(ସମିସ): ସଦର ବ୍ଲକ ମହୁଲବେରେଣୀ କୋଇଲିପଙ୍ଗି ଉପ୍ରା ବିଦ୍ୟାଳୟରେ ଗୁରୁବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କାକୁଡ଼ିଭାଗ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିତର୍କରେ ସୌମଶ୍ରୀ ବାରିକ, ପ୍ରବନ୍ଧରେ ନର୍ମଦା ସୁତାର ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ବରିଷ୍ଠ ବର୍ଗ ଚିତ୍ରାଙ୍କନରେ ବିଷ୍ଣୁପ୍ରିୟା ସାହୁ, କୁଇଜରେ ଶୁଭମ ପ୍ରଧାନ, ସୃଜନଶୀଳ ଲିଖନରେ ସୌମଶ୍ରୀ ବାରିକ, ବକ୍ତୃତାରେ ବଦ୍ରିନାଥ ବରାଳ, ସଙ୍ଗୀତରେ ଲିପୁନ କାଞ୍ଜିଆ, ପିଏମ ପୋଷଣ ଚିତ୍ରକଳାରେ ରାହୁଳ ଭୋଳ, ଶିଳ୍ପକଳାରେ ଶୁଭଲକ୍ଷ୍ମୀ ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କନିଷ୍ଠ



ବିଭାଗର ଚିତ୍ରାଙ୍କନରେ ବଳରାମ ରାଉତ, କୁଇଜରେ ଅନନ୍ୟା ସାହୁ, ସୃଜନଶୀଳ ଲିଖନରେ ଅମରଜ୍ୟୋତି ସାହୁ, ବକ୍ତୃତାରେ ଶିବାନୀ ପୃଷ୍ଟି, ସଙ୍ଗୀତରେ ଅଭିଲିପ୍ସା ବେହେରା, ଶୃତ ଲିଖନ ଓ ହସ୍ତାକ୍ଷରରେ ସାଇଶ୍ରୀ ସାହୁ, ପିଏମ୍ ପୋଷଣ ଚିତ୍ରକଳାରେ ଅମିତ ବାରିକ, ଶିଳ୍ପ କଳାରେ ଅର୍ପିତା ସାମଲ, ସର୍ବକନିଷ୍ଠ ବର୍ଗର ଗଳ୍ପ କଥନରେ ଅମିତ ସାହୁ, ଅଙ୍କଦୌଡରେ ରାଜଲକ୍ଷ୍ମୀ ସାହୁ, ଦିବ୍ୟାଙ୍ଗ ବର୍ଗର ବିତର୍କରେ ଶ୍ରୀକୃଷ୍ଣ ସାହୁ, ଚିତ୍ରାଙ୍କନରେ ଶୁଭମ ସାହୁ ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁହାଳଡିହି ପ୍ରାଥମିକ ବିଦ୍ୟାଳୟର ମାନିନୀ ନାୟକ ଓ ସାଥୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହିତ ବ୍ଲକସ୍ତରୀୟ ସୁରଭି ପାଇଁ ମନୋନିତ ହୋଇଛନ୍ତି। ସିଆରସିସି ଅର୍ଜୁନ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ ଧଳ, ରାଜେଶ ମହାନ୍ତି, ଅର୍ଜୁନ ସାହୁ, ନଦିଆ ବିହାରୀ ସାହୁ, ସୌରଭ ରାୟ, ଚନ୍ଦ୍ରକାନ୍ତ ବେହେରା, ଶିକ୍ଷୟିତ୍ରୀ ରୂପଶ୍ରୀ ପରିଡ଼ା, ସ୍ୱର୍ଣ୍ଣପ୍ରଭା ମିଶ୍ର, କଳ୍ପନା ବାରିକ, ଶୁଭଲକ୍ଷ୍ମୀ ସେଠୀ, ମାନସୀ ଦାସ, ନିରୁପମା ପୃଷ୍ଟି ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ କୃତୀକୁ ମୂଲ୍ୟାୟନ କରିଥିଲେ। ଅପରାହ୍ନରେ ପ୍ରଧାନଶିକ୍ଷୟିତ୍ରୀ ଲୋପାମୁଦ୍ରା ଖଣ୍ଡିଆଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କାକୁଡିଭାଗ ଗ୍ରାମପଞ୍ଚାୟତର ସରପଞ୍ଚ ରୀନା ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ବିଷ୍ଣୁ ମଲ୍ଲିକ, ବିଜ୍ଞାନ ଶିକ୍ଷକ ଶେଷଦେବ ବାରିକ, କ୍ରୀଡା ଶିକ୍ଷକ ଯଶୋବନ୍ତ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜାତୀୟ ରାଜପଥରେ ୩ ଯୁବକଙ୍କ ଆତଙ୍କରାଜ

- ଗାଡ଼ିରୁ ଘୋଷାଡ଼ି ଡ୍ରାଇଭରଙ୍କୁ ମାଡ଼
- ଥାନାରେ ଅଭିଯୋଗ କଲା ମହାସଙ୍ଘ

ଢେଙ୍କାନାଳ, ୧୬ ।୧୦(ସମିସ): ସଦରଥାନାର ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ୫୫ନଂ ଜାତୀୟ ରାଜପଥରେ ତିନି ଯୁବକଙ୍କ ଆତଙ୍କରାଜକୁ ନେଇ ଡ୍ରାଇଭର ମହାସଙ୍ଘ ଥାନାରେ ଅଭିଯୋଗ କରିଛି। ଗୋବିନ୍ଦପୁର ନିକଟରେ ଏକ ବୁଲେଟରେ ୩ ଯୁବକ ରଙ୍ଗ ରୁଟ୍‌ରେ ଆସି ପିକଅପ୍ ଭ୍ୟାନ୍‌କୁ ଧକ୍କା ଦେଇଥିଲେ। ପରେ ପିକଅପ ଭ୍ୟାନ ଡ୍ରାଇଭରଙ୍କୁ ଗାଡ଼ିରୁ ଘୋଷାଡ଼ି ନେଇ ନିସ୍ତୁକ ପିଟିଲେ। ଏହି ଘଟଣାର ଦୃଶ୍ୟ ମୋବାଇଲରେ କଏଦ ହୋଇଛି। ଆତଙ୍କରାଜ ଚଳାଇଥିବା ୩ ଯୁବକ ପିକଅପ ଡ୍ରାଇଭରଙ୍କୁ ଜୀବନରେ ମାରି ଦେବାକୁ ଉଦ୍ୟମ କରୁଥିବା ବେଳେ ଗୋବିନ୍ଦପୁର ଫାଣ୍ଡି ପୁଲିସ ତାଙ୍କୁ ଉଦ୍ଧାର କରିଥିଲା। ବୁଧବାର ରାତିରେ ପୁରୀର ସୁଦାମ ପାଇକାରାୟ ନାମକ ପିକଅପ୍ ଡ୍ରାଇଭର ଗାଡ଼ି ନେଇ ଢେଙ୍କାନାଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସେହି ସମୟରେ ଅପର ପକ୍ଷରୁ ରଙ୍ଗ ରୁଟ୍‌ରେ ଆସି ଗୋଟିଏ ବୁଲେଟରେ ତିନି ଯୁବକ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ପରେ ଦୋଷ ନ ଥାଇ ମଧ ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଓଡ଼ିଶା ଡ୍ରାଇଭର ମହାସଂଘ ଢେଙ୍କାନାଳ ଜିଲ୍ଲା କମିଟି ପକ୍ଷରୁ ଏ ନେଇ ଗୋବିନ୍ଦପୁର ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ପୁଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଜାରିରଖିଛି। ତୁରନ୍ତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଡ୍ରାଇଭର ମହାସଙ୍ଘ ଦାବି କରିଛି।

## ଜାତୀୟ ମହିଳା କୃଷକ ଦିବସ

ଗଁଦିଆ, ୧୬ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଗୁଣ୍ଡୁରାପଶି ବରସାହି ଗ୍ରାମରେ ଜାତୀୟ ମହିଳା କୃଷକ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ, ଗଁଦିଆ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ମିନତି ନାୟକ, ସମ୍ମାନିତ ଅତିଥି ଭାବେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ପକ୍ଷରୁ ଶୁଭ୍ରଜିତ ସାହୁ ଓ ଅଗ୍ରଣୀ ଚାଷୀ ଯୋଗଦେଇଥିଲେ। କୃଷି ଅଧିକାରୀ ନାୟକ ଉଦବୋଧନରେ ମହିଳା କୃଷକଙ୍କ ଦ୍ୱାରା ଖାଦ୍ୟ ସୁରକ୍ଷା ଓ ଶସ୍ୟ ଚାଷର ସ୍ଥାୟୀ ଉନ୍ନତିରେ ଦିଆଯାଉଥିବା ଅବଦାନକୁ ଉଲ୍ଲେଖ କରିଥିଲେ। ସେ ମହିଳାଙ୍କୁ ଉନ୍ନତ କୃଷି ପଦ୍ଧତି ଅନୁସରଣ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବା, ମହିଳା ନେତୃତ୍ୱ ପ୍ରାକୃତିକ କୃଷି ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେବା ପାଇଁ ପ୍ରୋତ୍ସାହିତ କରିଥିଲେ। ମାଷ୍ଟର ଟ୍ରେନର ଶୁଭ୍ରଜିତ ସାହୁ ଶସ୍ୟ ଉତ୍ପାଦନର ସ୍ଥାୟୀ ଦୃଷ୍ଟିକୋଣ, ମାଟି ସ୍ୱାସ୍ଥ୍ୟ ପରିଚାଳନା ଓ ମହିଳା ନେତୃତ୍ୱଭିତ୍ତିକ ନୂତନ କୃଷି ଉଦ୍ୟମ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ। ଉପସ୍ଥିତ ମହିଳାଙ୍କ ଦ୍ୱାରା ମହିଳା କୃଷକଙ୍କୁ ସଶକ୍ତ କରିବା, ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ଓ ଜ୍ଞାନ ବିନିମୟ ପାଇଁ ଏକ ମଞ୍ଚ ଦେବାର ଲକ୍ଷ୍ୟ ସ୍ଥିର କରାଯାଇଛି।

## ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା



ହିନ୍ଦୋଳ/ଖଜୁରିଆକଟା, ୧୬ ।୧୦(ସମିସ): ହିନ୍ଦୋଳ ବ୍ଲକ ପାଣ୍ଡୁବେରିଣୀ କୁଣ୍ଡେଶ୍ୱର ଗୁରୁକୁଳ ଆଶ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ୧୭ ଓ ୧୪ ବର୍ଷରୁ କମ ବାଳକ ବାଳିକାମାନଙ୍କ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକରମରେ ମୁଖ୍ୟଅତିଥି ଭାବେ ବ୍ଲକ ନୋଡାଲ ଅଫିସର ଅନାଦି ଚରଣ ନାୟକ, ସମ୍ମାନିତ ଅତିଥି ଭାବେ ଖେଳ ଶିକ୍ଷକ ପ୍ରହଲ୍ଲାଦ ସାମଲ, ନରେନ୍ଦ୍ର କୁମାର ଦେହୁରୀ, ମୁରଲୀଧର ସାହୁ, ଡମ୍ବରୁଧର ବେହେରା, ଶଶିଭୂଷଣ ନାଥ, ସୁଶୀଲ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଖେଳ ଶିକ୍ଷକ ଦୀପକ ମୁଦୁଲି, ଜୀବନଜ୍ୟୋତି ବିଶ୍ୱାଳ, ଦୁର୍ଯ୍ୟୋଧନ ପାଣି, ଦାମୋଦର ବେହେରା, ପ୍ରଦୋଷ ସାହୁ, ପ୍ରମୋଦ ଗଡ଼ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ହିନ୍ଦୋଳ ବ୍ଲକର ୪୧ଟି ଉଚ୍ଚ ବିଦ୍ୟାଳୟରୁ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଅଜିତ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବନିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ଚାରାରୋପଣ

ଗଁଦିଆ, ୧୬ ।୧୦(ସମିସ): ଗଁଦିଆ ବ୍ଲକ ଦିଗମ୍ବର ପଞ୍ଚାୟତ ନୂଆଗଡ଼ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଉଦ୍ୟାନରେ ଚାରା ରୋପଣ କରାଯାଇଛି। ପରିବେଶବିତ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ସାହୁ, ପରିବେଶବିତ



ବିଜୟ କୁମାର ସାମନ୍ତଙ୍କ ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପାଣିଙ୍କ ସମେତ ବିଦ୍ୟାଳୟର ପରିବେଶ କ୍ଲବ ତତ୍ତ୍ୱାବଧାରକ ଅଭୟ କୁମାର ଶତପଥୀଙ୍କ ନେତୃତ୍ୱରେ ୫୦ରୁ ଅଧିକ ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଅରୁଣ ଧରୁଆ, ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ, ଦୀପିକା ପଡ଼ିଆରୀ ଓ କର୍ମଚାରୀ ଗୋବର୍ଦ୍ଧନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ଅନ୍ୱେଷଣ କାର୍ଯ୍ୟକ୍ରମ

ହିନ୍ଦୋଳ/ଖଜୁରିଆକଟା, ୧୬ ।୧୦(ସମିସ): ଟାଟା ଷ୍ଟିଲ ପକ୍ଷରୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ସହଯୋଗରେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକରମର ୧୯ତମ ସଂସ୍କରଣର ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମ ହିନ୍ଦୋଳ ବ୍ଲକ ଖଜୁରିଆକଟା ଏବଂ ହିନ୍ଦୋଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ସ୍କୁଲ ପିଲାମାନଙ୍କ ମଧ୍ୟରେ ମହାକାଶ ବିଜ୍ଞାନକୁ ନେଇ ଆଗ୍ରହ ଓ ଅନ୍ୱେଷଣକୁ



ନେଇ ସଚେତନତା ସୃଷ୍ଟି ଏହି କର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏଥିରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସାମ୍ବାଦିକ ପ୍ରଶାନ୍ତ ଜେନାମଣି, ସୁଶାନ୍ତ ପତି, ତ୍ରିଲୋଚନ ପାଳ, ବୀଣା ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଖଜୁରିଆକଟା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ ମିଶ୍ର, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଟାଟା ଷ୍ଟିଲର କର୍ମଚାରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବହୁବିଧ ପସନ୍ଦର ପ୍ରଶ୍ନ ଏମସିକ୍ୟୁ ପରୀକ୍ଷା ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାମାନଙ୍କ ପାଇଁ କୁଇଜ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## କୃଷକମାନଙ୍କ ଜିଲ୍ଲା ସମ୍ମିଳନୀ

# ରିଆତିଯୁକ୍ତ ସାର, ବିହନ ଠିକ୍ ସମୟରେ ଯୋଗାଇବାକୁ ଦାବି

ଢେଙ୍କାନାଳ, ୧୬ ।୧୦(ସମିସ): ସ୍ଥାନୀୟ ଲେଖକ ସଦନ ଭବନ ସଭାଗୃହରେ ଅଖିଳ ଭାରତ କୃଷକ ସଭା (ଏଆଇକେଏସ) ସହବନ୍ଧିତ କୃଷକମାନଙ୍କ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଓଡ଼ିଶା କୃଷକ ସଭା ନେତୃତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲାର ଭୁବନ, କାମାକ୍ଷାନଗର, ଓଡ଼ାପଡ଼ା ଓ କଙ୍କଡ଼ାହାଡ଼ ବ୍ଲକର କୃଷକମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ସଂଯୁକ୍ତ କୃଷକ ମୋର୍ଚ୍ଚା ନେତୃତ୍ୱରେ ଦିଲ୍ଲୀରେ ହୋଇଥିବା ବର୍ଷବ୍ୟାପୀ ଆନ୍ଦୋଳନରେ



ସହିଦ କୃଷକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସର୍ବଜ୍ଞ ସାହୁ, ଚନ୍ଦ୍ରଶେଖର ସାହୁ, ଶ୍ରୀଧର ମଲ୍ଲିକ, ସମୀର କୁମାର ପାଣି, ବିନୟ ସାହୁ ଓ ସରୋଜ କୁମାର ଶତପଥୀ ଉପସ୍ଥିତ ଥିଲେ। ସମ୍ମିଳନୀକୁ କୃଷକ ନେତା ବଦ୍ରିନାରାୟଣ ଦାଶ ଉଦଘାଟନ କରି କୃଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କୃଷକମାନଙ୍କ ବର୍ଷବ୍ୟାପୀ ଆନ୍ଦୋଳନର ଫଳସ୍ୱରୂପ ମୋଦି ସରକାର ପ୍ରତ୍ୟାହାର କରିଥିବା ୩ଟି କଳା କୃଷି ଆଇନକୁ ପ୍ରତ୍ୟାହାର କରିଥିବା ସେ କହିଥିଲେ। ଫସଲର ଏମଏସପି ଧାର୍ଯ୍ୟ କରିବା ପାଇଁ ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ। ଚାଷୀମାନଙ୍କଠାରୁ ଧାନ ସମେତ ମୁଗ, ବିରି ଇତ୍ୟାଦିକୁ ସରକାରୀ ଦରରେ ସରକାର କ୍ରୟ କରିବା, କୃଷକମାନଙ୍କୁ ରିଆତିଯୁକ୍ତ ସାର, ବିହନ ସଠିକ ସମୟରେ ଯୋଗାଇଦେବା, ଆବଶ୍ୟକତା ଅନୁଯାୟୀ ଜମିକୁ ଜଳ ଯୋଗାଇବା ସହ ପ୍ରାକୃତିକ ଔଷଧ, ଝରଣା ଓ ପୋତି ହୋଇଯାଇଥିବା ପୁରାତନ କେନାଲଗୁଡ଼ିକର ପୁନରୁଦ୍ଧାର କରିବା, ଚାଷୀଙ୍କ ନାମ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀକରଣ କରିବା ଓ ମଣ୍ଡିଗୁଡ଼ିକରେ କଟନୀ ଛଟନୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ସରକାରୀ ସ୍ତରରେ ତଦନ୍ତ କରି ଭାଗଚାଷୀଙ୍କୁ ନାମ ପଞ୍ଜୀକରଣ ସୁଯୋଗ ଦେବା, ଚାଷଜମିର କିସମ ପରିବର୍ତ୍ତନ ବନ୍ଦ କରିବା, ଗୋଚରଗୁଡ଼ିକର ସୁରକ୍ଷା କରିବା, କୃଷକମାନଙ୍କ ଋଣ ସୁଧ ଛାଡ଼ କରିବା, ପ୍ରତି ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା, ସମସ୍ତ ସମବାୟ ସମିତିକୁ କୃଷିଋଣ ଦେବା ପାଇଁ ଯୋଗ୍ୟ କରିବା ଇତ୍ୟାଦି ଦାବିଗୁଡ଼ିକ ପୂରଣ କରିବା ଦିଗରେ ସଂଗଠନ ଓ ଆନ୍ଦୋଳନ କରିବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ସେହିପରି ହାତୀ, ବାରହା ଓ ମାଙ୍କଡ଼ଙ୍କ କବଳରୁ ଫସଲକୁ ସୁରକ୍ଷା ଦାବିକୁ ସର୍ବାଧିକ ଅଗ୍ରାଧିକାର ଦେଇ ଆନ୍ଦୋଳନ କରିବାକୁ ସ୍ଥିର କରାଯାଇଛି। ଆଗାମୀ ୩ ବର୍ଷ ପାଇଁ ଜିଲ୍ଲା ସଂଗଠନ ଓ ଆନ୍ଦୋଳନକୁ ପରିଚାଳନା କରିବା ପାଇଁ ଏକ ୧୧ଜଣିଆ ଜିଲ୍ଲା କମିଟିରେ ଆଗାମୀ ନେତୃତ୍ୱ ପାଇଁ ୪ଟି ପଦବୀ ଖାଲି ରଖାଯାଇ ୭ ଜଣଙ୍କୁ ଚୟନ କରାଯାଇଛି। କମିଟିରେ ସଭାପତି ଭାବେ ବିନୋଦ କୁମାର ସାହୁ, ଉପସଭାପତି ଚନ୍ଦ୍ରଶେଖର ସାହୁ, ସମ୍ପାଦକ ସରୋଜ କୁମାର ଶତପଥୀ, ସହ ସମ୍ପାଦକ ସମୀର କୁମାର ପାଣି, ଅଭିନୟ ରାଉତ, ଶ୍ରୀଧର ମଲ୍ଲିକ, ସର୍ବଜ୍ଞ ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଛି। ନଭେମ୍ବର ୨୬ରେ କୃଷକମାନଙ୍କ ଫସଲକୁ ବନ୍ୟଜନ୍ତୁଙ୍କ କବଳରୁ ସୁରକ୍ଷା ପାଇଁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି।

## ଢେଙ୍କାନାଳ ଜିଲ୍ଲାର ୨୮ ବିଦ୍ୟାଳୟକୁ ହେଲ୍ପ ୨.୦

# ୬ଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଦିଆଯିବ ପ୍ରତିକାରମୂଳକ ଶିକ୍ଷଣ




କଙ୍କଡ଼ାହାଡ଼, ୧୬ ।୧୦(ସମିସ)

ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ-୨୦୨୪ର ରିପୋର୍ଟ ଅନୁସାରେ ପ୍ରସ୍ତୁତି ସ୍ତରର ଛାତ୍ରଛାତ୍ରୀଙ୍କ ଉପଲବ୍ଧି ସ୍ତର ସନ୍ତୋଷଜନକ ନୁହେଁ। ପରଖରେ ଜିଲ୍ଲାର ୪୪ଟି ବିଭିନ୍ନ ବିଦ୍ୟାଳୟ ଭାଗନେଇଥିବା ବେଳେ ହେଲ୍ପ-୨.୦ରେ କେବଳ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୨୮ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ଏହି ପ୍ରତିକାରମୂଳକ ଶିକ୍ଷଣ ଦିଆଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏଥିଲାଗି ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ୱାଗତିକା ସ୍ୱାଇଁ କାର୍ଯ୍ୟକ୍ରମର ରୂପରେଖ, ଅଂଶୀଦାରୀଙ୍କ ଭୂମିକା, ପୂର୍ବ ଓ ପର ପରୀକ୍ଷଣ, ସାଧନ ଓ ସାମଗ୍ରୀ ପ୍ରସ୍ତୁତି, ରିପୋର୍ଟ କାର୍ଡ ପ୍ରକାଶନ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏଥିଲାଗି ଜିଲ୍ଲା ସ୍ତରରେ ଦୁଇଦିନିଆ କର୍ମଶାଳା ମାଧମରେ ସାଧନ ଚୟନ ଓ ପ୍ରସ୍ତୁତି କରାଯିବା ସହ ସେହି ନିର୍ଦ୍ଦିଷ୍ଟ ବିଦ୍ୟାଳୟଗୁଡ଼ିକରେ ଶିକ୍ଷଣ କାର୍ଯ୍ୟଗୁଡ଼ିକୁ ପିଲାଙ୍କ ଦ୍ୱାରା ଅଭ୍ୟାସ କରାଯିବ। ନମୁନାରେ ସ୍ଥାନ ପାଇଥିବା ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆରସିସି ଓ ଡିଆଇଇଟି ବ୍ଲକ ସଂଯୋଜକ ତଦାରଖ କରିବା ସହ ଶିକ୍ଷକମାନଙ୍କୁ ସହାୟତା କରିବେ। ସେହିପରି ଆଜି ପୂର୍ବାହ୍ନରେ ନମୁନା ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକ ଓ ସମ୍ପୃକ୍ତ ସିଆରସିସିଙ୍କୁ

- ଖେଳ, ନାଚ, ଗୀତ ଓ ଅନୁଭୂତି ଆଧାରିତ ପାଠପଢ଼ାକୁ ଗୁରୁତ୍ୱ
- ଡିଆଇଇଟି ସିଆରସି ଲିଙ୍କେଜ ଜରିଆରେ ଅଭିନବ କାର୍ଯ୍ୟକ୍ରମ

ଆଭାସୀ ମଞ୍ଚରେ ତାଲିମ ଦେବା ସହ ବିଷୟ ଶିକ୍ଷକମାନଙ୍କ ସହଯୋଗ କାମନା କରାଯାଇଥିଲା। ଏହି ପ୍ରତିକାରମୂଳକ ଶିକ୍ଷଣ ଡିଆଇଇଟି ସିଆରସି ଲିଙ୍କେଜ ମାଧମରେ ହାତକୁ ନିଆଯିବା ଲାଗି ନିଷ୍ପତ୍ତି ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳେଇ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଡିଆଇଇଟିର ବ୍ଲକ ସଂଯୋଜକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଛୋଟନାଥପୁର ଗାଁକୁ ନାହିଁ ପକ୍କା ରାସ୍ତା

# ରାସ୍ତା ନ ହେଲେ ଆନ୍ଦୋଳନ ଚେତାବନୀ

ଆଳି,୧୬।୧୦(ସମିସ):



ଆଳି ବ୍ଲକ୍ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାଠାରୁ ନିଆଳ ପଞ୍ଚାୟତ ଛୋଟନାଥପୁର ଶାସନ ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ୫ ଶହ ମିଟରର ଏହି ରାସ୍ତା ପକ୍କା ହୋଇ ନ ଥିବାରୁ ଲୋକେ ବର୍ଷା ହେଲେ ଆଣ୍ଠୁଏ ପାଣି ଓ କାଦୁଅରେ ଯାତାୟତ କରୁଛନ୍ତି। ଏହି ରାସ୍ତା ଉପରେ ୫ଟି ଗ୍ରାମ ଛୋଟନାଥପୁର ଶାସନ, ଗୋପାଳରାୟପୁର ଶାସନ, ଶିଳାସ୍ତମ୍ଭ, ରାଧାନଗର, ବେଲସରପୁରର ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଲୋକେ ନିର୍ଭରଶୀଳ। ତତସହିତ ଦୈନିକ ଏହି ରାସ୍ତା ଦେଇ ଶତାଧିକ ମାଲବାହୀ ଗାଡ଼ି, ଯାତ୍ରୀବାହୀ ଗାଡ଼ି, କୁନି କୁନି ପିଲାଙ୍କୁ ନେଇ ଯାଉଥିବା ବିଦ୍ୟାଳୟ ଗାଡି ସହ ଛାତ୍ରଛାତ୍ରୀ ସ୍କୁଲ କଲେଜ, ସାଧାରଣ ଲୋକେ ବଜାର ହାଟକୁ ଯିବା ପାଇଁ ହଇରାଣ ହରକତ ହେଉଛନ୍ତି।

ଏହି ରାସ୍ତା ପାଶ୍ୱର୍ରେ ରାମେଶ୍ୱର ନିଆଳ ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟକୁ ଆଳି ବ୍ଲକ୍‌ର କଳଦିଆ, ଦଶିପୁର, ମେଣ୍ଢପୁର, ଶାଳିଅଞ୍ଚ, ନିଆଳ ସହିତ ଉପରୋକ୍ତ ୫ଟି ଗ୍ରାମ ଓ ଆଖପାଖ ଗ୍ରାମର ଶତାଧିକ ପିଲା ପାଠ ପଢିବାକୁ ଆସିଥା'ନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ସମସ୍ତ ପିଲା ଏହି ଶୋଚନୀୟ ରାସ୍ତା ମଧ୍ୟଦେଇ ଏହି ବିଦ୍ୟାଳୟକୁ ଆସିଥା'ନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ପ୍ରଶାସନର ଅବହେଳା ଯୋଗୁଁ ବର୍ଷାଋତୁ ଆସିବା ପରେ ପ୍ରତିବର୍ଷ ଏହି ରାସ୍ତାରେ କିଛି ମାଟି ଓ ମହରମ ପକାଯାଇ ମରାମତି ହେବା ସହ ନେଉଟିଆ ଶାଗ କିଆରୀରୁ ଶାଗ ତୋଳିଲା ପରି ଠିକାଦାର ସରକାରୀ ଅର୍ଥ ଆତ୍ମସାତ କରନ୍ତି। ଏ ନେଇ ଉପରୋକ୍ତ ଗ୍ରାମବାସୀ ବାରମ୍ବାର ପଞ୍ଚାୟତଠାରୁ ଆରମ୍ଭ କରି ବିଡିଓ, ତହସିଲଦାର ଓ ବ୍ଲକ୍ ପ୍ରଶାସନକୁ ଗୁହାରି କଲେ ମଧ୍ୟ କେହି ଶୁଣୁନାହାନ୍ତି। ଫଳରେ ସେମାନେ ଆଜି ଏକାଠି ହୋଇ ଏହି ସମସ୍ୟା ବିରୁଦ୍ଧରେ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ଯଦି ଶୀଘ୍ର ଏହାର ସମାଧାନ ନ ହୁଏ, ତେବେ ଗ୍ରାମବାସୀ କ୍ଷେତ୍ରବାସୀ ମିଶ୍ର, ନିରଞ୍ଜନ ମିଶ୍ର, ସୁବାସ ଚନ୍ଦ୍ର ଷଡ଼ଙ୍ଗୀ, କ୍ଷେତ୍ରବାସୀ ମହାପାତ୍ର, ପ୍ରତାପ ପାଣି, ବିରଞ୍ଚି ନାରାୟଣ ଷଡ଼ଙ୍ଗୀ, ଚନ୍ଦ୍ରକାନ୍ତ ଷଡ଼ଙ୍ଗୀ, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, କଳ୍ପତରୁ ଷଡ଼ଙ୍ଗୀ, ଶଶୀକାନ୍ତ ନନ୍ଦ, ନୃସିଂହ ଷଡ଼ଙ୍ଗୀ, ସୌମ୍ୟରଞ୍ଜନ ପାଣି ପ୍ରମୁଖ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଏ ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସେ ଏ ସମସ୍ୟା ନେଇ କିଛିଦିନ ତଳେ ଅଭିଯୋଗ ପାଇଛନ୍ତି। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ।

## କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପକ୍ଷରୁ ବର୍ଣ୍ଣବୋଧ ବଣ୍ଟନ



ପଟ୍ଟାମୁଣ୍ଡାଇ,୧୬।୧୦(ସମିସ): ଠାକୁରପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ନଳଢଳିଆ ପ୍ରାଥମିକ ବିଦ୍ୟାଳୟରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ପକ୍ଷରୁ ବର୍ଣ୍ଣବୋଧ ଶିକ୍ଷାର ପ୍ରସାର ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ "ବର୍ଣ୍ଣବୋଧ ବଣ୍ଟନ' ଅଭିଯାନ ଆୟୋଜିତ ହୋଇଯାଇଛି। ସଭାପତି ଆଡଭୋକେଟ ଧୀରେନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ଆଦିତ୍ୟ ନାରାୟଣ ପ୍ରଧାନ ମୁଖ୍ୟଅତିଥି, ବରିଷ୍ଠ ଶିକ୍ଷାବିତ ବିଜୟ ରାଉତ ମୁଖ୍ୟବକ୍ତା, ସିଆରସିସି ସଙ୍ଘମିତ୍ରା ନାୟକ ଓ ଯୁବ ପ୍ରତିଭା ସମୀର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ପୁସ୍ତକର ବଣ୍ଟନ ଏକ ସମୟୋପଯୋଗୀ ନିଷ୍ପତ୍ତି ବୋଲି ପ୍ରକାଶ କରିଥିଲେ। ସରକାରୀ ସ୍ତରରେ ବର୍ଣ୍ଣବୋଧ ପଠନକୁ ବାଧ୍ୟତାମୂଳକ କରାଯିବାକୁ ଅତିଥିମାନେ ସରକାରଙ୍କୁ ନିବେଦନ କରିଥିଲେ। ଠାକୁରପାଟଣା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ସାହୁ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜିତ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନଳଢଳିଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶୁକଦେବ ସେଠୀ, ସହକାରୀ ଶିକ୍ଷୟିତ୍ରୀ ମାନସୀରାଣୀ ତରାଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟବାନ ଜେନା ଓ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ପ୍ରତିଷ୍ଠାତା ସୁଶ୍ରୀକାନ୍ତ ପରିଡା ପ୍ରମୁଖ ପରିଚାଳନା କରିଥିଲେ।

## ପୂର୍ବତନ ରାଷ୍ଟ୍ରପତି ଡ. କଲାମଙ୍କ ଜୟନ୍ତୀ

କେନ୍ଦ୍ରାପଡା,୧୬।୧୦(ସମିସ): ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ଭାରତରତ୍ନ ଡ. ଏ. ପି.ଜେ. ଅବଦୁଲ କଲାମ ସ୍ମୃତି କମିଟି ତରଫରୁ ପୂର୍ବତନ ରାଷ୍ଟ୍ରପତି ଡ. କଲାମଙ୍କ ୯୪ତମ ଜୟନ୍ତୀ ପାଳନ କରାଯାଇଥିଲା। ମେଡିକାଲ ରୋଡରେ ଥିବା କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ଜେନା ଅଧ୍ୟକ୍ଷତା କରିଥିଲେ। ସାମରିକ କ୍ଷେତ୍ରରେ ଭାରତରକୁ ଶକ୍ତିଶାଳୀ କରିବାରେ କଲାମଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭାରେ ସ୍ମୃତି କମିଟିର ଆବାହକ ହେମନ୍ତ ଜେନା, ରବୀନ୍ଦ୍ର ନାଥ ରଥ, ଗୋପିନାଥ ବାରିକ, କାଶୀନାଥ ରାଉତରାୟ, ହିରଣ୍ୟ ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ।



## ପଞ୍ଚାୟତସମିତି କାର୍ଯ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



ଆଳି,୧୬।୧୦(ସମିସ): ଆଳି ବ୍ଲକ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବରିଷ୍ଠ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଅନ୍ନପୂର୍ଣ୍ଣା ଭୋଇପାଇ, ଏବିଡିଓ ସୁମନ୍ତ ବେହୁରା, ବରିଷ୍ଠ ସହକାରୀ ନିର୍ବାହୀ ଯନ୍ତ୍ରୀ ମିହିର ଦାସଙ୍କ ସହ ବିଷ୍ଣୁପ୍ରସାଦ ସାହୁ, ସୌମ୍ୟରଞ୍ଜନ ସାହୁ, ପ୍ରକାଶ ସାମଲ, ଲୋପାମୁଦ୍ରା ବେହେରା, ସୁଭଦର୍ଶିନୀ ସାହୁ ପ୍ରମୁଖ ଯୋଗଦେଇ ଶ୍ରୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ରାଜକନିକା ମଣ୍ଡଳସ୍ତରୀୟ ବିଜ୍ଞାନ ସେମିନାର



ରାକକନିକା,୧୬।୧୦(ସମିସ): ରାଜକନିକା ମଣ୍ଡଳସ୍ତରୀୟ ବିଜ୍ଞାନ ସେମିନାର ଜୟନଗର ପଞ୍ଚାୟତ ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାରରେ ବ୍ଲକ୍‌ର ୩୫ଟି ଉଚ୍ଚବିଦ୍ୟାଳୟରୁ ୩୫ ଜଣ ପ୍ରତିଯୋଗୀ ଯୋଗଦେଇ "କ୍ୱାଣ୍ଟମ ତତ୍ତ୍ୱ: ସମ୍ଭାବନା ଓ ଆହ୍ୱାନ' ସନ୍ଦର୍ଭ ଉପରେ ନିଜର ଅଭିଭାଷଣ ରଖିଥିଲେ। ରାଜକନିକା ମଣ୍ଡଳ ବିଜ୍ଞାନ ସଂଯୋଜକ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଜ୍ଞାନ ସମିତି ସଭାପତି ସଞ୍ଜୟ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପିକା ଡକ୍ଟର ମିଥିଳା ଦାସ ଯୋଗଦେଇ କ୍ୱାଣ୍ଟମ ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡକ୍ଟର ଫକୀର ପ୍ରଧାନ, ସମ୍ମାନିତ ଅତିଥିଭ ମଣ୍ଡଳ ସହ ଶିକ୍ଷାଧିକାରୀ କୈଳାସ ସାହୁ, ନୋଡାଲ ପ୍ରଧାନଶିକ୍ଷକ ଧର୍ମଜ୍ୟୋତି ରାଉତ ଯୋଗଦେଇ କ୍ୱାଣ୍ଟମ ବିଜ୍ଞାନ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ରତିକାନ୍ତ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସେମିନାରରେ ପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟ ଛାତ୍ରୀ ସ୍ୱୟଂପ୍ରଜ୍ଞା ଦାସ, ଓଳାଭର ନୋଡାଲ ହାଇସ୍କୁଲ ଛାତ୍ର ପ୍ରଭୁପାଦ ପାର୍ଥସାରଥୀ ପତ୍ର ଓ ଉତ୍କଳମଣି ନୋଡାଲ ବିଦ୍ୟାପୀଠ ଡାଳିକାଏନ୍ଦାର ଛାତ୍ରୀ ଅର୍ପିତା ମହାନ୍ତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ଓ ପ୍ରମାଣପତ୍ର ଗ୍ରହଣ କରିଥିଲେ।

## 'କ୍ୱାଣ୍ଟମ ଟେକ୍ନୋଲେଜି ସମ୍ଭାବନା ଓ ଆହ୍ୱାନ' ଆଲୋଚନାଚକ୍ର

ମାର୍ଶାଘାଇ,୧୬।୧୦(ସମିସ): ଅଙ୍ଗୁଳାଇ ମଧୁସାଗର ବିଦ୍ୟାପୀଠରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଗୋପୀନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ଜିଲ୍ଲା ଓଷ୍ଟା ସମ୍ପାଦକ ଭଗବାନ ସାହୁ, ଗରଜଙ୍ଗା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ ସ୍ୱାଇଁ, ମଧୁସାଗର ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତିଭା ବିକାଶ ଦିଗରେ ବିଜ୍ଞାନ ଆଲୋଚନାଚକ୍ର ଗୁରୁତ୍ୱ ବହନ କରୁଥିବା ମତ ରଖିଥିଲେ। "କ୍ୱାଣ୍ଟମ ଯୁଗର ଆରମ୍ଭ, ସମ୍ଭାବନା ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ୨୭ଟି ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଦ୍ଧ ବାରିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗୀରଥି ମହାନ୍ତି ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ମଧୁସାଗର ବିଦ୍ୟାପୀଠର ମିତାଲି ପଲାଇ ପ୍ରଥମ, ମାଣିକପୁର ଉଚ୍ଚବିଦ୍ୟାଳୟର ପ୍ରତୀକ୍ଷା ବେହେରା ଦ୍ୱିତୀୟ, ଏମ୍‌ଏନ୍ ହାଇସ୍କୁଲର ମେଘନା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଲାଭ କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରସନ୍ନ ପରିଡ଼ା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ଡେରାବିଶ, ୧୬।୧୦(ସମିସ): ଡେରାବିଶ ବ୍ଲକ କୁରୁଜଙ୍ଗା ପଂଚାୟତ ଅନ୍ତର୍ଗତ ମନ୍ତ୍ରୀପଡ଼ାର ମଦନମୋହନ ପ୍ରାଇମେରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ କନକଲତା ପୃଷ୍ଟିଙ୍କ ଯୋଗଦାନ ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କୁରୁଜଙ୍ଗା ସରପଞ୍ଚ ମିନତୀ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଶ୍ରୀମତୀ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ଦାସ, ମୋ ସ୍କୁଲ ଅଭିଯାନର ସଭାପତି ହୃଷିକେଶ ଦାସ, ପରିଚାଳନା କମିଟି ସଦସ୍ୟ କମଳଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ କନକଲତା ପୃଷ୍ଟି ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷୟିତ୍ରୀ ମନୋରମା ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ଥେରାପି କେନ୍ଦ୍ର ପାଇଁ ଦାନ

କେନ୍ଦ୍ରାପଡ଼ା,୧୬।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଥେରାପି ସେବା, ଭିନ୍ନକ୍ଷମଙ୍କ ଅଧିକାର ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମ ଶିଶୁଙ୍କ ଥେରାପି ସେବା ନିମନ୍ତେ ଏକ ନୂତନ ଥେରାପି କେନ୍ଦ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି। କେନ୍ଦ୍ରାପଡ଼ା ସହରର ସ୍ଥାନୀୟ ମାଧପୁରସ୍ଥିତ ଅମରଉଦ୍ୟାନ ମଣ୍ଡପ ପ୍ରଥମ ମହଲାରେ ଖୁବ୍‌ଶୀଘ୍ର ଏହି ବୃହତ୍ ଏକକ କେନ୍ଦ୍ରର ଶୁଭାରମ୍ଭ କରାଯିବ। ଏହି ଅତ୍ୟାଧୁନିକ କେନ୍ଦ୍ର ନିମନ୍ତେ ଆବଶ୍ୟକ ପଡୁଥିବା ଥେରାପି ଉପକରଣ କ୍ରୟ ନିମନ୍ତେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଏକଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଏହି ଉପକରଣ ବ୍ୟବହାର ଦ୍ୱାରା ବିଶେଷ କରି ମସ୍ତିଷ୍କ ପକ୍ଷାଘାତ, ଅଟିଜିମ୍ ପୀଡିତ, ବିକାଶ ବାଧିତ ଓ ଚଳନଶକ୍ତି ବାଧିତ ଶିଶୁ ଥେରାପି ଗ୍ରହଣ ପ୍ରକ୍ରିୟାରେ ବିଶେଷ ଭାବେ ଉପକୃତ ହୋଇ ପାରିବେ। ପୁନର୍ବାସ କାର୍ଯ୍ୟାଳୟରେ ଅନୁଷ୍ଠାନର କୋଷାଧକ୍ଷ ଶିବ ଚରଣ ସାମଲଙ୍କୁ ଚେକ୍ ମାଧ୍ୟମରେ ସେ ଏହି ଅର୍ଥରାଶି ପ୍ରଦାନ କରିଛନ୍ତି। ଏହି ଆର୍ଥିକ ଅନୁଦାନ ପ୍ରଦାନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସହ ସମ୍ପାଦକ ବଂଶୀଧର ମହାନ୍ତି ଓ ଉପ ସଭାପତି ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମଣ୍ଡଳସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



ଡେରାବିଶ,୧୬।୧୦(ସମିସ): ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଳ ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷା ମଣ୍ଡଳସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଓ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଡେରାବିଶ ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଓ ସଚିକାନ୍ତ ମିଶ୍ର, ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ଡ. କାନନବାଳା ନାୟକ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଶରତ ଜେନା, ବ୍ଲକ୍ ବିଜ୍ଞାନ ସଂଯୋଜକ ମନୋରଞ୍ଜନ ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦ଟି ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପବିତ୍ର ନନ୍ଦ ଓ ଶିଶିର ଷଡ଼ଙ୍ଗୀ, ଶିକ୍ଷକ ରାଜେନ୍ଦ୍ର ମିଶ୍ର ଓ ରବୀନ୍ଦ୍ର ସ୍ୱାଇଁ ବିଚାରକ ଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ବିଜ୍ଞାନ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ ଉତ୍ସବରେ ଭାଗ ନେବାକୁ ବିଚାରକ ବ୍ଲକସ୍ତରରୁ ଛାତ୍ରଛାତ୍ରୀଙ୍କୁ ମନୋନୀତ କରିଥିଲେ। କୁରୁଜଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ର ଉଦୀପତୋଷ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରକୁ ମନୋନୀତ ହୋଇଥିଲେ। ଉଭୟ ଅଧିବେଶନରେ ମୁଣ୍ଡାଳ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ସଭାପତିତ୍ୱ କରିଥିବାବେଳେ ସିଆରସିସି ପ୍ରଶାନ୍ତ ଶତପଥି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ରଘୁନାଥ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତାପ ଶତପଥି, ମୁଣ୍ଡାଳ ବାଳିକା ଉଚ୍ଚବିଦ୍ୟାଳୟ ଶିକ୍ଷକ ଲୋକନାଥ ମିଶ୍ର, ଅଶୋକ ଲେଙ୍କା, ଗୟାଧର ସାହୁ, ପ୍ରଦୀପ ଶତପଥି, ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ନାୟକ, ପଙ୍କଜିନୀ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## ନେତାଜୀ କପ୍ ଲୋଗୋ ଉନ୍ମୋଚିତ

ଆଳି, ୧୬।୧୦(ସମିସ): ନେତାଜୀ କ୍ଲବ୍ ପକ୍ଷରୁ ଆସନ୍ତା ୨୨ ତାରିଖରୁ ରାଜ୍ୟସ୍ତରୀୟ ନେତାଜୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଆଜି କ୍ଲବ୍ ପରିସରରେ ଟୁର୍ଣ୍ଣାମେଣ୍ଟର ଲୋଗୋ ଉନ୍ମୋଚନ କରାଯାଇଛି। ସଭାପତି ବନଜ ବାରିକ, କୋଚ୍ ଶିବପ୍ରସାଦ ମଲ୍ଲିକ ଓ ଦେବାଶିଷ ନାୟକ, ମ୍ୟାନେଜର, କର୍ପୋରେଟ ବ୍ୟାପାର, ଟାଟା ଷ୍ଟିଲଙ୍କ ଦ୍ୱାରା ମିଳିତ ଭାବେ ଲୋଗୋ ଉନ୍ମୋଚନ କରାଯାଇଛି। ସମ୍ପାଦକ ପ୍ରଜ୍ଞାଜିତ ନାୟକ କହିଛନ୍ତି, ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବଛା ବଛା ୧୦ଟି ଦଳ ଭାଗ ନେବେ। ଏହା ୨୨ ଓ ୨୩ ତାରିଖ ଦୁଇଦିନ ଧରି ନେତାଜୀ ମିନି ଷ୍ଟାଡିୟମରେ ଆୟୋଜିତ ହେବ। ଏହା ପୂର୍ବରୁ ୨୧ ତାରିଖ ଦିନ ଟ୍ରଫି ଉନ୍ମୋଚନ କରାଯିବ। ମୁଖ୍ୟଅତିଥି ଭାବେ ଡକ୍ଟର ଦେବସ୍ମିତା ଶର୍ମା ଯୋଗଦେବେ।

Netaji Cup 2025 Football Tournament

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଫୁଟବଲ ଆସୋସିଏସନ ସଭାପତି ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି, ଓଡ଼ିଆ ସିନେ ତାରକା ସିଦ୍ଧାନ୍ତ ମହାପାତ୍ର, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ଓଡ଼ିଶା ଫୁଟବଲ ଆସୋସିଏସନର କୋଚ୍ ଅକ୍ଷୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେବେ।

## ରାଜକନିକା ଶିକ୍ଷା ବିଭାଗର ବଢୁଛି ଗାମୁଛା ଟ୍ରେଣ୍ଡ



ରାଜକନିକା, ୧୬।୧୦(ସମିସ): ରାଜକନିକା ବ୍ଲକ୍ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ଏବେ ଦେଖୁବାକୁ ମିଳିଛି ଗାମୁଛା ଟ୍ରେଣ୍ଡ। ସ୍ଥିତି ଏମିତି ହୋଇଛି ଯେ ସ୍କୁଲ ହେଉ କି ବ୍ଲକ ଶିକ୍ଷା ବିଭାଗର ଯେକୌଣସି ଟ୍ରେନିଂ ଓ ବୈଠକ, ଏବେ ସବୁଠି ତଥାକଥିତ ଅତିଥି ହୁଅନ୍ତୁ କିମ୍ବା ଶିକ୍ଷକ ବା ଶିକ୍ଷା ବିଭାଗ ଅଧିକାରୀ ସମସ୍ତଙ୍କ ବେକରେ ଗାମୁଛା ପକାଯାଉଛି। ଏଭଳି ନଗ୍ନ ପ୍ରତିଯୋଗିତା ସବୁଠି ଛାଇଗଲାଣି। ଏ ସମ୍ପର୍କରେ ବିଭିନ୍ନ ସମୟରେ ଏଭଳି ଭାବେ ଗାମୁଛାର ବ୍ୟବହାର କ'ଣ ପାଇଁ କରାଯାଉଛି, ସେ କଥା ପଚାରିବାରେ ସେମିତି କୌଣସି ସନ୍ତୋଷଜନକ ଉତ୍ତର ମିଳିନାହିଁ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ରାଜନୈତିକ ଦଳର ଶୁଭ ଦୃଷ୍ଟିରେ ରହିବାକୁ ଆୟୋଜକ ଶିକ୍ଷକ ବା ସମ୍ପୃକ୍ତ କ୍ଲଷ୍ଟରର କେତେକ ସିଆରସିସି, ପ୍ରଧାନଶିକ୍ଷକ ଏସବୁ ଦଳର ପତାକା ରଙ୍ଗର ଗାମୁଛା ରଙ୍ଗ ଚୟନ କରି ସଭାକୁ ସେ ରଙ୍ଗରେ ରଙ୍ଗାୟିତ କରିବା ପ୍ରତିଯୋଗିତା ଶିକ୍ଷାପ୍ରେମୀଙ୍କୁ ବ୍ୟଥିତ କରୁଛି। ଅନାବଶ୍ୟକ ଭାବେ ଯେକୌଣସି କାର୍ଯ୍ୟକ୍ରମରେ ଗାମୁଛାର ବାଧ୍ୟତାମୂଳକ ବ୍ୟବହାର କେତେକ ଆୟୋଜକଙ୍କୁ ଅଡୁଆରେ ପକାଉଥିଲେ ହେଁ ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀଙ୍କ ଗାମୁଛା ମୋହ ଯୋଗୁଁ ତୁନି ରହି ଗାମୁଛା କିଣି ଅତିଥିଙ୍କୁ ଆପ୍ୟାୟିତ କରିବା ଧାରା ଏବେ ଧରାବନ୍ଧା ନିୟମରେ ପରିଣତ ହେଲାଣି। ଏ ସମ୍ପର୍କରେ ରାଜକନିକା ଶିକ୍ଷା କାର୍ଯ୍ୟାଳୟର ବିଆରସିସି କୈଳାସ ସାହୁଙ୍କୁ ପଚାରିବାରୁ ସେ ଏଭଳି ଏକ ଟ୍ରେଣ୍ଡ ବନ୍ଦ ହେବା ଦରକାର ବୋଲି ମତ ଦେଇଥିଲେ।

## ଶିକ୍ଷାବିତ ତ୍ରୈଲୌକ୍ୟନାଥ ପତିଙ୍କ ସ୍ମୃତିଚାରଣ

ଗୋବିନ୍ଦପୁର,୧୬ ।୧୦(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ଦେସାହି ଗ୍ରାମର ଶିକ୍ଷାବିତ ତ୍ରୈଲୋକ୍ୟ ନାଥ ପତିଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ସମିତି ସଭ୍ୟ ସନ୍ତୋଷ ବେହୁରିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରାକ୍ତନ ଶିକ୍ଷା ନିରୀକ୍ଷକ ନରହରି ପାତ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମହେଶ୍ୱର ନନ୍ଦ, ନାଗରିକ ମଞ୍ଚ ସଭାପତି ଧନେଶ୍ୱର ରାଉତ, ଶିକ୍ଷାବିତ୍ ଦାମୋଦର ବେହେରା, ସମାଜସେବୀ ପଦ୍ମାକର ଗୁରୁ, କବି ଗୋବିନ୍ଦ ନନ୍ଦ, ବନମାଳି ପତି, କରୁଣାକର ସାମଲ, ରାମଚନ୍ଦ୍ର ସାହାଣୀ, ସୁବାସ ସାହାଣୀ, ଶିକ୍ଷାବିତ ଗଦାଧର ପଡ଼ିହାରୀ, ଯଶୋବନ୍ତ ବିଶ୍ୱାଳ, ଶିଶିର ଦାସ, ବିଷ୍ଣୁଚରଣ ସାହାଣୀ, ଭବ ବିରଞ୍ଚି ନାରାୟଣ ମହାନ୍ତି, ଶିକ୍ଷକ କମଳାକାନ୍ତ ମହାଳିକ, ଶ୍ୟାମସୁନ୍ଦର ପରିଡ଼ା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ମେଘନାଥ ମହାଳିକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବନମାଳୀ ପତି ବେଦ ପାଠ କରିଥିଲେ।

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବଦଳି ନୀତି ଉଲ୍ଲଂଘନ

ରାଜକନିକା, ୧୬।୧୦ (ସମିସ): ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଅଧିକାରୀ ମାନଙ୍କ ବଦଳି ପାଇଁ ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ ୧୫ତାରିଖ ମଧ୍ୟରେ ବଦଳି ହେବାର ନିୟମ ରହିଥିବା ବେଳେ ଚଳିତ ବର୍ଷ ଏହାର ଖୋଲା ଉଲ୍ଲଙ୍ଘନ ହେବାରୁ ଅସନ୍ତୋଷ ପ୍ରକାଶ ପାଇଛି । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ୩ ଶହରୁ ଊର୍ଦ୍ଧ୍ୱର୍ ଅଧିକାରୀଙ୍କ ହଠାତ ବଦଳି ଆଦେଶ ମିଳିବା ଏବଂ ଏହି ମାସ ୧୩ ଓ ୧୪ ଦୁଇ ଦିନ ମଧ୍ୟରେ ବଦଳି ପ୍ରକ୍ରିୟା ସରିବାକୁ ଥିବା ନିର୍ଦ୍ଦେଶରେ ଗୋଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୁନଶ୍ଚ ଏହି ଅସମୟରେ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ବଦଳି ଯୋଗୁ ସେମାନଙ୍କର ପିଲା ପାଠ ପଢିବାରେ ବେଶ ଅସୁବିଧାର ସମ୍ମୁଖୀନ ହେବେ। ପୁଣି ଆଗକୁ ଥିବା ବ୍ଲକ ସ୍ତରୀୟ ଓ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଆୟୋଜନରେ ସମସ୍ୟା ଦେଖାଦେବ ବୋଲି ଜଣାପଡିଛି । ଆଦେଶର ପୁନଃ ବିଚାର କରିବାକୁ ରାଜକନିକା ଅଞ୍ଚଳର ଗୋଚାଷୀ ଦାବି କରିଛନ୍ତି।

## ବେଲାରପୁର ମାର୍କେଟ କମ୍ପ୍ଲେକ୍ସ

# ସରିଛି କାମ, ହେଉନି ଉଦ୍‌ଘାଟନ

ପଞ୍ଚୁପାଣ୍ଡବ,୧୬।୧୦(ସମିସ):



ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇ ଦୀର୍ଘଦିନ ଧରି ପଡ଼ିରହିଥିବା ଦେଖିବାକୁ ମିଳୁଛି। ଏହି ମାର୍କେଟ କମ୍ପ୍ଲେକ୍ସ କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପଞ୍ଚାୟତ ସମିତି ପକ୍ଷରୁ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିବାବେଳେ ଗୃହ ଉଦଘାଟନରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଦୀର୍ଘଦିନ ଧରି ପଡ଼ିରହିଥିବାରୁ ସାମ୍ନାରେ ପଡ଼ିଥିବା ଟାଇଲ୍ ଉପରେ ଘାସ ଉଠିଥିବା ଦେଖିବାକୁ ମିଳୁଛି। ମାର୍କେଟ କଂପ୍ଲେକ୍ସରେ ପାଞ୍ଚଟି ଗୃହ ରହିଛି। ଠିକାଦାର ବାହାର କାମ ସାରି ବିଲ୍ କରିନେଇଥିବାବେଳେ ଭିତର କାମ ବାକି ରହିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ କାମ କରୁଥିବା ଠିକାଦାରଙ୍କୁ ପଚାରିବାରୁ ଯେତିକି କାମ ହୋଇଛି ତା'ର ବିଲ ହୋଇଛି। କିନ୍ତୁ ଇଲେକ୍ଟ୍ରି କାମ ହୋଇ ନ ଥିବାରୁ ଉଦ୍‌ଘାଟନ ହୋଇପାରିନାହିଁ। ଏହା ପ୍ରଶାସନିକ ଅଧିକାରୀଙ୍କ ଅବହେଳା ନା ଠିକାଦାର ଅବହେଳା କରିଛନ୍ତି, ଏହାର ତଦନ୍ତ କରାଯାଇ ଅଧୁରା କାମ ଶୀଘ୍ର ସାରିବା ସହ ଉଦ୍‌ଘାଟନ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସକାଳ
THE SAKALA
www.sakalaepaper.com

# ଲକ୍ଷେ ଟଙ୍କା ସୁପାରି ଦେଇ ସ୍ୱାମୀକୁ ମାରିଲା ସ୍ତ୍ରୀ

**ମା'ର ମୁଖା ଖୋଲିଲା ପୁଅ**

ବାରାବାଙ୍କୀ, ୧୬।୧୦(ଏଜେନ୍ସି): ଉତ୍ତରପ୍ରଦେଶ ବାରାବାଙ୍କୀରେ ଜଣେ ମହିଳା ସୁପାରି ଦେଇ ନିଜ ସ୍ୱାମୀଙ୍କୁ ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି। ମହିଳାଙ୍କ ୮ ବର୍ଷର ପୁଅ ଏହି ହତ୍ୟାକାଣ୍ଡର ଗୁମର ଖୋଲିବା ସହ ସହ ମା'ଙ୍କ ମୁଖା ଖୋଲିଦେଇଛି। ସ୍ୱାମୀଙ୍କୁ ହତ୍ୟା କରିବାକୁ ମହିଳା ଜଣେ ଇ- ଅଟୋ ରିକ୍ସା ଡ୍ରାଇଭରକୁ ଲକ୍ଷେ ଟଙ୍କା ଦେଇଥିଲେ। କିନ୍ତୁ ୮ ବର୍ଷର ଶିଶୁ ଏହି ଅପରାଧ ଘଟଣା ପୁଲିସକୁ କହିବା ପରେ ସତ ପଦାକୁ ଆସିଛି। ଏହି ମହିଳା ହେଉଛନ୍ତି ବାରାବାଙ୍କୀ ଘୁଙ୍ଗେଟ ଅଞ୍ଚଳର ପୂଜା ଗୌତମ। ସ୍ୱାମୀ ହନୁମନ୍ତଲାଲ୍ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ବୋଲି ପୂଜା ପ୍ରଥମେ କହୁଥିଲେ। କିନ୍ତୁ ତାଙ୍କ ଉପରେ ପୁଲିସର ସନ୍ଦେହ ସୃଷ୍ଟି ହୋଇଥିଲା। ଫଳରେ ପୁଲିସ ତଦନ୍ତ ଆଗକୁ ବଢ଼ାଇବା ସହ ଅଧିକ ପଚରାଉଚରା କରିଥିଲା। ନିଜ ପୁତୁରାଙ୍କ ସହ ପୂଜାର ଅବୈଧ ସମ୍ପର୍କ ଥିଲା। ଏହା ଜଣାପଡ଼ିବା ପରେ ସ୍ୱାମୀଙ୍କ ସହ ପୂଜାଙ୍କର ଝଗଡ଼ା ହୋଇଥିଲା। ଶେଷରେ ସେ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ଲକ୍ଷ୍ନୌର ଜଣେ ଇ- ରିକ୍ସା ଅଟୋ ଡ୍ରାଇଭର କମଲେଶଙ୍କୁ ଏକ ଲକ୍ଷ ଟଙ୍କା ଦେଇଥିଲେ। ସୋମବାର ସନ୍ଧ୍ୟାରେ ଏକ ମେଳା ବୁଲିବାକୁ ଯାଇ ଫେରିବା ବେଳେ ପୂଜା କମଲେଶର ଇ- ରିକ୍ସା ବୁକ୍ କରିଥିଲେ। ଫେରିବା ବେଳେ ହନୁମନ୍ତଲାଲ୍‌ଙ୍କୁ ଲୁହା ରଡ଼ରେ ପିଟି କମଲେଶ ହତ୍ୟା କରିଥିଲେ। ଏହାକୁ ଏକ ଦୁର୍ଘଟଣା ରୂପ ଦେବାକୁ ପୂଜା ଓ କମଲେଶ ପ୍ରୟାସ କରିଥିଲେ ମଧ୍ୟ ପୁଅ ପୁଲିସକୁ ସତକଥା କହି ଦେଇଥିଲା।

# ଜାତିଗତ ଜନଗଣନାରେ ସାମିଲ ହେଲେନି ସୁଧା ମୂର୍ତ୍ତି

ବେଙ୍ଗାଲୁରୁ, ୧୬।୧୦ (ଏଜେନ୍ସି): ଇନ୍‌ଫୋସିସ ପ୍ରତିଷ୍ଠାତା ଏନଆର ନାରାୟଣ ମୂର୍ତ୍ତି ଏବଂ ତାଙ୍କ ପତ୍ନୀ ତଥା ରାଜ୍ୟସଭା ସାଂସଦ ସୁଧା ମୂର୍ତ୍ତି କର୍ଣ୍ଣାଟକରେ ଚାଲିଥିବା ଜାତିଗତ ଜନଗଣନାରେ ସାମିଲ ହେବାକୁ ମନା କରିଦେଇଛନ୍ତି। କିଛି ଦିନ ତଳେ ସର୍ଭେ ଟିମ୍ ତାଙ୍କ ଘରକୁ ଯାଇଥିଲା। ସେତେବେଳେ ସେ ନିଜ ଘରର ସର୍ବେକ୍ଷଣ କରାଇବାକୁ ମନା କରିଦେଇଥିଲେ। ରିପୋର୍ଟ ଅନୁଯାୟୀ ସର୍ବେକ୍ଷଣ ଫର୍ମ ପୂରଣ କରିବା ପରିବର୍ତ୍ତେ ସୁଧା ମୂର୍ତ୍ତି ଏକ ଘୋଷଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏଥିରେ ସୁଧା ଲେଖିଥିଲେ ଯେ ସେ କୌଣସି ପଛୁଆ ସମ୍ପ୍ରଦାୟର ନୁହଁନ୍ତି। ତେଣୁ ସେହି ସମ୍ପ୍ରଦାୟ ପାଇଁ ସରକାର କରୁଥିବା ସର୍ବେକ୍ଷଣରେ ସେ ଭାଗ ନେବେ ନାହିଁ। କିଛି ବ୍ୟକ୍ତିଗତ କାରଣ ପାଇଁ ରାଜ୍ୟର ପଛୁଆ ବର୍ଗ କମିଶନଙ୍କ ଦ୍ୱାରା ହେଉଥିବା ଏହି ସାମାଜିକ ଏବଂ ଶିକ୍ଷାଗତ ସର୍ବେକ୍ଷଣରେ ନିଜ ସୂଚନା ଦେବାକୁ ମନା କରିଦେଇଥିଲେ ବୋଲି ସୁଧା କହିଛନ୍ତି।

ଏହାକୁ ନେଇ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି ଯେ ସର୍ବେକ୍ଷଣରେ ଭାଗ ନେବା ନ ନେବା ଇଚ୍ଛାଧୀନ ପ୍ରସଙ୍ଗ। ଯଦି କେହି ସୂଚନା ଦେବାକୁ ଚାହୁଁନାହାନ୍ତି ତେବେ ତାଙ୍କୁ ଏଥିରେ ଭାଗନେବାକୁ ବାଧ କରାଯାଇପାରିବ ନାହିଁ। ସୂଚନା ଅନୁଯାୟୀ କର୍ଣ୍ଣାଟକରେ ଗତ ୨୨ ତାରିଖରେ ଜାତିଗତ ଜନଗଣନା ଆରମ୍ଭ ହୋଇଥିଲା। ଏହାର ସମୟସୀମାକୁ ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏହି ସର୍ବେକ୍ଷଣ ପାଇଁ ସରକାର ୪୨୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଏଥିପାଇଁ ମାସେ ପର୍ଯ୍ୟନ୍ତ ସ୍କୁଲ ଛୁଟି କରିଦିଆଯାଇଛି। ସରକାରୀ ଶିକ୍ଷକଙ୍କୁ ଏହି କାର୍ଯ୍ୟରେ ଲଗାଯାଇଛି।

# ଆଉ କେତେ ମିଛ କହିବେ ଟ୍ରମ୍ପ

## ରୁଷରୁ ଆଉ ତେଲ କିଣିବ ନାହିଁ ଭାରତ: ଟ୍ରମ୍ପ

## ସ୍ପଷ୍ଟ କଲା ବୈଦେଶିକ ବିଭାଗ: ଭାରତ ଏଭଳି କୌଣସି ପ୍ରତିଶ୍ରୁତି ଦେଇନି

ନୂଆଦିଲ୍ଲୀ, ୧୬।୧୦: ରୁଷ-ୟୁକ୍ରେନ ଯୁଦ୍ଧ ରୋକିବାରେ ବିଫଳ ହେବା ପରେ ବିବ୍ରତ ହୋଇପଡ଼ିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତ ସମେତ ବିଭିନ୍ନ ଦେଶ ଉପରେ ଅତ୍ୟଧିକ ଶୁଳ୍କ ଧାର୍ଯ୍ୟ କରି ବିଶ୍ୱ ଅର୍ଥନୀତିକୁ ଅସ୍ଥିର କରିଥିବା ଟ୍ରମ୍ପ ଭାରତକୁ ଟାର୍ଗେଟ କରିବାରେ ଲାଗିଛନ୍ତି। ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ବନ୍ଧୁ ବୋଲି ବର୍ଣ୍ଣନା କରୁଛନ୍ତି ଏବଂ ଅନ୍ୟପଟେ ଭାରତକୁ ଅଡୁଆରେ ପକାଇବା ଲାଗି କୌଣସି ସୁଯୋଗ ହାତଛଡ଼ା କରୁ ନାହାନ୍ତି। ପହଲଗାମ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ରୋକିବାରେ ସେ ମଧ୍ୟସ୍ଥତା କରିଥିଲେ। ତାଙ୍କର ଶୁଳ୍କ ଧମକ ଯୋଗୁଁ ଏହି ଯୁଦ୍ଧ ବନ୍ଦ ହୋଇଥିବା କହିଥିଲେ। କିନ୍ତୁ ଭାରତ ଏଭଳି ମନ୍ତବ୍ୟକୁ ଖଣ୍ଡନ କରିବା ପରେ ଟ୍ରମ୍ପ ଭାରତ ଉପରେ କ୍ଷୁବ୍ଧ ହୋଇ ଅତ୍ୟଧିକ ଶୁଳ୍କ ଲଗାଇଛନ୍ତି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଅଚଳାବସ୍ଥା ଲାଗି ରହିଥିବା ବେଳେ ଟ୍ରମ୍ପ ଆଜି ପୁଣି ଆଉ ଏକ ମିଛ କହିଛନ୍ତି। ରୁଷଠାରୁ ଭାରତ ଆଉ ତେଲ କିଣିବ ନାହିଁ, ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଏହି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ କହିଛନ୍ତି। କିନ୍ତୁ ଭାରତ ତାଙ୍କର ଏହି ମନ୍ତବ୍ୟକୁ ଖଣ୍ଡନ କରିଛି। ପ୍ରଧାନମନ୍ତ୍ରୀ ଏଭଳି କୌଣସି ମନ୍ତବ୍ୟ ଦେଇ ନାହାନ୍ତି ବୋଲି ଭାରତ ସରକାର କହିବା ପରେ ଟ୍ରମ୍ପଙ୍କ ଆଉ ଏକ ମିଛ ଧରାପଡ଼ିଛି।



ରୁଷ ତେଲକୁ ନେଇ ଭାରତ ସଂପର୍କରେ ଟ୍ରମ୍ପଙ୍କ ବିବୃତି ଉପରେ ଭାରତୀୟ ରାଜନୀତି ଆଜି ଦିନସାରା ସରଗରମ ରହିଥିଲା। ଟ୍ରମ୍ପଙ୍କ ଧମକ ଆଗରେ ସରକାର ମୁଣ୍ଡ ନୁଆଁଇଛନ୍ତି ବୋଲି କହି ବିରୋଧୀ ଦଳ ପ୍ରଧାନମନ୍ତ୍ରୀଙ୍କର ସମାଲୋଚନା କରିଥିଲେ। ରୁଷରେ ମଧ୍ୟ ଏହାକୁ ନେଇ ବିଭ୍ରାନ୍ତି ସୃଷ୍ଟି ହୋଇଥିଲା। କିନ୍ତୁ ସନ୍ଧ୍ୟାରେ ଭାରତ ସରକାର ଏକ ସ୍ପଷ୍ଟୀକରଣ ଦେବାପରେ ଏହି ବିବାଦରେ ବିରାମ ଲାଗିଛି। ଭାରତୀୟ ବୈଦେଶିକ ବିଭାଗର ମୁଖପାତ୍ର ରଣଧୀର ଜୟସ୍ୱାଲ ସ୍ପଷ୍ଟ କରିଛନ୍ତି ଯେ ରୁଷ ତେଲ ନେଇ ଟ୍ରମ୍ପଙ୍କୁ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। ଆଜି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଏସଂପର୍କରେ ଅନେକ ପ୍ରଶ୍ନ ପଚାରିଥିଲେ। ଗୋଟିଏ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ଗତକାଲି କୌଣସି ଟେଲିଫୋନ୍ ଆଲୋଚନା ହୋଇନାହିଁ। ରୁଷ ଠାରୁ ଭାରତ ତେଲ କିଣିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କେବେହେଲେ କହି ନାହାନ୍ତି। ସେ କହିଲେ ଯେ ତେଲ କିଣିବା ସମୟରେ ଭାରତୀୟ ନାଗରିକଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ। ଯେଉଁ ବଜାରରେ ତେଲ ଶସ୍ତା ମିଳିବ, ଭାରତ ସେହିଠାରୁ ହିଁ କିଣିବ ବୋଲି ସେ ପରୋକ୍ଷରେ ବୁଝାଇ ଦେଇଥିଲେ। ଏହାପୂର୍ବରୁ ଆଜି ତାଙ୍କର ଓଭାଲ ଅଫିସରେ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଥିଲେ ଯେ ରୁଷ ଠାରୁ ଭାର ତ ତେଲ କିଣୁଥିବାରୁ ସେ କ୍ଷୁବ୍ଧ ଅଛନ୍ତି। ତେବେ ଭାରତ ଏହି ତେଲ କିଣିବା ବନ୍ଦ କରିଦେବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଟିକିଏ ସମୟ ଲାଗିବ। ମୋଦୀଙ୍କ ଏହି ପ୍ରତିଶ୍ରୁତିକୁ ମୁଁ ସ୍ୱାଗତ କରୁଛି ବୋଲି ଟ୍ରମ୍ପ କହିଥିଲେ।

# କଂଗ୍ରେସ-ଆର୍‌ଜେଡି ଅଡୁଆ ଛିଡୁନି

ପାଟନା, ୧୬।୧୦ (ଏଜେନ୍ସି): ବିହାରରେ ନିର୍ବାଚନୀ ପାରା ବଢ଼ିବାରେ ଲାଗିଛି। କ୍ଷମତାସୀନ ଏନ୍‌ଡିଏ ମେଣ୍ଟ ଏବଂ ବିରୋଧୀ ଇଣ୍ଡିଆ ମେଣ୍ଟରେ ଟିକଟ ବଣ୍ଟନକୁ କଳି ଛିଡ଼ିବାର ନା ଧରୁନି। ତେବେ ବିଦ୍ରୋହ କରୁଥିବା ଏନ୍‌ଡିଏର ସହଯୋଗୀ ଦଳ ନିଜ ଆଭିମୁଖ୍ୟକୁ ନରମ କରିଛନ୍ତି। କିନ୍ତୁ ଇଣ୍ଡିଆରେ ଅଙ୍କ ଛିଡ଼ିପାରୁ ନାହିଁ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହେଉଥିବାବେଳେ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ ଏ ପର୍ଯ୍ୟନ୍ତ ଟିକଟ ବଣ୍ଟନ ଚୂଡ଼ାନ୍ତ ହୋଇନାହିଁ। ବୁଧବାର ଆରଜେଡି ନେତା ତେଜସ୍ୱୀ ଯାଦବ ଦିଲ୍ଲୀରେ ଥିଲେ ବି କଂଗ୍ରେସର ପ୍ରମୁଖ ନେତୃତ୍ୱଙ୍କୁ ଭେଟିପାରି ନ ଥିଲେ। ପରେ ସେ ଦିଲ୍ଲୀରୁ ଫେରି ରାଘୋପୁର ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କଂଗ୍ରେସ ମଧ୍ୟ ଆସନ ବୁଝାମଣା ନ କରି ପ୍ରାର୍ଥୀଙ୍କୁ ଟିକଟ ବାଣ୍ଟି ଥିଲା। ମାମଲା ଜଟିଳ ହେଉଥିବା ଦେଖି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଏହି ଅଡୁଆ ଛିଡ଼ାଇବାକୁ ଗୁରୁବାର ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ଫୋନ କରିଥିଲେ। କିନ୍ତୁ ଏହି ଚର୍ଚ୍ଚାରେ କ'ଣ ନିଷ୍ପତ୍ତି ନିଆଯାଇଥିଲା ତାହା ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ପ୍ରାର୍ଥୀପତ୍ର ଦାଖଲ କରିବାକୁ ଗୋଟିଏ ଦିନ ବାକିଥିବାବେଳେ ଆରଜେଡି ଏବଂ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ହୋଇ ନ ପାରିବା ମହାମେଣ୍ଟର ଏକତା ଉପରେ ପ୍ରଶ୍ନ ଉଠାଉଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କଂଗ୍ରେସକୁ ଦିଆଯାଇଥିବା ସିଟ୍ ଏବଂ କିଛି ମଜବୁତ କ୍ଷେତ୍ରକୁ ନେଇ ଦୁଇ ଦଳ ଭିତରେ ଅଙ୍କ ଛିଡୁନି। ପ୍ରଥମେ ୫୨ଟି ଆସନରେ ଲଢ଼ିବା ପାଇଁ ଆରଜେଡି କହିବାରୁ କଂଗ୍ରେସ ଏହାକୁ ଖାରଜ କରି ଅତିକମରେ ୬୦ ସିଟ୍ ମାଗିଥିଲା। ଏହାକୁ ନେଇ ରାଜ୍ୟସ୍ତରରେ ଆରଜେଡି ଏବଂ କଂଗ୍ରେସ ନେତାଙ୍କ ବୈଠକକୁ ମଧ୍ୟ ନିଲମ୍ବିତ କରିଦିଆଯାଇଥିଲା। ପରେ ମାମଲା ଦିଲ୍ଲୀ ଦରବାରକୁ ଯାଇଥିଲା। କିନ୍ତୁ ଏଠାରେ ବି କିଛି ନିଷ୍କର୍ଷ ବାହାରି ପାରି ନ ଥିଲା।

ପରେ କଂଗ୍ରେସକୁ ୬୧ଟି ସିଟ୍ ଦେବା ପାଇଁ ଆରଜେଡି ରାଜି ହୋଇଥିଲେ । କିନ୍ତୁ କଂଗ୍ରେସ ଚାହୁଁଥିବା କିଛି ଆସନ ଛାଡ଼ିବା ପାଇଁ ଲାଲୁଙ୍କ ଦଳ ମନା କରିଦେଇଥିଲା। ପୂର୍ବରୁ ରାହୁଲଙ୍କ ଭୋଟ ଅଧିକାର ଯାତ୍ରାର ସଫଳତା ପାଇଁ କଂଗ୍ରେସ ନିଜ ଆଭିମୁଖ୍ୟକୁ ଜୋରଦାର କରିବ ବୋଲି କୁହାଯାଉଥିଲା। କିନ୍ତୁ ଏହା ସେତେ ପ୍ରଭାବି ନ ହେବା଼ୁ ଦଳ ନରମ ଆଭିମୁଖ୍ୟ ପୋଷଣ କରିଥିଲା। ଏବେ କଂଗ୍ରେସ ୬୧ ଆସନରେ, ଆରଜେଡି ପୂର୍ବାପେକ୍ଷା କମ୍ ଆସନରେ ଲଢ଼ିବ ବୋଲି କୁହାଯାଉଛି। କିନ୍ତୁ କାହାକୁ କେତେ ଆସନ ମିଳିବ ତାହା ଆସନ ଘୋଷଣା ପରେ ହିଁ ଜଣାପଡ଼ିବ।

# ତାଲିବାନ ଆକ୍ରମଣ ପଛରେ ଭାରତ: ପାକିସ୍ତାନ

## ଭାରତ ପାଇଁ ଛାମୁଆ ଯୁଦ୍ଧ ଲଢୁଛି ତାଲିବାନ

## ଉସୁକାଇଲେ ସାମରିକ କାର୍ଯ୍ୟାନୁଷ୍ଠାନ


ଇସଲାମାବାଦ, ୧୬।୧୦ (ଏଜେନ୍ସି): ଆଫଗାନିସ୍ତାନ ସହ ସଂଘର୍ଷରେ ଲିପ୍ତ ପାକିସ୍ତାନ ଭୋକ ବିକଳରେ ତାଟିଆ କାମୁଡିବାରେ ଲାଗିଛି। ପଡୋଶୀ ଦେଶକୁ ଆତଙ୍କବାଦୀ ପଠାଇ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ ତାଲିବାନ ସହ ସଂଘର୍ଷକୁ ନେଇ ଭାରତ ଉପରେ ଦୋଷ ଲଦିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଲିବାନର ନିଷ୍ପତ୍ତି ଦିଲ୍ଲୀରେ ନିଆଯାଉଛି। ଭାରତ ପାଇଁ ଆଫଗାନିସ୍ତାନ ଛାମୁଆ ଯୁଦ୍ଧ ଲଢୁଛି। ତେଣୁ ତାଲିବାନ ସହ ହୋଇଥିବା ଅସ୍ତ୍ରବିରତି ବେଶୀ ଦିନ ତିଷ୍ଠିବା ଉପରେ ସନ୍ଦେହ ସୃଷ୍ଟି ହୋଇଛି। କାରଣ ଆଫଗାନ ତାଲିବାନକୁ ଦିଲ୍ଲୀରୁ ସହଯୋଗ ମିଳୁଛି। ଆସିଫ ଚେତାବନୀ ଦେଇ କହିଛନ୍ତି ଯେ ଯଦି ପାକିସ୍ତାନକୁ ଉସୁକାଇବେ ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜବାବ ଦେବା ପାଇଁ ପାକିସ୍ତାନ ପାଖରେ ସମ୍ପୂର୍ଣ୍ଣ କ୍ଷମତା ରହିଛି। ଯଦି ସେମାନେ ଯୁଦ୍ଧର ପରିସର ବୃଦ୍ଧି କରିବେ ତେବେ ଆମେ ଆକ୍ରମଣ କରିବୁ। ମାତ୍ର ଆଲୋଚନା ପାଇଁ ମଧ୍ୟ ପାକିସ୍ତାନ ପ୍ରସ୍ତୁତ ଅଛି।

ତାଲିବାନ ଟ୍ୟାଙ୍କ ଲୁଟିନେବା ଖବରକୁ ଆସିଫ ଅପପ୍ରଚାର ବୋଲି କହିଛନ୍ତି। ତାଲିବାନ ସଦସ୍ୟ ଯେଉଁ ମଡେଲ ଟ୍ୟାଙ୍କରେ ଯାଉଥିବା ଦେଖାଯାଉଛି ତାହା ପାକିସ୍ତାନର ନୁହେଁ। ଏହି ଟ୍ୟାଙ୍କ ସେମାନେ କେଉଁଠୁ ଆଣିଲେ ତାହା ଜଣାନାହିଁ। କେଉଁ କବାଡିବାଲାଠାରୁ ନେଇଥିବେ କିମ୍ବା ପୁରୁଣା କାଳର ଟ୍ୟାଙ୍କ ଚଲାଉ ଥିଲେ। ଜାଲ୍ ଫଟୋ କିମ୍ବା ଭିଡିଓ କରି ଜୋରସୋରରେ ପ୍ରଚାରପ୍ରସାର କରାଯାଉଛି। କାବୁଲ ପକ୍ଷରୁ କ୍ରମାଗତ ଭାବେ ମିଥ୍ୟା କୁହାଯାଉଛି। ସେମାନେ ଛାମୁଆ ଯୁଦ୍ଧ ଲଢୁଛନ୍ତି। ବିବାଦ ମଧ୍ୟରେ ଆଫଗାନିସ୍ତାନକୁ 'ଟ୍ରାଞ୍ଜିଟ ଟ୍ରେଡ' ସୁବିଧା ଉପରେ ପାକିସ୍ତାନ କଟକଣା ଲଗାଇ ଦିଆଯାଇଛି। ଏଥିଯୋଗୁଁ ବାଣିଜ୍ୟ କାରବାର ପାଇଁ ପାକିସ୍ତାନ ଜମିକୁ ଆଉ ତାଲିବାନ ବ୍ୟବହାର କରିପାରିବ ନାହିଁ। ଏହି ନିଷ୍ପତ୍ତି ପରେ କରାଚି ଏବଂ ପୋର୍ଟ କାସିମରେ ଆଫଗାନିସ୍ତାନ ଯାଉଥିବା ଅନେକ ଟ୍ରକ ଛିଡ଼ା ହୋଇ ରହିଛି। ଲୋଡ୍ ହୋଇସାରିଥିବା କଣ୍ଟେନରକୁ ମଧ୍ୟ ବନ୍ଦରରେ ଓହ୍ଲାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଆଫଗାନିସ୍ତାନରେ ସମୁଦ୍ର ନାହିଁ। ତେଣୁ ବାଣିଜ୍ୟ କାରବାର ପାଇଁ ଏହି ଦେଶ ପାକିସ୍ତାନ ଉପରେ ନିର୍ଭରଶୀଳ।

# ସିକ୍ୟୁରିଟି ଗାର୍ଡରୁ ୪୦୦ କୋଟିର ବ୍ୟବସାୟିକ ସାମ୍ରାଜ୍ୟ

ପାଟନା, ୧୬।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସବୁ ଦଳଗୁଡିକ ଏଥିପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ମଧ୍ୟ ଏଥିରେ ପଛରେ ପଡ଼ିନାହିଁ। ଏହି ପାର୍ଟି ଟିକଟରୁ ଲଢ଼ିବାକୁ ଯାଉଥିବା ଜଣେ ପ୍ରାର୍ଥୀଙ୍କ ରୋଚକ ତଥା ପ୍ରେରଣାଦାୟୀ କାହାଣୀକୁ ନେଇ ବିହାରରେ ଚର୍ଚ୍ଚା ଚାଲିଛି। ଏହି ପ୍ରାର୍ଥୀଜଣକ ହେଲେ ୩୮ ବର୍ଷୀୟ ନୀରଜ ସିଂ। ଶେଓହର ନିର୍ବାଚନ ମଣ୍ଡଳୀରୁ ସେ ଅବତୀର୍ଣ୍ଣ ହେବେ। ଜଣେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି ଆରମ୍ଭ କରିଥିବା ନୀରଜ ଏବେ ଜଣେ ସଫଳ ବ୍ୟବସାୟୀ ହୋଇପାରିଛନ୍ତି। ଏବେ ସେ ୪୦୦ କୋଟି ଟଙ୍କା ବ୍ୟବସାୟର ମାଲିକ ହୋଇଛନ୍ତି ଓ ଜଣେ ସଫଳ ବ୍ୟବସାୟୀ ଭାବେ ପରିଗଣିତ ହେଉଛନ୍ତି।

ଶେଓହର ଜିଲ୍ଲାର ମଧୁରାପୁର ଗାଁରେ ନୀରଜ ଜନ୍ମ ନେଇଥିଲେ। ଏକ ସାଧାରଣ ପରିବାରରୁ ଆସିଥିବା ନୀରଜ ୧୩ ବର୍ଷରେ ମାଟ୍ରିକ ପାସ୍ କରିଥିଲେ। ପରିବାରର ଆର୍ଥିକସ୍ଥିତ ସୁଧାରିବା ପାଇଁ ସେ ଚାକିରି ଖୋଜିବା ଆରମ୍ଭ କରିଥିଲେ। କିନ୍ତୁ ନାବାଳକ ହୋଇଥିବାରୁ ତାଙ୍କୁ କେହି ଚାକିରି ଦେଇ ନ ଥିଲେ। ଫଳରେ ସେ ନିଜ ଗାଁରେ ପେଟ୍ରୋଲ- ଡିଜେଲ ବିକ୍ରି ଆରମ୍ଭ କରିଥିଲେ। ଏହାର ୩ ବର୍ଷ ପରେ ସେ ରୋଜଗାର ପାଇଁ ଦିଲ୍ଲୀ ପହଞ୍ଚି ସେଠାରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରିଥିଲେ।



ଏହା ପରବର୍ଷ ସେ ପୁନେ ଯାଇଥିଲେ ଓ ସେଠାରେ କ ଅଫିସ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟାରମ୍ଭ କରିଥିଲେ। ନିଜର ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେ ଜଣେ ଏଚ୍ଆର ପ୍ରଫେସନାଲ ଭାବେ ନିଜର ପରିଚୟ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲେ। ୨୦୧୦ରେ ନୀରଜ ନିଜର ଶସ୍ୟ ବ୍ୟବସାୟ ଆରମ୍ଭ କରିଥିଲେ। କଠିନ ପରିଶ୍ରମ କରିବା ସହ ସେ ଏହି ବ୍ୟବସାୟକୁ ଆଗକୁ ବଢ଼ାଇଥିଲେ। ଏହା ପରେ ସେ ପଛକୁ ଚାହିଁ ନଥିଲେ। 'ଊଷା ଇଣ୍ଡଷ୍ଟ୍ରୀ' ନାମରେ ଏକ କମ୍ପାନୀ ସ୍ଥାପନ କରିଥିଲେ। ଏହି କମ୍ପାନୀରେ ସେ ଇଟା, ବିଲ୍ଡିଂ ବ୍ଲକ, ଟାଇଲ ଓ ଅନ୍ୟ ସେରାମିକ ଜିନିଷ ଉତ୍ପାଦନ କରୁଥିଲେ। ଧୀରେ ଧୀରେ ସେ ସଡ଼କ ନିର୍ମାଣ ଓ ପେଟ୍ରୋଲ ପମ୍ପ ବ୍ୟବସାୟରେ ପାଦ ଦେଇଥିଲେ। ମୋତିହାରୀସ୍ଥିତ ତାଙ୍କ କମ୍ପାନୀ ବର୍ଷକୁ ୪୦୦ କୋଟି ଟଙ୍କାର ଟର୍ଣ୍ଣ ଓଭର କରୁଛି ଓ ଏଥିରେ ୨, ୦୦୦ରୁ ଅଧିକ ଲୋକ କାର୍ଯ୍ୟ କରୁଛନ୍ତି। ଏକଦା ସାଇକେଲ ଚଢ଼ିବାକୁ ପଇସା ପାଉ ନଥିବା ନୀରଜ ଏବେ ରେଞ୍ଜ ରୋଭର କାର ଚଢୁଛନ୍ତି। ତାଙ୍କ ପାଖରେ ଅଧା ଡଜନ କାର ରହିଛି। ସେ ଏବେ ନିଜର ପିତାମାତା, ପତ୍ନୀ ଓ ଦୁଇ ପୁଅଙ୍କ ସହ ଏକାଠି ରହୁଛନ୍ତି ଓ ତାଙ୍କ ପାଖରେ ଆଇନ୍‌ର ଡିଗ୍ରୀ ରହିଛି। କେବଳ ବ୍ୟବସାୟ ନୁହଁ ସେ ସମାଜ ମଙ୍ଗଳ କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ କରିଛନ୍ତି। ସେ ଗରିବ ପରିବାରର ଝିଅମାନଙ୍କ ବିବାହ, ମାଗଣା ସ୍ୱାସ୍ଥ୍ୟ ଶିବିର, ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥଯାତ୍ରାର ବ୍ୟବସ୍ଥା କରାଇବାରେ ନିଜକୁ ନିୟୋଜିତ କରିଛନ୍ତି। ତାଙ୍କ ଉପରେ ଲୋକଙ୍କ ଆଶୀର୍ବାଦ ରହିଛି। ସେ ଆଗାମୀ ନିର୍ବାଚନରେ ବିଜୟୀ ହେବେ ବୋଲି ଆଶା କରାଯାଉଛି।

# ୫ ଲକ୍ଷ ଲାଞ୍ଚ ନେଇ ଗିରଫ ଡିଆଇଜିଙ୍କ ଘରୁ ୫ କୋଟି ଜବତ

ଅମୃତସର, ୧୬।୧୦ (ଏଜେନ୍ସି): ପାଞ୍ଚ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ପଞ୍ଜାବ ରୋପଡ ରେଞ୍ଜର ଡିଆଇଜି ହରଚରନ ସିଂହ ଭୁଲ୍ଲରଙ୍କୁ ସିବିଆଇ ଗିରଫ କରିଛି। ସେ ମଣ୍ଡି ଗୋବିନ୍ଦଗଡ଼ର ଜଣେ ସ୍କ୍ରାପ ବ୍ୟବସାୟୀଙ୍କଠୁ ଏହି ଲାଞ୍ଚ ମାଗିଥିଲେ। ବ୍ୟବସାୟୀ ଏ ନେଇ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ପରେ ଡିଆଇଜିଙ୍କୁ ଧରିବା ପାଇଁ ସିବିଆଇ ଜାଲ ବିଛାଇ ଥିଲା। ବ୍ୟବସାୟୀ ଗୁରୁବାର ଟଙ୍କା ନେଇ ମୋହାଲି ସ୍ଥିତ ଅଫିସରେ ପହଞ୍ଚି ଥିଲେ। ଏଠାରୁ ସିବିଆଇ ଭୁଲ୍ଲରଙ୍କୁ ଧରିଥିଲା। ଏହା ପରେ ଚଣ୍ଡିଗଡ଼ର ସେକ୍ଟର ୪୦ ସ୍ଥିତି ଡିଆଇଜିଙ୍କ ବାସଭବନ ଏବଂ ମୋହାଲି ଅଫିସରେ ସିବିଆଇର ୪୨ ଜଣିଆ ଟିମ୍ ଚଢ଼ଉ କରିଥିଲା। ତାଙ୍କ କୋଠାରୁ ୫ କୋଟି ଟଙ୍କା ମିଳିଛି। ୩ଟି ବ୍ୟାଗ ଏବଂ ଗୋଟିଏ ଆଟାଚରେ ଏହି ଟଙ୍କା ରଖାଯାଇଥିଲା। ଏହାକୁ ଗଣିବା ପାଇଁ ମେସିନ ମଗା ଯାଇଥିଲା। ଏହା ବ୍ୟତୀତ ବିପୁଳ ଗହଣା, ୧୫ଟି ସମ୍ପତ୍ତି ଏବଂ ବିଳାଶପୂର୍ଣ୍ଣ ଗାଡ଼ିର କାଗଜପତ୍ର ମିଳିଛି। ୨୦୦୭ ବ୍ୟାଚ୍‌ର ଏହି ଆଇପିଏସ ଅଧିକାରୀ ରୋପଡ ରେଞ୍ଜରେ କାର୍ଯ୍ୟରତ ଥିବା ସମୟରେ ଏକ ବେଆଇନ କାର୍ ବ୍ୟବସାୟ ସାମ୍ନାକୁ ଆସିଥିଲା। ଏଠାରେ ଚେଚିସ୍ ନମ୍ବର ବଦଳାଇ ସ୍କ୍ରାପ୍ ଗାଡ଼ି ବିକ୍ରି କରାଯାଉଥିଲା। ଏହି ମାମଲାକୁ ଚପାଇବା ପାଇଁ ସେ ବ୍ୟବସାୟୀଙ୍କୁ ମାସକୁ ୨ ଲକ୍ଷ ଏବଂ ପରେ ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ।

# ଚୀନ୍‌ଠାରୁ ଲଢୁଆ ଜେଟ୍ ନେବ ଇଣ୍ଡୋନେସିଆ

ଜାକର୍ତ୍ତା, ୧୬।୧୦(ଏଜେନ୍ସି): ଇଣ୍ଡୋନେସିଆ ନିଜର ସାମରିକ କ୍ଷମତା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଚୀନ୍‌ଠାରୁ ଜେ-୧୦ସି ଲଢୁଆ ବିମାନ କ୍ରୟ କରିବ ଇଣ୍ଡୋନେସିଆ। ପ୍ରଥମଥର ପାଇଁ ଇଣ୍ଡୋନେସିଆ କୌଣସି ଅଣ-ପାଶ୍ଚାତ୍ୟ ଦେଶଠାରୁ ବିମାନ କିଣିବ ବୋଲି ଇଣ୍ଡୋନେସିଆର ପ୍ରତିରକ୍ଷା ମନ୍ତ୍ରୀ ସଜଫ୍ରି ସଜମସୁଦ୍ଦିନ କହିଛନ୍ତି। ପୂର୍ବରୁ ଚୀନ୍ କେବଳ ଏହି ବିମାନ ନିଜ ପାଇଁ ନିର୍ମାଣ କରୁଥିଲା। ଏବେ କିନ୍ତୁ ଚୀନ୍ ଏହା ବିମାନକୁ ଅନ୍ୟ ଦେଶକୁ ବିକିବ। ଏହିକ୍ରମରେ ଇଣ୍ଡୋନେସିଆ ୭୫ ହଜାର କୋଟି ଟଙ୍କା ବିନିମୟରେ ମୋଟ୍ ୪୨ଟି ବିମାନ କ୍ରୟ କରିବ। ତେବେ ଏହି ବିମାନ ଚୀନ୍‌ଠାରୁ କେବେ ମିଳିବ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଏହି ବିମାନ ପାକିସ୍ତାନ ପାଖରେ ମଧ୍ୟ ରହିଛି। ଗତ ମେ'ରେ ହୋଇଥିବା ଅପରେସନ ସିନ୍ଦୂରରେ ପାକିସ୍ତାନ ଏହି ବିମାନ ଭାରତ ବିପକ୍ଷରେ ବ୍ୟବହାର କରିଥିଲା। ଇଣ୍ଡୋନେସିଆ ନିଜର ଲଢୁଆ ବିମାନଗୁଡିକୁ ଅପଗ୍ରେଡ କରାଉଛି। କେବଳ ଚୀନ୍‌ରୁ ନୁହେଁ, ଫ୍ରାନ୍ସ ଓ ତୁର୍କୀ ଭଳି ୟୁରୋପୀୟ ଦେଶଗୁଡିକ ଠାରୁ ଇଣ୍ଡୋନେସିଆ ଫାଇଟର ଜେଟ୍ କ୍ରୟ କରିବ।

# ଗୁଜରାଟର ସବୁ ମନ୍ତ୍ରୀଙ୍କ ଇସ୍ତଫା

ଅହମଦାବାଦ୍, ୧୬।୧୦(ଏଜେନ୍ସି): ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କ କ୍ୟାବିନେଟର ୧୬ ଜଣ ମନ୍ତ୍ରୀ ଗୁରୁବାର ଇସ୍ତଫା ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ଣ ୧୧.୩୦ରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ଓ ନୂଆ କ୍ୟାବିନେଟ ଶପଥ ଗ୍ରହଣ କରିବେ। ୨୦୨୭ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ମନ୍ତ୍ରିମଣ୍ଡଳ ଅଦଳବଦଳ କରାଯାଉଛି ବୋଲି କୁହାଯାଉଛି। ମନ୍ତ୍ରିମଣ୍ଡଳରେ ନୂଆ ଚେହେରାଙ୍କୁ ସାମିଲ କରାଯାଇପାରେ ଓ ଦୁଇଜଣ ଉପ- ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇପାରେ ବୋଲି କୁହାଯାଇଛି। ଗୁଜରାଟ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୧୭ଜଣ ମନ୍ତ୍ରୀଥିଲେ। ଏଥିରେ ୮ ଜଣ ଲେଖାଏ କ୍ୟାବିନେଟ ଓ ରାଜ୍ୟପାହ୍ୟା ମନ୍ତ୍ରୀ ରହିଥିଲେ। ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୨୨-୨୩ ହୋଇପାରେ ବୋଲି କୁହାଯାଉଛି। କଂଗ୍ରେସରୁ ବିଜେପିକୁ ଆସିଥିବା ବିଧାୟକଙ୍କୁ ଏହି ମନ୍ତ୍ରିମଣ୍ଡଳରେ ସାମିଲ କରାଯିବାର ସମ୍ଭାବନା ସୃଷ୍ଟି ହୋଇଛି।

## ଅହମଦାବାଦ ବିମାନ ଦୁର୍ଘଟଣା ମାମଲା

# ପାଇଲଟ ସଭରୱାଲଙ୍କ ବାପା ଓ ସଂଘ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ, ୧୬।୧୦ (ଏଜେନ୍ସି): ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ (ଏଆଇ-୧୭୧) ଦୁର୍ଘଟଣାକୁ ନେଇ ବିବାଦ ଥମିବାର ନା ଧରୁନି। ବିମାନ ନିର୍ମାତା କମ୍ପାନୀର ଦୋଷ ଘୋଡ଼ାଇବାପାଇଁ ପାଇଲଟ୍ ସୁମିତ ସଭରୱାଲଙ୍କ ଉପରେ ଦୋଷ ଲଦାଯାଉଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି)ର ତଦନ୍ତ ମଧ୍ୟ ଏ ଦିଗରେ ସଙ୍କେତ ଦେଉଛି। ଏହି ରିପୋର୍ଟ ଜାରିହେବା ପରେ ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠିଥିଲା। ଏପରି ସମୟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପାଇଲଟ ସୁମିତଙ୍କ ବାପା ପୁଷ୍କରାଜ ସଭରୱାଲ ଏବଂ ଭାରତୀୟ ପାଇଲଟ ସଂଘ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଆବେଦନରେ ଏଏଆଇବିର ଯାଞ୍ଚ ଉପରେ ଭରସା ନାହିଁ ବୋଲି କୁହାଯାଇଛି। ତେଣୁ ସ୍ୱାଧୀନ ଯାଞ୍ଚ ଦାବି କରାଯାଇଛି। କୋର୍ଟଙ୍କ ଅନୁଧ୍ୟାନରେ କିମ୍ବା କୋର୍ଟ ଅଫ୍ ଇନକ୍ୱାରୀ ହେଉ ବୋଲି ନିବେଦନ କରାଯାଇଛି।

# ସିଜେଆଇଙ୍କୁ ଜୋତା ଫିଙ୍ଗିବା ଆଇନଜୀବୀଙ୍କୁ ମହଙ୍ଗା ପଡ଼ିଲା

ନୂଆଦିଲ୍ଲୀ, ୧୬।୧୦(ଏଜେନ୍ସି): ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତ ବିଆର ଗଭାଇଙ୍କ ଉପରକୁ ଜୋତା ଫୋପାଡିଥିବା ବରିଷ୍ଠ ଓକିଲ ରାକେଶ କିଶୋରଙ୍କ ସମସ୍ୟା ଏବେ ବଢ଼ିବାରେ ଲାଗିଛି। ଏବେ ତାଙ୍କ ବିରୋଧରେ ଅପରାଧିକ ଅବମାନନା ମାମଲା ଚାଲିବ। ଏ ନେଇ ଦେଶର ଆଟର୍ଣ୍ଣି ଜେନେରାଲ ତୁଷାର ମେହେଟା ରାକେଶଙ୍କ ବିରୋଧରେ ମାମଲା ଆରମ୍ଭ କରିବାକୁ ସହମିତ ପ୍ରଦାନ କରିଛନ୍ତି। ତୁଷାର ଓ ସୁପ୍ରିମକୋର୍ଟ ବାର ଆସୋସିଏସନ (ଏସ୍‌ସିବିଏ) ମୁଖ୍ୟ ତଥା ବରିଷ୍ଠ ଓକିଲ ବିକାଶ ସିଂ ଏ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜୟମାଲ୍ୟ ବାଗ୍‌ଚିଙ୍କ ଖଣ୍ଡପୀଠକୁ ଅନୁରୋଧ କରିଛନ୍ତି। ରାକେଶ କିଶୋରଙ୍କ କାର୍ଯ୍ୟ ଓ କଥା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିକାଶ ସିଂ କହିଛନ୍ତି। ତାଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଏକ ଆକ୍ରମଣ ବୋଲି ସେ କହିଛନ୍ତି। ଏହି ଘଟଣା ଅକ୍ଷମଣୀୟ ବୋଲି ତୁଷାର କହିଛନ୍ତି। ଗତ ଅକ୍ଟୋବର ୬ରେ ଏକ ଶୁଣାଣି ବେଳେ ରାକେଶ ସିଜେଆଇ ଗଭାଇଙ୍କ ଉପରେକୁ ଜୋତା ଫୋପାଡିବାକୁ ପ୍ରୟାସ କରିଥିଲେ। ଏହି ଘଟଣା ଘଟିଥିଲେ ମଧ୍ୟ ସିଜେଆଇ ଶାନ୍ତ ରହିବା ସହ ନିଜର କାର୍ଯ୍ୟ ଜାରି ରଖିଥିଲେ।

# ୨୪ କିନ୍ନରଙ୍କ ଆତ୍ମହତ୍ୟା ଉଦ୍ୟମ

ଇନ୍ଦୋର, ୧୬।୧୦(ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରର ନନ୍ଦଲାପୁର ଅଞ୍ଚଳରେ ୨୪ କିନ୍ନର ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏମାନଙ୍କୁ ତୁରନ୍ତୁ ମହାରାଜ ଯଶୋବନ୍ତ ରାଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ କିନ୍ନର ବିପଦମୁକ୍ତ ଅଛନ୍ତି। ମାତ୍ର ପରେ ହସ୍ପିଟାଲରେ ଆଉ ଜଣେ କିନ୍ନର ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କିନ୍ତୁ ସେଠାରେ ଥିବା ପୁଲିସ ଅଧିକାରୀ ତାଙ୍କୁ ଏପରି କରିବାକୁ ଦେଇ ନ ଥିଲେ। ଗୁରୁବାର ପୁଲିସ ଏହି ମାମଲାରେ କିନ୍ନର ଗୋଷ୍ଠୀର ମୁଖ୍ୟ ସ୍ୱପ୍ନା ଗୁରୁ ଓରଫ ସ୍ୱପ୍ନା ହାଜିକୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ ଦୁଇ କିନ୍ନର ଗୋଷ୍ଠୀ ମଧ୍ୟରେ ଏକ ସମ୍ମିଳନୀ ପାଇଁ ଆଦାୟ କରାଯାଇଥିବା ସୁରକ୍ଷା ଟଙ୍କାକୁ ନେଇ ବିବାଦ ହୋଇଥିଲା। ଏହାକୁ ନେଇ ସ୍ୱପ୍ନା ଗୋଷ୍ଠୀର କିନ୍ନର ଉକ୍ତ ୨୪ କିନ୍ନରଙ୍କୁ ଉତ୍ପୀଡ଼ନ ଦେଇଥିଲେ। ଜୀବନରେ ମାରିଦେବେ ବୋଲି କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ୨୪ ଜଣ ଯାକ ଫିନାଇଲ ପି ଆତ୍ମହତ୍ୟା ଉଦ୍ୟମ କରିଥିଲେ।

# ଶିଶୁ ବିରୋଧୀ ଯୌନ ଅପରାଧ ୯୪% ବୃଦ୍ଧି

ନୂଆଦିଲ୍ଲୀ, ୧୬।୧୦ (ଏଜେନ୍ସି): ଦେଶରେ ଶିଶୁ ବିରୋଧୀ ଯୌନ ଅପରାଧ ମାମଲା ହୁ ହୁ ହୋଇ ବଢିବାରେ ଲାଗିଛି। ୨୦୧୭ରୁ ୨୦୨୨ ମଧ୍ୟରେ ଏଭଳି ମାମଲା ୯୪ ପ୍ରତିଶତ ବୃଦ୍ଧି ପାଇଛି। ପୋକ୍ସୋ ଆଇନ ଅଧିନରେ ରୁଜୁ ଏଭଳି ମାମଲା ୩୩,୨୧୦ରୁ ବୃଦ୍ଧି ପାଇ ୬୪, ୪୬୯ରେ ପହଞ୍ଚି ଯାଇଛି। ଅପରାଧ ବୃଦ୍ଧି ପାଉଥିବା ସତ୍ତ୍ୱେ ଦଣ୍ଡ ଦେବା ହାର ୯୦ ପ୍ରତିଶତରୁ ଅଧିକ ରହିଛି। ଚାଇଲ୍ଡଲାଇଟ ଗ୍ଲୋବାଲ ଚାଇଲ୍ଡ ସେଫ୍ଟି ଇନଷ୍ଟିଚ୍ୟୁଟର ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହି ତଥ୍ୟ ଶିଶୁର ସୁରକ୍ଷା ପ୍ରତି ଥିବା ବିପଦକୁ ଦର୍ଶାଉଛି।



## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ମନୋନିବେଶ କରିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବୃଷ:** ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯାନବାହନ ଓ ଭୂମି କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କର୍ମ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାଙ୍କ ସମୟ ଭଲରେ ଅତିବାହିତ ହେବ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଲାଗିପାରେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଛୋଟଛୋଟ ଆଲୋଚନାକୁ ଅଣଦେଖା ନ କରିବା ଭଲ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଅଚାନକ ଖୁସି ଖବର ପାଇପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମକର:** କର୍ମତତ୍ପର ରହିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଅତିଥି ସତ୍କାର କରିପାରନ୍ତି।

## ଆଜିର ଇତିହାସ

- ୧୯୩୩- ପ୍ରଖ୍ୟାତ ବୈଜ୍ଞାନିକ ଆଇନଷ୍ଟାଇନ୍ ଜର୍ମାନୀରୁ ଆମେରିକା ଚାଲିଗଲେ।
- ୧୯୭୯- ମଦର ଟେରେସାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଗଲା।
- ୧୯୯୮- ନାଇଜେରିଆରେ ଏକ ପାଇପ୍ ଲାଇନ୍‌ରେ ବିସ୍ଫୋରଣ ଯୋଗୁଁ ୧୦୮୨ ଲୋକଙ୍କ ମୃତ୍ୟୁ।
- ୨୦୦୯-ମାଳଦ୍ୱୀପ ପାଣି ଭିତରେ ପ୍ରଥମ କ୍ୟାବିନେଟ୍ ବୈଠକ ଡାକି ବିଶ୍ୱର ସବୁଦେଶଙ୍କୁ ଜଳବାୟୁ ପରିବର୍ତ୍ତନର ବିପଦକୁ ଜଣାଇବା ପାଇଁ ଚେଷ୍ଟା କରିଥିଲା।

## ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଧୂପକାଠି ଧୂଆଁ




ହିନ୍ଦୁ ଧର୍ମରେ ପୂଜା, ହୋମଯଜ୍ଞ ଆଦି ସମୟରେ ଧୂପକାଠି ଜଳାଯାଇଥାଏ। ଏହା ଘରେ ସକାରାତ୍ମକ ଶକ୍ତି ଆଣିଥାଏ ବୋଲି ବିଶ୍ୱାସ ରହିଛି। ଧୂପକାଠିର ସୁଗନ୍ଧରେ ପରିବେଶ ମହକିବା ସହ ସକାରାତ୍ମକ ଓ ଆଧ୍ୟାତ୍ମିକ ବାତାବରଣ ଖେଳିଯାଏ। ହେଲେ ଏହାର ଧୂଆଁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏପରିକି ଏହି ଧୂଆଁ ଧୀରେ ଧୀରେ ଗମ୍ଭୀର ରୋଗର କାରଣ ହୋଇପାରେ। ଏଥିରେ ବ୍ୟବହାର ହେଉଥିବା ରସାୟନ ଏବଂ ସୁଗନ୍ଧିତ ତତ୍ତ୍ୱ ଜଳିବା ଦ୍ୱାରା ହାନିକାରକ ଗ୍ୟାସ୍ ନିର୍ଗତ ହୁଏ। ଏଥିରୁ କାର୍ବନ ମନୋକ୍ସାଇଡ୍, ବେନଜେନ୍, ଫରମାଲଡିହାଇଡ୍ ତତ୍ତ୍ୱ ମିଳିଥାଏ। ତେଣୁ ଲଗାତାର ଧୂପକାଠି ଧୂଆଁ ସଂସ୍ପର୍ଶରେ ଆସିଲେ ଏହା ଫୁସ୍‌ଫୁସ୍ ପାଇଁ କ୍ଷତିକାରକ ହୋଇଥାଏ। ଏହାର ବାଷ୍ପ ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ଗଲେ ଏହା ଅନେକ ଗମ୍ଭୀର ରୋଗର କାରଣ ମଧ୍ୟ ହୋଇପାରେ। ସେହିପରି ଧୂଆଁରେ ଥିବା ରସାୟନ ଚର୍ମ ଓ ଚକ୍ଷୁକୁ କ୍ଷତି ପହଞ୍ଚାଏ। ଏପରିକି ଏହା ହୃଦ୍‌ଯନ୍ତ୍ର ଉପରେ ମଧ୍ୟ ପ୍ରଭାବ ପକାଏ। ତେବେ ଲଗାତାର ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଥାଏ। ତେଣୁ ଏହାକୁ ସାବଧାନତାର ସହ ବ୍ୟବହାର କରିବା ଦରକାର। ଏହାକୁ ବ୍ୟବହାର କରିବା ବେଳେ ଘରେ ବାୟୁଚଳାଚଳ ହେଉଥିବା ଆବଶ୍ୟକ। ନିତିଦିନ ଦୀର୍ଘ ସମୟ ପର୍ଯ୍ୟନ୍ତ ଧୂପକାଠି ଜାଳିବା ଅନୁଚିତ। ପିଲା ଓ ବୟସ୍କଙ୍କ ରୁମ୍‌ରେ ଧୂପକାଠି ବ୍ୟବହାର ନ କରିବା ଭଲ। ତେବେ ପରିବେଶକୁ ସୁଗନ୍ଧିତ ରଖିବାକୁ ଚାହୁଁଥିଲେ ଏସେନସିଆଲ ଅଏଲ ଡିଫ୍ୟୁଜର ବ୍ୟବହାର କରିବା ହେଉଛି ଏକ ଉତ୍ତମ ବିକଳ୍ପ। ଅନ୍ୟପଟେ ପ୍ରାକୃତିକ ଫୁଲକୁ ଘରେ ରଖିଲେ ପରିବେଶ ସୁଗନ୍ଧମୟ ହୋଇଥାଏ।

## ସବୁଠୁ ଅଧିକ ବିଜୁଳି ମାରେ ଏହି ସ୍ଥାନକୁ

ବିଶ୍ୱରେ ଏମିତି ଏକ ସ୍ଥାନ ଅଛି, ଯେଉଁଠାରେ ପ୍ରତ୍ୟେକ ରାତିରେ ଶହ ଶହ ଥର ବିଜୁଳି ମାରିଥାଏ। ଏହି ସ୍ଥାନଟି ହେଉଛି କେଟାଟୁମ୍ବୋ ଲାଇଟ୍‌ନିଂ। ଏହା ଭେନେଜୁଏଲାର ଜୁଲିଆ ରାଜ୍ୟରେ ଅବସ୍ଥିତ। ଏଠାରେ କେଟାଟୁମ୍ବୋ ନଦୀର ସଙ୍ଗମ ବା ମିଳନ ମିରାକାଇବୋ ହ୍ରଦ ସହ ହୋଇଛି। ଏହି ଅଞ୍ଚଳର ଭୌଗୋଳିକ ସଂରଚନା ଏବଂ ଜଳବାୟୁ ଏତେ ନିଆରା ଯେ, ଏହି ସ୍ଥାନ ବିଜୁଳି ଓ ବଜ୍ରପାତ ଲାଗି ପରିଚିତ। ସେହିପରି ଏଠାକାର ଦୃଶ୍ୟ କୌଣସି ଫିଲ୍ମ ସେଟ୍‌ଠାରୁ କମ୍ ନୁହେଁ। କୋଟାଟୁମ୍ବୋ ଲାଇଟନିଂ ଅଞ୍ଚଳରେ ବର୍ଷକୁ ପ୍ରାୟ ୨୮୦ ରାତି ବିଜୁଳି ମାରେ ବୋଲି ବିଶେଷଜ୍ଞମାନେ କହନ୍ତି। କେବଳ ସେତିକି ନୁହେଁ, ଗୋଟିଏ ରାତିରେ ପ୍ରାୟ ୧୦ ଘଣ୍ଟା ବିଜୁଳି ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ। ତେଣୁ ଏଥିରୁ ଏକପ୍ରକାର ଏହି କଥା ସ୍ପଷ୍ଟ ହେଉଛି ଯେ, ଏଠାକାର ଆକାଶ କେବେ ବି ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇ ନ ଥାଏ। ଗୋଟିଏ ରାତିରେ ଏଠାରେ ୧୦୦ରୁ ୩୦୦ ଥର ବିଜୁଳି ମାରିବାର ନଜିର ରହିଛି। ଏହି କାରଣରୁ ଏହାକୁ ବିଶ୍ୱର ସର୍ବାଧିକ ବିଜୁଳି ମାରିବା ସ୍ଥାନ ଭାବେ ଗିନିଜ୍ ବିଶ୍ୱ ରେକର୍ଡ ସ୍ୱୀକୃତି ପ୍ରଦାନ କରିଛି। ସେହିପରି ଏଠାକାର ବିଜୁଳି ମାରିବା ଦୃଶ୍ୟ ଏତେ ବେଶୀ ଉଜ୍ଜ୍ୱଳ ଯେ, ଏହାକୁ ୫୦ କିଲୋମିଟର ଦୂରରୁ ଦେଖିବା ସମ୍ଭବ। ଏ ଦୃଶ୍ୟ କେବଳ ବୈଜ୍ଞାନିକଙ୍କ ଲାଗି କେବଳ ଗବେଷଣାର ବିଷୟ ନୁହେଁ, ବରଂ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର। ରାତିର ଅନ୍ଧାରରେ ନିରନ୍ତର ବିଜୁଳି ମାରିବାର ଚମକ ଆକାଶକୁ ଏକ ବିଶାଳ ଆଲୋକ ପ୍ରଦର୍ଶନୀ ବା ଲାଇଟ୍ ଶୋ'ରେ ରୂପାନ୍ତରିତ କରିଥାଏ। ଏଠାରେ ପ୍ରତି ସମୟରେ ବିଜୁଳି କାହିଁକି ଗର୍ଜେ, ତାର ରହସ୍ୟ କାହାକୁ ଜଣା ନାହିଁ। ସାଧାରଣତଃ ଗୋଟିଏ ସ୍ଥାନରେ ଏକା ସାଙ୍ଗରେ ଏକରୁ ଅଧିକ ବିଜୁଳି ଗର୍ଜି ନ ଥାଏ। କିନ୍ତୁ ଏଠାରେ ଗୋଟିଏ ସ୍ଥାନରେ ହଜାର ହଜାର ବିଜୁଳି ଏକା ସମୟରେ ଗର୍ଜିଥାଏ। ୧୯୬୦ ମସିହାରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଏହି ସ୍ଥାନରେ ୟୁରାନିୟମର ମାତ୍ରା ଅଧିକ ରହିଛି, ତେଣୁ ଏଭଳି ଘଟଣା ଘଟୁଛି। ବୈଜ୍ଞାନିକମାନେ ଏହାକୁ ନେଇ ଅନେକ ଗବେଷଣା ମଧ୍ୟ କରିଛନ୍ତି। ଏଠାରେ ମିଥେନର ମାତ୍ରା ଅଧିକ କାରଣରୁ ଏମିତି ଘଟୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। କିନ୍ତୁ ଏବେବି ଏହି ୨ଟି ତଥ୍ୟକୁ ନେଇ କୌଣସି ସଠିକ ପ୍ରମାଣ ମିଳିନାହିଁ। ତେଣୁ ଏବେ ବି ଏହା ରହସ୍ୟ ଘେରରେ ରହିଛି।




## 'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ



'ନୋ ଏଣ୍ଟ୍ରି ୨'ରେ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ, ଅର୍ଜୁନ୍ କପୁର ଲିଡ୍ ରୋଲରେ ନଜର ଆସିଥାନ୍ତେ। କିନ୍ତୁ ଏବେ ଏହାର ଦୁଇ ଜଣ କଳାକାର ଫିଲ୍ମ ଛାଡ଼ି ଦେଇଛନ୍ତି। କିଛି ଦିନ ପୂର୍ବରୁ ଦିଲଜିତ୍ ଏଥିରୁ ବାହାରି ଯାଇଥିଲେ। ଏବେ ବରୁଣ ମଧ୍ୟ ଫିଲ୍ମ ଛାଡ଼ି ଦେଇଥିବା କିଛି ରିପୋର୍ଟରେ ପ୍ରକାଶ ପାଇଛି। 'ନୋ ଏଣ୍ଟ୍ରି ୨' ୨୦୦୫ରେ ଆସିଥିବା ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ। ମୂଳ ଫିଲ୍ମରେ ସଲମାନ୍ ଖାନ୍, ଫରଦିନ ଖାନ୍, ଅନୀଲ କପୁର ଦେଖାଯାଇଥିଲେ। ଏହାର ସିକ୍ୱେଲ ନିର୍ମାଣ ବିଷୟରେ ଫିଲ୍ମ ନିର୍ମାତା ଘୋଷଣା କରିବାରୁ ଏଥିରେ ପୁଣି ଥରେ ମୂଳ କଳାକାରମାନେ ନଜର ଆସିବେ ବୋଲି ଦର୍ଶକେ ଭାବୁଥିଲେ। କିନ୍ତୁ ଏଥିରେ ବରୁଣ, ଦିଲଜିତ୍ ଓ ଅର୍ଜୁନ୍‌ଙ୍କୁ ବ୍ରେକ୍ ମିଳିଥିଲା। ବରୁଣ ଏବେ 'ଭେଡିୟା ୨'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ୨୦୨୬ ଜୁନ୍ ମାସ ବେଳକୁ ସେ ଫ୍ରି ହେବେ। ବରୁଣଙ୍କ ଯୋଗୁଁ 'ନୋ ଏଣ୍ଟ୍ରି ୨'ର ସୁଟ୍ ଅଟକିଯିବ ଅନୁଭବ କରି ସେ ଫିଲ୍ମ ଛାଡ଼ି ଦେଇଛନ୍ତି। ଇତିମଧ୍ୟରେ ଦିଲଜିତ୍ ଓ ବରୁଣ ଫିଲ୍ମ ଛାଡ଼ି ଦେଇଥିବାରୁ ଏବେ ଫିଲ୍ମ ନିର୍ମାତା ଦୁଇଜଣ ନୂଆ କଳାକାରଙ୍କ ସନ୍ଧାନରେ ଅଛନ୍ତି। ଅନୀସ ବଜ୍‌ମୀ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସେହିପରି ବରୁଣ ଓ ଦିଲଜିତ୍ ଏକାସଙ୍ଗେ 'ବର୍ଡର ୨' ଫିଲ୍ମରେ ନଜର ଆସିବେ।




## ବିଶ୍ୱ ଆଘାତ ଦିବସ



**ବର୍ତ୍ତମାନ ସମୟରେ ଟ୍ରମା ବା ମାନସିକ ଆଘାତ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏହା ଅକସ୍ମାତ୍ ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହି ରୋଗ ପ୍ରତି ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖକୁ ବିଶ୍ୱ ଟ୍ରମା ଦିବସ ଭାବେ ପାଳନ କରାଯାଇଆସୁଛି। ଟ୍ରମା ପୀଡ଼ିତଙ୍କୁ ସମର୍ଥନ କରିବା ତଥା ଉପଯୁକ୍ତ ଚିକିତ୍ସା ଯୋଗାଇବା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ।**

ଟ୍ରମା ଯେକୌଣସି ବୟସରେ ହୋଇପାରେ। ଟ୍ରମାଟିକ୍ ଆଘାତ ପାଇ ଅଧିକାଂଶ ଦିବ୍ୟାଙ୍ଗ ହୋଇଯାଆନ୍ତି। ଏଥିରେ ମସ୍ତିଷ୍କ ଆଘାତ ମୁଖ୍ୟ ସମସ୍ୟା। ସଡ଼କ ଦୂର୍ଘଟଣା, ହିଂସା, ପ୍ରାକୃତିକ ବିପର୍ଯ୍ୟୟ, ଆଦି ଜଣଙ୍କୁ ଆଘାତ ଦେଇଥାଏ। ଆଘାତର ପ୍ରଭାବ ପ୍ରତ୍ୟେକଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଭାବେ ଦେଖାଯାଇଥାଏ। ଶରୀର ଯନ୍ତ୍ରଣା ହେବା, ଥକ୍କାପଣ, ଚିନ୍ତା, କ୍ରୋଧ, ଅନିଦ୍ରା ଆଦି ଏହି ରୋଗର ଲକ୍ଷଣ ହୋଇଥାଏ। ରୋଗର ଚିହ୍ନଟ ପାଇଁ ଡାକ୍ତରଙ୍କ ପରାମର୍ଶରେ ସିଟି ଏବଂ ଏମ୍‌ଆର୍‌ଆଇ ସ୍କାନ କରାଯାଏ। ଅଭିଜ୍ଞ ଟ୍ରମା ସ୍ପେଶାଲିଷ୍ଟ, ନ୍ୟୁରୋସର୍ଜନ, ହୃଦ୍‌ରୋଗ ବିଶେଷଜ୍ଞ, ଅର୍ଥୋପେଡିକ୍‌ଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଯୋଗାଇ ହୁଏ। ବିଶ୍ୱ ଆଘାତ ଦିବସରେ ସ୍କୁଲ, କଲେଜ ତଥା ବିଭିନ୍ନ ସଂଗଠନରେ ଟ୍ରମା ପୀଡ଼ିତଙ୍କୁ ମାନସିକସ୍ତରରେ କିପରି ସାହାଯ୍ୟ ଯୋଗାଇ ହେବ ସେନେଇ ଜାଗ୍ରତ କରାଯାଏ। ଏନେଇ ସରକାରୀସ୍ତରରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସହିତ ଅଧିକ ଟ୍ରମା କେୟାର ସେଣ୍ଟରମାନ ରହିଛି।

## ସ୍ମାର୍ଟ ଡେଣ୍ଟାଲ ମେସିନ୍: ଦୁଇ ମିନିଟ୍‌ରେ ମିଳିବ ଦାନ୍ତ ରିପୋର୍ଟ




ଦାନ୍ତବିନ୍ଧା ଏକ ସାଧାରଣ ସମସ୍ୟା। ଦାନ୍ତ ପୋକ ଖାଇଲେ, ଅଧା ଭାଙ୍ଗିଗଲେ, ମାଢ଼ି ସଂକ୍ରମଣ ଆଦି କାରଣରୁ ଦାନ୍ତ ବିନ୍ଧା ହୋଇଥାଏ। ଦାନ୍ତ ବିନ୍ଧା ଯୋଗୁଁ କାନ, ବେକରେ ଯନ୍ତ୍ରଣା ହୁଏ। ତେଣୁ ଦାନ୍ତର ସଠିକ୍ ଯତ୍ନ ନେବା ସହ ଡାକ୍ତରଙ୍କ ପରାମର୍ଶରେ ନିୟମିତ ଦାନ୍ତ ପରୀକ୍ଷା କରାଯାଏ। ହେଲେ ଏବେ ଦିଲ୍ଲୀ, ମୌଲାନା ଆଜାଦ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସରେ ଏକ ସ୍ମାର୍ଟ ଡେଣ୍ଟାଲ ମେସିନ୍ ଲଗାଯାଇଛି। ଯାହାଦ୍ୱାରା ଜଣେ ବ୍ୟକ୍ତି ନିଜେ ନିଜର ଦାନ୍ତ ସ୍କାନ କରି ଏହାର ସୁସ୍ଥତା ବିଷୟରେ ଜାଣିପାରିବେ। ଏହି ମେସିନ୍‌ଟି ଏଆଇ ଆଧାରିତ ସ୍କାନ୍‌ଓ ଏୟାର ମେସିନ୍। ଏଆଇ ଆଧାରିତ ନାବୀ ରୋବଟ ଏହି ଯାଞ୍ଚରେ ସାହାଯ୍ୟ କରିବ। ଏଥିପାଇଁ ଜଣେ ମେସିନ୍ ପାଖେ ଛିଡା ହୋଇ ନିଜର ମୋବାଇଲ ନମ୍ବର, ନାଁ, ଲିଙ୍ଗ, ବୟସ ଆଦିର ସୂଚନା ଦିଅନ୍ତି। ମେସିନ୍‌ରେ ଲାଗିଥିବା କ୍ୟାମେରା ବ୍ୟକ୍ତିଙ୍କ ଦାନ୍ତକୁ ସ୍କାନ କରି ଫଟୋ ନେଇଥାଏ। ସ୍କାନ ହୋଇଥିବା ଫଟୋ ଆଧାରରେ ଏକ୍ସରେ ରିପୋର୍ଟର ମୂଲ୍ୟାଙ୍କନ ହୁଏ। ଦୁଇ ମିନିଟ୍‌ରେ ରିପୋର୍ଟ ଦିଏ। ରିପୋର୍ଟଟି ପୀଡ଼ିତଙ୍କ ହ୍ୱାଟସଅପ୍‌କୁ ପଠାଯାଏ। ରିପୋର୍ଟ ଆଧାରରେ ଜଣେ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ପାଆନ୍ତି। ଏହି ମେସିନ୍ ସାହାଯ୍ୟରେ ଦାନ୍ତଜନିତ ରୋଗ ତଥା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାରେ ଜଣାପଡ଼ିବ।

## ଶିଶୁ କର୍କଟ

### ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ଜରୁରି



**ଦୈନନ୍ଦିନ ଜୀବନଚର୍ଯ୍ୟା, ଖାଦ୍ୟପେୟ ଶୈଳୀ, ଶାରୀରିକ ନିଷ୍କ୍ରିୟତା, ବଂଶାନୁଗତ ଆଦି କାରଣରୁ କର୍କଟ ରୋଗ ହୋଇଥାଏ। ଏହି ରୋଗ ସାଧାରଣତଃ ବୟସ୍କଙ୍କ ସହିତ ଅଧିକ ଜଡିତ। ହେଲେ ଏବେ ଶିଶୁ କର୍କଟ ବୈଶ୍ୱିକସ୍ତରରେ ଚିନ୍ତା ସୃଷ୍ଟି କରୁଛି। ଛୋଟ ପୁଅ-ଝିଅଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରକାର କର୍କଟ ଦେଖାଯାଉଛି। ତେଣୁ ଏହି କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।**

ଶିଶୁ କର୍କଟ ଏକ ବିରଳ ରୋଗ। ମୁଖ୍ୟତଃ ପ୍ରଦୂଷଣ, ପରିବେଶଗତ ସମସ୍ୟା, ବଂଶାନୁଗତ, ମା'ମାନେ ନିଶାସେବନ ବା ଧୂମପାନ କରିବା, ଗର୍ଭାବସ୍ଥାରେ ମାତୃସ୍ୱାସ୍ଥ୍ୟ ସଂକ୍ରମଣ ଏବଂ ନିର୍ଦ୍ଦିଷ୍ଟ ଜେନେଟିକ୍ ଅବସ୍ଥା ପରି କାରଣଗୁଡ଼ିକ ଶିଶୁ କର୍କଟର ରୋଗର ବିପଦକୁ ପ୍ରଭାବିତ କରିପାରେ।

**ପୁଅଙ୍କୁ ଲ୍ୟୁକେମିଆ ଓ ଝିଅଙ୍କୁ ୱିଲମ୍ସ ଟ୍ୟୁମରର ବିପଦ**

ପୁଅ ଓ ଝିଅଙ୍କ ମଧ୍ୟରେ କର୍କଟ ବିପଦର ସାମାନ୍ୟ ପାର୍ଥକ୍ୟ ଦେଖାଯାଏ। ସ୍ୱାସ୍ଥ୍ୟ ଗବେଷଣାରୁ ଜଣାପଡ଼ିଛି ଯେ, ପୁଅଙ୍କୁ ଲ୍ୟୁକେମିଆ, ଲିମ୍ଫୋମା, ମସ୍ତିଷ୍କ ଟ୍ୟୁମର ଏବଂ ନ୍ୟୁରୋବ୍ଲାଷ୍ଟୋମା ଭଳି କର୍କଟ ବିପଦ ଅଧିକ ଥିବାବେଳେ ଝିଅଙ୍କ କ୍ଷେତ୍ରରେ ୱିଲମ୍ସ ଟ୍ୟୁମର(ବୃକ୍କ ଟ୍ୟୁମର) ଅଧିକ ଦେଖାଯାଏ। ଏହି ଲିଙ୍ଗଗତ ପାର୍ଥକ୍ୟ ପଛରେ କାରଣକୁ ଏବେବି ବିଶେଷଜ୍ଞମାନେ ଅନୁସନ୍ଧାନ କରୁଛନ୍ତି।

**ଲକ୍ଷଣକୁ ବୁଝନ୍ତୁ:** ଶିଶୁଙ୍କଠାରେ ଲଗାତାର ଅସାଧାରଣ ଲକ୍ଷଣ ଯେପରିକି ବିନା କାରଣରେ ଓଜନ କମ୍ ହେବା, ଥକ୍କାପଣ, ଦୀର୍ଘ ସମୟ ଧରି ଜ୍ୱର ରହିବା, ଲସିକା ଗ୍ରନ୍ଥି ଫୁଲି ରହିବା, ତ୍ୱଚା ହଳଦିଆ ପଡ଼ିବା, ହାଡ଼ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ତେବେ ଶିଶୁ କର୍କଟର ବିପଦ ବୟସ୍କ କର୍କଟ ରୋଗ ପରି ନୁହେଁ। ଡାଉନସିଣ୍ଡ୍ରୋମ, ଏଚ୍‌ଆଇଭି, ଏପଷ୍ଟିନ୍-ବାର ଭୂତାଣୁ, କିମ୍ବା ବଂଶାନୁଗତ ସମସ୍ୟା ଥିଲେ ଗର୍ଭାବସ୍ଥା ସମୟରେ ବି ମା' ମାନେ ସ୍କ୍ରିନିଂ କରାଇ ପାରିବେ।

**କର୍କଟ ଆଶଙ୍କାକୁ କମ୍ କରିବାର ଉପାୟ:** ତେଲ ଛଣା, ରାଗ ଓ ମସଲା ଖାଦ୍ୟ ବଦଳରେ ଶିଶୁଙ୍କୁ ବିଭିନ୍ନ ପ୍ରକାର ଫଳ, ପନିପରିବାଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବାକୁ ଦିଅନ୍ତୁ। ମା'ମାନେ ଫୋଲିକ ଏସିଡ୍ ଯୁକ୍ତ ପ୍ରିନାଟାଲ ଭିଟାମିନ୍ ଗ୍ରହଣ କରିବା ଦ୍ୱାରା ଲ୍ୟୁକେମିଆ ଏବଂ ମସ୍ତିଷ୍କଟ୍ୟୁମର ବିପଦ ହ୍ରାସ ହୋଇଥାଏ। ପିଲାଙ୍କୁ ଖେଳକୁଦ ତଥା ଶାରୀରିକ ସକ୍ରିୟ ରହିବାକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ୍ ସମୟ କମ୍ କରିବା ସହ ଧୂଆଁ, ବାୟୁ ପ୍ରଦୂଷଣ, ଏକ୍ସରେ କିମ୍ବା ସିଟିସ୍କାନ ଭଳି ଅନାବଶ୍ୟକ ପରୀକ୍ଷା ଆଦିରୁ ପିଲାଙ୍କୁ ଦୂରେଇ ରଖନ୍ତୁ। ଭିଟାମିନ୍ ଡି ସେବନ କର୍କଟ ଆଶଙ୍କାକୁ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ।

ଶିଶୁଙ୍କୁ ହେପାଟାଇଟିସ୍ ବି (ଏଚ୍‌ବିଭି) ଏବଂ ହ୍ୟୁମାନ୍ ପାପିଲୋମା ଭୂତାଣୁ (ଏଚ୍‌ପିଭି) ପରି ଟିକାକରଣ କରିବାକୁ ଭୁଲନ୍ତୁନି। ଏହା ଯକୃତ କର୍କଟ ତଥା ଅନ୍ୟାନ୍ୟ କର୍କଟରୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଅସ୍ୱାଭାବିକ ଲକ୍ଷଣ ଦୀର୍ଘ ସମୟଧରି ଦେଖାଗଲେ ଶିଶୁ ବିଶେଷଜ୍ଞଙ୍କୁ ପରାମର୍ଶ କରନ୍ତୁ। ନିୟମିତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପ୍ରାଥମିକ ଅବସ୍ଥାରୁ ଜଣାପଡ଼ିଥାଏ।

## ଶରୀରକୁ ସୁସ୍ଥ ରଖେ ସଜନା ପତ୍ର ଚୂର୍ଣ୍ଣ

**ଆୟୁର୍ବେଦରେ ସଜନା ପତ୍ରକୁ ସବୁଠୁ ଶକ୍ତିଶାଳୀ ଔଷଧ ଭାବେ ବିବେଚନା କରାଯାଏ। ଏହି ପତ୍ରରେ ଭିଟାମିନ୍, ଆଣ୍ଟି ଅକ୍ସିଡାଣ୍ଟ, ପ୍ରୋଟିନ୍ ଆଦି ପ୍ରଚୁରମାତ୍ରାର ରହିଛି। ତେଣୁ ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗ ଦୂର ହୋଇଥାଏ।**

- ସଜନା ପତ୍ରକୁ ଛାୟା ଶୁଷ୍କ କରି ଚୂର୍ଣ୍ଣ କରି ସେବନ କଲେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଥକ୍କାପଣ ଦୂର ହୁଏ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଦୃଷ୍ଟିଶକ୍ତି ବୃଦ୍ଧି କରାଏ। ଶରୀରକୁ ସୁସ୍ଥ ରଖେ।
- ସଜନା ପତ୍ରରେ ଆଣ୍ଟି ଇନ୍ଫ୍ଲାମେଟରୀ ଗୁଣ ରହିଛି। ଏହା ଶରୀରକୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦିଏ। ଜ୍ୱର, ଥଣ୍ଡା, ଅନ୍ୟାନ୍ୟ ରୋଗରୁ ମୁକ୍ତି ମିଳିଥାଏ।
- ସଜନାପତ୍ର ଚୂର୍ଣ୍ଣ ନିୟମିତ ଖାଇଲେ ମାଂସପେଶୀ ଶକ୍ତ ହୋଇଥାଏ। ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଭଲ। ଏହି ଚୂର୍ଣ୍ଣ ପାଚନକ୍ରିୟାକୁ ସକ୍ରିୟ କରି କୋଷ୍ଠକାଠିନ୍ୟ, ଗ୍ୟାସ୍ ଆଦି ଦୂର କରେ।
- ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେଇ ଏହି ଚୂର୍ଣ୍ଣକୁ ଅନୁମୋଦିତ ହାରରେ ଦୁଗ୍ଧ, ପାଣି କିମ୍ବା ଜୁସ୍‌ରେ ମିଶାଇ ସକାଳୁ ଖାଲି ପେଟରେ କିମ୍ବା ଖାଇବା ପରେ ସେବନ କରିପାରିବେ। କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶରେ ଏହାକୁ ସେବନ କରିବା ଆବଶ୍ୟକ।





# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

■ ମହିଳା ବିଶ୍ୱକପ୍ କ୍ରିକେଟ

## ଅଷ୍ଟ୍ରେଲିଆ ୧୦ ୱିକେଟରେ ବିଜୟୀ

ବିଶାଖାପାଟଣା,୧୬।୧୦(ଏଜେନ୍ସି): ବାଂଲାଦେଶକୁ ୧୦ ୱିକେଟରେ ପରାସ୍ତ କରି ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଏଠାରେ ଚାଲିଥିବା ମହିଳା ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ପଏଣ୍ଟ ଟେବଲର ଶୀର୍ଷ ସ୍ଥାନରେ ପହଞ୍ଚିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୧୯୮ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଏହାର ଅଧା ବା ୨୪.୫ ଓଭରରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଓପନର, ୱିକେଟ ରକ୍ଷକ ତଥା ଅଧିନାୟକ ଆଲିସା ହିଲି ୭୭ ବଲ୍‌ରେ ୨୦ ଚୌକା ସହ ୧୧୩ ଏବଂ ତାଙ୍କ ପାର୍ଟନର ଫୋଏବ୍ ଲିଚ୍‌ଫିଲ୍ଡ ୭୨ ବଲ୍‌ରୁ ୧୨ ଚୌକା ଓ ୧ ଛକା ସହ ୮୪ ରନ୍‌ରେ ଅପରାଜିତ ରହିଥିଲେ। ଏମାନେ ପ୍ରଥମ ୱିକେଟ ଭାଗୀଦାରିରୁ ୨୦୨ ରନ୍ ଉଠାଇଥିଲେ। ଏହି ବିଜୟ ଫଳରେ ଅଷ୍ଟ୍ରେଲିଆ ୫ମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ୯ ପଏଣ୍ଟ ସଂଗ୍ରହ କରି ଟେବଲର ଶୀର୍ଷସ୍ଥାନରେ ରହିଛି। ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛି। ଅଷ୍ଟ୍ରେଲିଆ ୧୦ ୱିକେଟରେ ଜିତିଥିଲେ ମଧ୍ୟ ବାଂଲାଦେଶ ଇନିଂସରେ ୧୦ ଓଭର ବୋଲିଂ କରି ମାତ୍ର ୧୮ ରନ୍ ଦେଇ ୨ଟି ୱିକେଟ ନେଇଥିବା ଆଲାନ କିଙ୍ଗଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପୂର୍ବରୁ ବାଂଲାଦେଶ ଇନିଂସରେ ଶୋଭନା ମୋସ୍ତାରି ଅପରାଜିତ ୬୬ ଓ ରୁବେୟା ହାଇଦର ୪୪ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଶ୍‌ଲେ ଗାର୍ଡନର, ଆନାବେଲ ସଦରଲାଣ୍ଡ, କିଙ୍ଗ୍ ଓ ଜର୍ଜିଆ ୱେରହାମ୍ ୨ଟି ଲେଖାଏଁ ୱିକେଟ ନେଇ ବାଂଲା ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗିଦେଇଥିଲେ।



| ଆଜିର ମ୍ୟାଚ୍ |
|---|
| ଦକ୍ଷିଣ ଆଫ୍ରିକା-ଶ୍ରୀଲଙ୍କା |
| ସ୍ଥାନ- କଲମ୍ବୋ |
| ଖେଳ ଆରମ୍ଭ- ଅପରାହ୍ନ ୩ଟା |
| ପ୍ରସାରଣ- ଷ୍ଟାରସ୍ପୋର୍ଟ୍ସ |

## ସାଫ୍ ଆଥଲେଟିକ୍ସରେ ଭାଗନେବେ ପ୍ରତୀକ, ସରୁନ

ଭୁବନେଶ୍ୱର,୧୬।୧୦(ସମିସ): ଝାଡଖଣ୍ଡର ରାଞ୍ଚିରେ ଦକ୍ଷିଣ ଏସିଆ ବରିଷ୍ଠ ଆଥଲେଟିକ୍ସ ଚାମ୍ପିଅନସିପ୍ ଆସନ୍ତା ୨୪ରୁ ୨୬ ଯାଏ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ପ୍ରତୀକ ମହାରଣା ଓ ସରୁନ ପାୟଙ୍ଗ। ଜାତୀୟ ଜୁନିଅର ଗୋଲ୍ଡ ମେଡାଲିଷ୍ଟ ପ୍ରତୀକ ୨୦୦ ମିଟର, ୪ଗୁଣା୧୦୦ ମିଟର ରିଲେ ଦୌଡ଼ରେ ଭାଗନେବେ। ସରୁନ କେବଳ ଲଙ୍ଗ ଜମ୍ପରେ ଡେଇଁବେ। ଏମାନଙ୍କ ବ୍ୟତୀତ ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରବୋଧ ମହାନ୍ତି ମଧ୍ୟ ଟେକ୍ନିକାଲ ଅଫିସିଆଲ ଭାବେ ମନୋନୀତ ହୋଇଛନ୍ତି।

■ ସିକେ ନାଇଡୁ ଟ୍ରଫି

## ଓଡ଼ିଶା ୧୫୯ ରନରେ ଅଲଆଉଟ୍

କଟକ,୧୬।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ବର୍ଗର ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିକେ ନାଇଡୁ ଟ୍ରଫି ଗୁରୁବାର ଠାରୁ ଆରମ୍ଭ ହୋଇଛି। ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଘରୋଇ ହାଇଦ୍ରାବାଦକୁ ଭେଟିଛି ଓଡ଼ିଶା ଦଳ। ପ୍ରଥମ ଦିବସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୯ରନରେ ଅଲଆଉଟ ହୋଇଛି। ଜବାବରେ ହାଇଦ୍ରାବାଦ ୪ ୱିକେଟ ହରାଇ ୧୦୯ରନ ସଂଗ୍ରହ କରିଛି। ଓଡ଼ିଶା ଅଧିନାୟକ ସାଇଦୀପ ମହାପାତ୍ର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୨୦ରନରେ ପ୍ରଥମ ୱିକେଟ ହରାଇଥିବା ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ଲାଇନଅପ ଭୁଷୁଡ଼ି ପଡ଼ିଥିଲା। ଓପନର ପାନକଳ ଶଶାଙ୍କ ସର୍ବାଧିକ ୩୭ରନ କରିଥିଲେ। ହାଇଦ୍ରାବାଦର ଏମ ଶଶାଙ୍କ ଓ ପ୍ରଣବ ବର୍ମା ୪ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ନିଜସ୍ୱ ଗ୍ରାଉଣ୍ଡରେ ଓଡ଼ିଶାକୁ କଡା ଜବାବ ଦେବାରେ ହାଇଦ୍ରାବାଦ ସଫଳ ହୋଇଛି। ଅମନ ରାଓ ୫୫ରନ ଏବଂ ନାଇଟ ୱାଚମ୍ୟାନ ଶଶାଙ୍କ ଶୂନରେ ଅପରାଜିତ ଅଛନ୍ତି। ଓଡ଼ିଶାର ଆୟୂଷ ବାରିକ ୨ଟି ୱିକେଟ ଦଖଲ କରିଛନ୍ତି।

### ୩ ଦିନିକିଆ ଓ ୫ ଟି-୨୦ ଅନ୍ତର୍ଜାତୀୟ ମୁକାବିଲା

# ୧୯ରୁ ଭାରତର ଅଷ୍ଟ୍ରେଲିଆ ଅଭିଯାନ

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):

ଅନ୍ତର୍ଜାତୀୟ କ୍ରିକେଟରେ ଅଷ୍ଟ୍ରେଲିଆ ଏବେ ଭାରତର ନୂଆ ପ୍ରତିଦ୍ୱନ୍ଦ୍ୱୀ। ଏକଦା ଅଷ୍ଟ୍ରେଲିଆକୁ ହରାଇବା ଭାରତ ଲାଗି କଷ୍ଟକର ହେଉଥିଲାବେଳେ ଏବେ ସ୍ଥିତି ଭିନ୍ନ ହୋଇଛି। ଅଷ୍ଟ୍ରେଲିଆ ମାଟିରେ ମଧ୍ୟ ଭାରତ ପ୍ରଭାବୀ ଖେଳ ପ୍ରଦର୍ଶନ କରିଛି। ଦୁଇଦେଶ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ସିରିଜ୍‌ରେ ଅଷ୍ଟ୍ରେଲିଆର ବିଜୟ ପ୍ରତିଶତକୁ ପ୍ରତିହତ କରିବାରେ ଭାରତ ସମର୍ଥ ହୋଇ ନ ଥିଲେ ମଧ୍ୟ ଲଢୁଆ ଖେଳ ପ୍ରଦର୍ଶନ କରି ବେଶ ଲୋକପ୍ରିୟତା ହାସଲ କରିଛି। ଟେଷ୍ଟ ଓ ଟି-୨୦ ଫର୍ମାଟରେ ଉଭୟଙ୍କ ମଧ୍ୟରେ ଅଧିକ କଡ଼ା ମୁକାବିଲା ହୋଇଛି। ମୋଟାମୋଟି କହିବାକୁ ଗଲେ ଭାରତ ଓ ଅଷ୍ଟ୍ରେଲିଆ କ୍ରିକେଟ ଖେଳରେ ଏବେ ନୂଆ ପ୍ରତିଦ୍ୱନ୍ଦ୍ୱୀ ସାଜିଛନ୍ତି। ଦିନିକିଆ ବିଶ୍ୱକପ୍ ଫାଇନାଲ ପରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମଥର ଆସନ୍ତା ୧୯ରୁ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଏହା ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ମଧ୍ୟ ଖେଳାଯିବ। ଏଥିଲାଗି ଉଭୟ ଦଳ ପ୍ରସ୍ତୁତି ଶେଷ କରିଥିଲେ ମଧ୍ୟ ଆହତ ସମସ୍ୟା ଯୋଗୁଁ ଅଷ୍ଟ୍ରେଲିଆର ନିୟମିତ ଅଧିନାୟକ ପ୍ୟାଟ କମିନ୍ସ ଏହି ସିରିଜ୍‌ରେ ଖେଳିବେ ନାହିଁ। ମିଚେଲ ମାର୍ଶ ଦଳର ନେତୃତ୍ୱ ନେବେ। ଉଭୟ ଦେଶ ମଧ୍ୟରେ ନେତୃତ୍ୱ କିଏ ନେଉଛି, କିଏ ଉପସ୍ଥିତ ବା ଅନୁପସ୍ଥିତ ରହୁଛି ତାହା ବଡ଼ କଥା ନୁହେଁ, ପଡ଼ିଆରେ କିଏ କେତେ ସଫଳ ହେଉଛି ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ବିଶ୍ୱର ସବୁଠାରୁ ଅଭିଜ୍ଞ ଦୁଇ ଖେଳାଳି ଭାରତର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ସମ୍ଭବତଃ ଶେଷଥର ଲାଗି ଅଷ୍ଟ୍ରେଲିଆରେ ଖେଳିବେ। ଉଭୟ ଖେଳାଳି ଟେଷ୍ଟ ଓ ଟି-୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି। ଏଣୁ ଏହି ସିରିଜ୍ ଉଭୟଙ୍କ ଲାଗି ଅଷ୍ଟ୍ରେଲିଆରେ ଶେଷ ସିରିଜ୍ ହେବ ଓ ଉଭୟ ଭାରତୀୟ ଦଳରେ ରହିବେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହେବ। ସମସ୍ତ ଦୃଷ୍ଟି କୋଣରୁ ତର୍ଜମା କଲେ ଏହି ସିରିଜ୍ ଅଷ୍ଟ୍ରେଲିଆ ଅପେକ୍ଷା ଭାରତ ଲାଗି ବେଶ ମହତ୍ତ୍ୱ ରଖୁଛି। ରୋହିତ ଶର୍ମାଙ୍କ ସ୍ଥାନରେ ଶୁବମନ ଗିଲ୍ ଏବେ ଭାରତର ଉଭୟ ଟେଷ୍ଟ ଓ ଦିନିକିଆ ଅଧିନାୟକ ଦାୟିତ୍ୱରେ ରହିଛନ୍ତି।



| ଖେଳ ଆରମ୍ଭ (ଭାରତୀୟ ସମୟ) |
|---|
| ଦିନିକିଆ : ସକାଳ ୯ଟା |
| ଟି-୨୦ : ଅପରାହ୍ଣ ୧ଟା ୪୫ ମିନିଟ୍ |
| ପ୍ରସାରଣ |
| ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର |

ଚଳିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଅଷ୍ଟ୍ରେଲିଆରେ ଖେଳାଯିବ। ଏହି ସିରିଜ୍‌ର ପ୍ରଥମ ମୁକାବିଲା ପର୍ଥର ଫାଷ୍ଟ ପିଚ୍‌ରେ ଅକ୍ଟୋବର ୧୯ ତାରିଖ ବା ଆସନ୍ତା ରବିବାର ଖେଳାଯିବ। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏବେ ଅଷ୍ଟ୍ରେଲିଆରେ ପହଞ୍ଚିସାରିଛି। ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ପରେ ଲଢ଼େଇ ଲାଗି ପ୍ରସ୍ତୁତ ହେବ। ଅଷ୍ଟ୍ରେଲିଆରେ ଭାରତ ଶେଷଥର ୨୦୧୮-୧୯ରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତିଥିଲା। ଏହା ପରେ ଆଉ ଗୋଟିଏ ସିରିଜ୍ ଖେଳାଯାଇଛି ଓ ଏହାକୁ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଏବେ ନୂଆ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ଅଷ୍ଟ୍ରେଲିଆର ମୁକାବିଲା କରିବାକୁ ଯାଉଛି। ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଥିବା ପ୍ରାୟ ସମସ୍ତ ଖେଳାଳି ଆଇପିଏଲ୍‌ରେ ଖେଳିଛନ୍ତି। ଏଣୁ ଉଭୟ ଦଳର ଖେଳାଳିମାନେ ପରସ୍ପର ଖେଳ ଓ ରଣନୀତି ସମ୍ପର୍କରେ ବେଶ ଅବଗତ ଅଛନ୍ତି। ଏଣୁ ପିଚ୍ ଓ ପରିବେଶକୁ ଭାରତୀୟ ଦଳ କିପରି ଖାପ୍ ଖୁଆଇବ ତାହା ଉପରେ ଖେଳର ସ୍ଥିତି ନିର୍ଭର କରୁଛି। ଶେଷଥର ଉଭୟଙ୍କ ମଧ୍ୟରେ ଏକ ସିରିଜ୍ ୨୦୨୩-୨୪ ସିଜନରେ ଭାରତରେ ଖେଳାଯାଇଥିଲା। ଘରୋଇ ମାଟିରେ ଭାରତ ଏହାକୁ ଜିତିବାରେ ସମର୍ଥ ହୋଇଥିଲା। ଏବେ ନୂଆ ଖେଳାଳି ଓ ନୂଆ ନେତୃତ୍ୱରେ ଏକ ଭିନ୍ନ ଲଢ଼େଇ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ରୋହିତ, କୋହଲି ଓ ଗିଲ୍‌ଙ୍କ ଉପରେ ନଜର:** ଚାମ୍ପିଅନ୍ସ ଟ୍ରଫି ପରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କର ଏହା ପ୍ରଥମ ପ୍ରତିଯୋଗିତାମୂଳକ କ୍ରିକେଟ ହେବ। ଏହି ଦୁଇ ଖେଳାଳି ଏବେ କେବଳ ଦିନିକିଆ ଫର୍ମାଟରେ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଛନ୍ତି। ଦିନିକିଆ ବିଶ୍ୱକପ୍ ୨୦୨୭ରେ ଖେଳାଯିବ। ଏହା ମଧ୍ୟରେ ଟିମ୍ ସଜାଡିନେବାକୁ ସମସ୍ତ ଉଦ୍ୟମ କରିବ ଟିମ୍ ଇଣ୍ଡିଆ। ରୋହିତ ଓ କୋହଲିଙ୍କ ନେଇ ଭାରତ ବିଶ୍ୱକପ୍ ଖେଳିବ କିମ୍ବା ସେମାନଙ୍କୁ ବାଦ୍ ଦେବ ତାହାର ପୂର୍ବାନୁମାନ କରିବା କଷ୍ଟକର। କିନ୍ତୁ ଏହି ସିରିଜ୍‌ରୁ ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ନିଶ୍ଚିତ କିଛି ସ୍ପଷ୍ଟ ସୂଚନା ମିଳିବ। ସେହିପରି ଶୁବମନ ଗିଲଙ୍କ ନେତୃତ୍ୱରେ ଭାରତ ଦିନିକିଆ ସିରିଜ୍ ଖେଳିବାକୁ ଯାଉଛି। ଇଂଲଣ୍ଡରେ ଟେଷ୍ଟ ଦଳର ନେତୃତ୍ୱ ନେଇ ଗିଲ ଉଭୟ ବ୍ୟାଟିଂ ଓ ନେତୃତ୍ୱରେ ବେଶ ସଫଳତା ଲାଭ କରିଥିଲେ। ଏବେ ଆଉ ଏକ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି ଗିଲ୍। ଏଣୁ ଏହି ସିରିଜ୍‌ରେ ଭାରତର ୩ ତାରକା ଖେଳାଳିଙ୍କ ଉପରେ ନିଶ୍ଚିତ ନଜର ରହିବ।

**ଖେଳ ସୂଚୀ- ଦିନିକିଆ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୧୯।୧୦ | ପ୍ରଥମ ଦିନିକିଆ | ପର୍ଥ |
| ୨୩।୧୦ | ଦ୍ୱିତୀୟ ଦିନିକିଆ | ଆଡିଲେଡ୍ |
| ୨୫।୧୦ | ତୃତୀୟ ଦିନିକିଆ | ସିଡନୀ |

**ଖେଳ ସୂଚୀ- ଟି-୨୦ ଅନ୍ତର୍ଜାତୀୟ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୨୯।୧୦ | ପ୍ରଥମ ଟି-୨୦ | କାନବେରା |
| ୩୧।୧୦ | ଦ୍ୱିତୀୟ ଟି-୨୦ | ମେଲବୋର୍ଣ୍ଣ |
| ୨।୧୧ | ତୃତୀୟ ଟି-୨୦ | ହୋବାର୍ଟ |
| ୬।୧୧ | ଚତୁର୍ଥ ଟି-୨୦ | ଗୋଲ୍ଡ କୋଷ୍ଟ |
| ୮।୧୧ | ପଞ୍ଚମ ଟି-୨୦ | ବ୍ରିସ୍‌ବେନ୍ |

**ଭାରତର ଖେଳାଳି ଦଳ**

**ଦିନିକିଆ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ନୀତୀଶ କୁମାର ରେଡ୍ଡୀ, ଧ୍ରୁବ ଜୁରେଲ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା।

**ଟି-୨୦ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ଅଭିଷେକ ଶର୍ମା, ତିଳକ ବର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ରିଙ୍କୁ ସିଂ, ଜିତେଶ ଶର୍ମା (ୱିକେଟରକ୍ଷକ), ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

## ଭାଇଙ୍କୁ ଗୁରୁଗ୍ରାମ ସମ୍ପତ୍ତି ହସ୍ତାନ୍ତର କଲେ କୋହଲି


ଗୁରୁଗ୍ରାମ୍, ୧୬।୧୦ (ଏଜେନ୍ସି): ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଗୁରଗ୍ରାମରେ ଥିବା ତାଙ୍କ ସମ୍ପତ୍ତି ଭାଇ ବିକାଶଙ୍କୁ ହସ୍ତାନ୍ତର କରିଛନ୍ତି। ସେ ବିକାଶଙ୍କ ନାମରେ ସବୁ ସମ୍ପତ୍ତି ଲେଖିଛନ୍ତି ଓ ପାୱାର ଅଫ୍ ଆଟର୍ଣ୍ଣି ଭାଇଙ୍କ ନାଁରେ କରିଛନ୍ତି। ଏଥିପାଇଁ ସେ ମଙ୍ଗଳବାର ଗୁରୁଗ୍ରାମ୍‌ର ୱଜିରାବାଦ୍ ତହସିଲ ଅଫିସ୍‌ରେ ପହଞ୍ଚିଥିଲେ। ସେ ତହସିଲ୍‌ରେ ଏକ ଘଣ୍ଟା ରହିଥିଲେ ଓ ଉପସ୍ଥିତ ସବୁ କର୍ମଚାରୀଙ୍କ ସହ ଫଟୋ ଉଠାଇଥିଲେ। ଏହାପରେ ସେ ଦିଲ୍ଲୀ ବିମାନବନ୍ଦରରୁ ଅଷ୍ଟ୍ରେଲିଆ ଗସ୍ତ କରିଥିଲେ। କୋହଲି ପତ୍ନୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମା ଓ ପୁଅ-ଝିଅଙ୍କ ସହ ସହ ଲଣ୍ଡନରେ ଅବସ୍ଥାନ କରୁଛନ୍ତି। ସେ ଭାରତରେ କମ୍ ସମୟ ରହୁଛନ୍ତି। ସେଥିପାଇଁ ସେ ତାଙ୍କ ସମ୍ପତ୍ତିକୁ ଭାଇ ନାଁରେ କରିଛନ୍ତି। ଗୁରୁଗ୍ରାମ୍‌ରେ ଡିଏଲ୍‌ଏଫ୍ ସିଟିରେ କୋହଲିଙ୍କ ଏକ ଘର ଓ ଫ୍ଲାଟ ରହିଛି। ଉଲ୍ଲେଖଥାଉ କି, କୋହଲି ଟି-୨୦ ଓ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି। ସେ ୧୯ରୁ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ ସିରିଜ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି।



## ଅଭିଷେକ, ମନ୍ଧାନା ସେପ୍ଟେମ୍ବରର ଶ୍ରେଷ୍ଠ ଆଇସିସି କ୍ରିକେଟର

ଦୁବାଇ, ୧୬।୧୦ (ଏଜେନ୍ସି): ଭାରତୀୟ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା ଓ ସ୍ମୃତି ମନ୍ଧାନା ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ସେପ୍ଟେମ୍ବର ମାସର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଗତମାସରେ ୟୁଏଇରେ ଅନୁଷ୍ଠିତ ଟି-୨୦ ଏସିଆକପ୍‌ରେ ସେ ଭାରତ ପାଇଁ ଇନିଂସ ଓପନ କରି ଧୂଆଁଧାର ବ୍ୟାଟିଂ କରିବା ସହ ୭ରୁ ୬ଟି ମ୍ୟାଚ୍‌ରେ ଜବରଦସ୍ତ ଆରମ୍ଭ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ମୋଟ୍ ୩୧୪ ରନ ସଂଗ୍ରହ କରି ଏହି ପୁରସ୍କାର ହାସଲ କରିଛନ୍ତି। ଏହିକ୍ରମରେ ଅଭିଷେକ ନିଜର ଦେଶର ତାରକା ସ୍ପିନର କୁଲଦୀପ ଯାଦବ ଓ ଜିମ୍ବାୱେରେ ଓପନିଂ ବ୍ୟାଟର ବ୍ରାଏନ ବେନେଟଙ୍କୁ ପଛରେ ପକାଇଛନ୍ତି। କୁଲଦୀପ ଏସିଆକପ୍‌ରେ ୧୭ଟି ୱିକେଟ ଅକ୍ତିଆର କରି ଭାରତକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଏସିଆକପ୍‌ରେ ଅଭିଷେକ ୭ଟି ମ୍ୟାଚ୍ ଖେଳିଥିଲେ। ସେ ୨୦୦ ଷ୍ଟ୍ରାଇକ୍‌ରେଟ୍ ୬ଟି ମ୍ୟାଚ୍‌ରେ ୩୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିଲେ। ସେ ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ। ସୁପର-୪ ପର୍ଯ୍ୟାୟରେ ସେ ପାକିସ୍ତାନ ବିପକ୍ଷରେ ୭୪ ଓ ବାଂଲାଦେଶ ବିପକ୍ଷରେ ୭୫ ରନର ଇନିଂସ ଖେଳିଥିଲେ। ଅନ୍ୟପଟେ ମହିଳା କ୍ରିକେଟରେ ଭରତୀୟ ବାହହାତୀ ବ୍ୟାଟର ସ୍ମୃତି ମନ୍ଧାନା ମଧ୍ୟ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ସେ ପାକିସ୍ତାନର ସିଦ୍ରା ଅମିନ ଓ ଦକ୍ଷିଣ ଆଫ୍ରିକାର ତାଜମିନ ବ୍ରିଟ୍‌ଜଙ୍କୁ ପଛରେ ପକାଇ ସେପ୍ଟେମ୍ବର ଶ୍ରେଷ୍ଠ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ମନ୍ଧାନା ଅଷ୍ଟ୍ରେଲିଆ ବିପକ୍ଷରେ ୩ଟି ଦିନିକିଆ ମ୍ୟାଚ୍ ଖେଳି ୨ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ଗତମାସରେ ସେ ୪ଟି ଦିନିକିଆ ଖେଳି ୭୭ ହାରରେ ୩୦୮ ରନ ସଂଗ୍ରହ କରିଥିଲେ।





## ୨୫ରୁ ମହିଳା କାୟାକିଂ ଓ କାନୋଇଂ ଲିଗ୍

କଟକ, ୧୬।୧୦ (ସମିସ): ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଆସନ୍ତା ୨୫ରୁ ଖେଲୋ ଇଣ୍ଡିଆ ମହିଳା କାୟାକିଂ ଓ କାନୋଇଂ ଲିଗ୍ ଆରମ୍ଭ ହେବ। କେବଳ ମହିଳା ପ୍ରତିଯୋଗୀଙ୍କୁ ନେଇ ହେବାକୁ ଥିବା ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ। ସମସ୍ତ ବୟସ ବର୍ଗର ଖେଳାଳି ଏଥିରେ ଅଂଶ ଗ୍ରହଣ କରିବେ। ଏପରିକି ଓଡ଼ିଶାରେ ଚାକିରି କରିଥିବା ଅନ୍ୟ ରାଜ୍ୟର ଜଳକ୍ରୀଡ଼ାବିତ୍ ମାନେ ମଧ୍ୟ ଭାଗ ନେଇ ପାରିବେ। ରାଜ୍ୟ ସଂଘର ସମସ୍ତ ଅନୁବନ୍ଧିତ ୟୁନିଟ୍‌କୁ ଏ ବାବଦରେ ସୂଚନା ଦିଆଯାଇଛି। ଏଭଳି ଲିଗ୍ ଆୟୋଜନ ଦ୍ୱାରା ଓଡ଼ିଶାରୁ କାୟାକିଂ ଓ କାନୋଇଂ ପ୍ରତିଭା ଚିହ୍ନଟ ହେବେ ବୋଲି ରାଜ୍ୟ ସଂଘ ସମ୍ପାଦକ ବିପିନ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

ବାରବାଟୀ ରଣଜୀ

## ରାଜେଶ ଧୂପର୍ ଶତକରୁ ବଞ୍ଚିତ

କଟକ,୧୬।୧୦(ସମିସ):

ବାରବାଟୀ ଷ୍ଟାଡିୟମର ଘରୋଇ ପରିବେଶରେ ବରୋଦାକୁ ଟକ୍କର ଦେବାରେ ଓଡ଼ିଶା ବିଫଳ ହୋଇଛି। ଓଡ଼ିଶାର ପାଳି ୨୭୧ରନରେ ସୀମିତ ରହିବା ପରେ ବରୋଦା ୨ ୱିକେଟ ହରାଇ ୧୨୭ରନ କରିଛି। ଓପନର ଶିବାଲିକ ଶର୍ମା ୭୫ରନରେ ଅପରାଜିତ ରହିଛନ୍ତି। ହାତରେ ୮ ୱିକେଟ ବାକି ରଖି ୧୪୪ରନରେ ପଛୁଆ ଥିବା ବରୋଦା ଏଠାରେ ଇନିଂସ ଅଗ୍ରଣୀ ଦିଗରେ ଅଗ୍ରସର ହେଉଛି। ଶୁକ୍ରବାର ଖେଳର ୩ୟ ଦିବସ। ବରୋଦାର ପ୍ରଥମ ଇନିଂସକୁ ଯଥାଶୀଘ୍ର ସମାପ୍ତ କରିବାକୁ ଓଡ଼ିଶା ଲକ୍ଷ୍ୟ ରଖିବ। ଓଡ଼ିଶାର ବୋଲିଂ ଆଗରେ ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳି ବରୋଦା ପ୍ରଥମ ଇନିଂସ ଅଗ୍ରଣୀ ଲକ୍ଷ୍ୟରେ ରହିଛି। ଓଡ଼ିଶା ଇନିଂସରେ ରାଜେଶ ଧୂପର ସର୍ବାଧିକ ୯୪ ରନ୍‌ରେ ଆଉଟ ହୋଇଥିଲାବେଳେ ମାତ୍ର ୬ ରନ୍ ଲାଗି ଶତକରୁ ବଞ୍ଚିତ ହୋଇଛନ୍ତି।

**ଓଡ଼ିଶା ୨୭୧/୧୦; ବରୋଦା ୧୨୭/୨**



ଓଡ଼ିଶାର ଅସମାପ୍ତ ପ୍ରଥମ ଇନିଂସ ୨୦୫/୫ରୁ ଗୁରୁବାର ଖେଳ ଆରମ୍ଭ ହୋଇଥିଲା। ୭୬ରନରେ ଅପରାଜିତ ଥିବା ରାଜେଶ ଧୂପରଙ୍କ ସହ କ୍ରିଜରେ ଯୋଗ ଦେଇଥିଲେ ୱିକେଟକିପର ଆଶୀର୍ବାଦ ସ୍ୱାଇଁ। ଉଭୟଙ୍କ ଭିତରେ ୪୫ରନର ଭାଗିଦାରୀ ସୃଷ୍ଟି ହୋଇଥିଲା। ତେବେ ୯୪ରନରେ ପହଞ୍ଚିଥିବା ରାଜେଶଙ୍କୁ ଏଲବିଡବ୍ଲ୍ୟୁ କରି ଅତୀତ ସେଠ୍ ଓଡ଼ିଶାକୁ ବଡ ଝଟ୍‌କା ଦେଇଥିଲେ। ୨୫୨ବଲ ସମ୍ମୁଖୀନ ହୋଇ ୭ଟି ଚୌକା ଓ ୨ଟି ଛକା ବଳରେ ରାଜେଶ ଏହି ଲଢୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଦଳୀୟ ସ୍କୋରରେ ଆଉ ୩ରନ୍ ଯୋଡ଼ି ହେବା ପରେ ଆଶୀର୍ବାଦ (୨୨ରନ) ପ୍ୟାଭିଲିୟନ ଫେରିଥିଲେ। ରାଜେଶ ମହାନ୍ତି ୮ରନ, ସୁନୀଲ ରାଉଳ ୯ରନ, ସୁମିତ ଶର୍ମା ଶୂନରେ ଆଉଟ ହେବା ସହ ଓଡ଼ିଶା ପାଳିର ପରିସମାପ୍ତି ଘଟିଥିଲା। ବରୋଦାର ଅତୀତ ୪ଟି ୱିକେଟ ହାସଲ କରିଥିବା ବେଳେ ରସିକ ସଲାମ ୩ଟି ଓ ଭାର୍ଗବ ଭଟ୍ଟ ୨ଟି ୱିକେଟ ଅକ୍ତିଆର କରିଛନ୍ତି। ରସିକ୍ ଓଡ଼ିଶାର ଶେଷ ୩ଟି ୱିକେଟ ନେବାରେ ସଫଳ ହୋଇଥିଲେ। ଜ୍ୟୋସ୍ନିଲ ସିଂହ ଓ ଶିବାଲିକ ଶର୍ମା ଓପନିଂ ଭାଗିଦାରୀରେ ୩୭ରନ ସଂଗ୍ରହ କରିଥିଲେ। ଅତ୍ୟନ୍ତ ଧୀମା ଗତିରେ ଖେଳୁଥିବା ଜ୍ୟୋସ୍ନିଲ ୧୨ରନ କରିଥିବା ବେଳେ ରନଆଉଟ ହୋଇ କ୍ରିଜ ଛାଡ଼ିଥିଲେ। ପରେ କ୍ରିଜକୁ ଆସିଥିବା ଶାଶ୍ୱତ ରାଉତ ଗୋବିନ୍ଦ ପୋଦ୍ଦାରଙ୍କ ସ୍ପିନ ଜାଲରେ ଫସିଥିଲେ। ମାତ୍ର ୮ରନରେ ସେ ୱିକେଟକିପର ଆଶୀର୍ବାଦଙ୍କ ହାତରେ ଧରା ପଡ଼ିଥିଲେ। ୫୧ରନରେ ପ୍ରଥମ ଦୁଇ ୱିକେଟ ହରାଇଥିବା ବରୋଦା ଦଳ ଓଡ଼ିଶା ବୋଲରଙ୍କୁ ଆଉ ସୁଯୋଗ ନଦେଇ ଦଳୀୟ ସ୍କୋରକୁ ୧୨୭ରେ ପହଞ୍ଚାଇଛି। ଶିବାଲିକ ୭୫ରନ ଏବଂ ସୁକୀର୍ତ୍ତି ପାଣ୍ଡେ ୩୨ରନରେ ଅପରାଜିତ ଅଛନ୍ତି। ଶିବାଲିକ୍ ଏହି ସ୍କୋର କରିବାକୁ ୧୬୬ଟି ଓ ସୁକୀର୍ତ୍ତି ୧୧୪ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଉଭୟ ଗୋଟିଏ ଲେଖାଏଁ ଛକା ମାରିଥିଲାବେଳେ ଶିବାଲିକ ୬ଟି ଓ ସୁକୀର୍ତ୍ତି ତାଙ୍କ ଇନିଂସରେ ୩ଟି ଚୌକା ମାରିଥିଲେ। ଓଡ଼ିଶାର ପ୍ରମୁଖ ବୋଲର ରାଜେଶ ମହାନ୍ତି, ସୁନୀଲ ରାଉଳ, ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କ ୱିକେଟ ଖାତା ଖାଲି ରହିଛି। କାମଚଲା ସ୍ପିନର ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ୱିକେଟ ମିଳିଛି। ଜ୍ୟୋସ୍ନିଲ ରନ୍ ଆଉଟ୍ ହୋଇଥିଲେ।

ୟୁନିଲାଇଟ୍ କପ୍

## ସେମିରେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍

ଭୁବନେଶ୍ୱର, ୧୬।୧୦ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ ଫୁଟବଲ ଏକାଡେମୀ ପଡିଆରେ ଚାଲିଥିବା ୟୁନିଲାଇଟ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲ ମୁକାବିଲାରେ ଓଡିଏମ୍ ୬-୫ ଟାଇବ୍ରେକର ଗୋଲରେ ଗଣ୍ଡରପୁରର ଅରବିନ୍ଦ ହାଇସ୍କୁଲକୁ ପରାସ୍ତକରି ସେମିକୁ ଉଠିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଗଣ୍ଡରପୁରର ଓମ୍ ସାଇ ସତ୍ୟଜିତ ଦଳାଇ ପେନାଲ୍ଟି ଜରିଆରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଗ୍ଲୋବାଲର ଆୟୁଷ ଖୋଗେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ମ୍ୟାଚ୍ ଅମୀମାଂସିତ ରହିବା ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଅତିଥି ଭାବେ ରାଜକମଲ ମଣ୍ଡଳ ଓ ଅରୁଣ କୁମାର ବଳିୟାରସିଂ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗଣ୍ଡରପୁର ଗୋଲରକ୍ଷକ ସତ୍ୟଜିତ ପଢିହାରୀଙ୍କୁ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ନବରଞ୍ଜନ ପଟ୍ଟନାୟକ, ଆଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ରାଜୁ ମହାନ୍ତି, ସରୋଜ ମହାରଣା, ଶେଖାୱତ ଖାନ୍, ଅମିତ ନାୟକ ଖେଳ ପରିଚାଳନା କରିଥିବା ବେଳେ ମ୍ୟାଚ୍ କମିଶନର ଭାବେ ଟି ମୋହନରାଓ ଦାୟିତ୍ୱ ସମ୍ପାଦନ କରିଥିଲେ। ଶୁକ୍ରବାର ଗ୍ଲୋବାଲ ହାଇସ୍କୁଲ ପଟିଆ ଓ ଜଟଣୀ ସରକାରୀ ସ୍କୁଲ ପରସ୍ପରକୁ ଭେଟିବେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS